

**ବ୍ୟଙ୍ଗ ପ୍ରମାଦ**

ମାଟି ତଳୁ ଖଣିଜ ସମ୍ପଦ
ସବୁ ନେଇ ଯିବେ ଲୁଟି
ରାଜ୍ୟ ଅଧିକାର ହାତରୁ ଗଲା
କେନ୍ଦ୍ର ହାତରେ ଚୁଟି
ଖଣିଜ ସମ୍ପଦ କମ୍ପାନୀ ନେବେ
ପରିବେଶ ହେବ କ୍ଷତି
ଧୂଳି ଧୂଆଁରେ ଛଟପଟ ହେବୁ
ଓଡ଼ିଆ ଖଟିବ ବେଠି

# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)
ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା • ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •
Follow Us : Our Digital News Channel
: Janabartta Live
www.janabartta.com
epaper.janabartta.com

30 AUGUST to 05 SEPTEMBER 2026
୩୦ ଅଗଷ୍ଟ ଠାରୁ ୦୫ ସେପ୍ଟେମ୍ବର, ୨୦୨୬

VOL- 1 • ISSUE- 28 ବର୍ଷ-୧ • ସଂଖ୍ୟା- ୨୮ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଛାତ୍ର ବା ଯୁବ ଆନ୍ଦୋଳନକୁ ସବୁ ରାଜନୈତିକ ଦଳ ଭୟ କରନ୍ତି । ଆଜି ସମସ୍ତେ ଅସରପା ଜନତା ଦଳକୁ ଦେଖି ମନେ କରୁଛନ୍ତି ଯେ 'ଜେନ-ଜି' ହିଁ ସବୁଠାରୁ ଭୟଙ୍କର ଜୀବ । କିନ୍ତୁ ଇତିହାସକୁ ଅଧ୍ୟୟନ କଲେ ଜଣାଯାଏ ଯେ, ଯୁବଶକ୍ତିକୁ ବର୍ଣ୍ଣମାଳାର କୌଣସି ଗୋଟିଏ ଅକ୍ଷରରେ ସୀମିତ କରି ରଖିହେବ ନାହିଁ । ବିଜୁ-ବିରେନ-ରାଉତରାୟଙ୍କ ବିରୁଦ୍ଧରେ ହେଉ ବା ନବ ନିର୍ମାଣ ସମିତି, ନେପାଳ ହେଉ ବା ଶ୍ରୀଲଙ୍କା, ମଣ୍ଡଳ କମିଶନ ବିରୁଦ୍ଧରେ ହେଉ ବା 'ଦୁର୍ନୀତି ବିରୁଦ୍ଧରେ ଭାରତ' ସବୁଠାରେ ଯୁବଶକ୍ତିର ମହାବାତ୍ୟା ସମ୍ମୁଖରେ ତତ୍କାଳୀନ ସରକାର ହାର ମାନି ଯାଇଛନ୍ତି । ଯେତେବେଳେ ତାହା ଶକ୍ତି ଗୋଟାଇବା ଆରମ୍ଭ କରେ ସେତେବେଳେ ବହୁ ଦଳ, ସଂଗଠନ, ଏପରିକି ବୈଦେଶିକ ଶକ୍ତି ତା'କୁ ଇନ୍ଧନ ଯୋଗାନ୍ତି । ସରକାରର ପତନ ହୁଏ, ମନ୍ତ୍ରୀ ଇସ୍ତଫା ଦିଅନ୍ତି, ଦିନେ ଯୁବଶକ୍ତି ମହାବାତ୍ୟା ଭଳି ଉଭାନ ହୋଇଯାଏ । ବିଭୀଷିକା ମଧ୍ୟରେ ନୂଆ କଳେବର ଶାସନ ଗାଦିରେ ବସେ । କିଛିଦିନ ତୁମ୍ବି ତୋଫାନ ଚାଲେ । ତା' ପରେ ଧୀରେ ଧୀରେ ପୁରୁଣା ଢାଞ୍ଚା ଫେରି ଆସେ । କିନ୍ତୁ ଯୁବଶକ୍ତିର ଭୂମିକା କଅଣ ଏୟା? ସତ୍ତା ପରିବର୍ତ୍ତନ ପାଇଁ ଏହା କ'ଣ ଏକ ହାତବାରିସି ମାତ୍ର ?



**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

'ଜନ ଜାଗରଣ ଅଭିଯାନ'ର ଉଦ୍ଦେଶ୍ୟ ହେଲା ଯୁବଶକ୍ତିକୁ ଭଙ୍ଗାରୁଜା ପାଇଁ ନୁହେଁ, ସମାଜ ଗଠନରେ ବ୍ୟବହାର କରିବା । ସମାଜର ପୁର୍ନବିନ୍ୟାସ କହିଲେ କ'ଣ ବୁଝାଯାଏ ? ଗତ ସପ୍ତାହରେ ଆମେ ଆଲୋଚନା କରିଥିଲେ, କିଭଳି ଭଲ ଲୋକଙ୍କୁ ନେଇ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପରିବେଶ– ଏ ସବୁଥିରେ ବ୍ୟାପକ ପରିବର୍ତ୍ତନ ଅଣାଯାଇ ପାରିବ । ଆଜି ଆମେ ସମାଜର ଆଉ ଏକ ବ୍ୟାଧି ବିଷୟରେ ଆଲୋଚନା କରିବା, ଯାହାକି ଆମକୁ ଏକ ବିଷ ବଳୟ ମଧ୍ୟରେ ବାନ୍ଧି ରଖିଛି । ତାହା ହେଉଛି ଦୁର୍ନୀତି ।

ଆଜି ଯେ, କୌଣସି ଅଫିସ କୁ ଗଲେ ଦୁର୍ନୀତିର ଗନ୍ଧ ବାରି ହୋଇପଡ଼େ । ଯେଉଁ କାର୍ଯ୍ୟ ଆପଣା ଛାଏଁ ହେବା କଥା, ତାହା ବିନା ଉତ୍କୋଚରେ ହେଉ ନାହିଁ । ଦୁର୍ନୀତିର ଚେର ଭିତରକୁ ଭିତରକୁ ଚାଲି ଯାଉଛି । ଖବରକାଗଜ ସମ୍ବାଦରୁ ଜଣାଯାଉଛି ଯେ, ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଙ୍କର ସମ୍ପତ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଛି । କାହାର ବହୁତଳ ପ୍ରାସାଦ ତ କାହାର ୧୦ରୁ ୧୨ ପର୍ଯ୍ୟନ୍ତ ପ୍ଲଟ, ତାହା ପୁଣି ନାମୀ ସହରରେ । କାହାର କୋଟି କୋଟି ଟଙ୍କାର ନଗଦ ଟଙ୍କା ତ କାହାର କେଜି କେଜି ସୁନା । ସତେ ଯେପରି ଏକ ଖୋଲା ପ୍ରତିଯୋଗିତା ଚାଲିଛି ଅନୈତିକ ସମ୍ପତ୍ତି ଠୁଳ କରିବାରେ । ଯେତିକି ଚଢ଼ାଉ ବଢ଼ୁଛି ସେତିକି ଅନୈତିକ ସମ୍ପତ୍ତି ମଧ୍ୟ ବଢ଼ୁଛି ।

ଯେ କୌଣସି କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ସେଥିରୁ ଏକ ବଡ଼ ଅଂଶ ବାଟ ମାରଣା ହୋଇଯାଏ । ବନ୍ୟା, ବାତ୍ୟା ସମୟରେ ଲୋକଙ୍କ ନିକଟରେ ରିଲିଫ ପହଞ୍ଚିବା ପୂର୍ବରୁ ତାହା ଅଦୃଶ୍ୟ ହୋଇଯାଏ । ଜୀବିକା ଅର୍ଜନ ପାଇଁ ଦିଆଯାଉଥିବା ସାହାଯ୍ୟ ହଡ଼ପ ହୋଇଯାଏ । କାର୍ଡ଼ରେ ମିଳୁଥିବା ଚାଉଳ ପ୍ରତି ମାସ ମିଳେ ନାହିଁ । କାମ ନ ହୋଇ ବିଲ ପାସ ହୋଇଯାଏ । ପାଞ୍ଚ ଟଙ୍କାର ଜିନିଷ ପାଇଁ ପଚିଶ ଟଙ୍କା ଖର୍ଚ୍ଚ ହୁଏ ।

ପ୍ରଶ୍ନପତ୍ର ଲିକ ହେବା, ପରୀକ୍ଷା ବାତିଲ ହେବା, ଚାକିରି ବିକ୍ରୀ ହେବା – ଏ ସବୁ ସମସ୍ତଙ୍କର ଦେହ ସୁହା ହୋଇ ଗଲାଣି । ତାହା ହିଁ ଉଦ୍‌ବେଗର କାରଣ । ଯୁବକ/ଯୁବତୀମାନେ ମଧ୍ୟ ଏହାର ଶିକାର ହେବାକୁ ଲାଗିଲେଣି । ଦୁର୍ନୀତିକୁ ବିରୋଧ କରିବା ବଦଳରେ ସେମାନେ ତାହାର ଅଂଶୀଦାର ହେବାକୁ ବସିଲେଣି । କାହାକୁ ଟଙ୍କା ଦେଲେ ପ୍ରଶ୍ନ ପତ୍ର ମିଳିଯିବ, କାହାକୁ ଧରିଲେ ଚାକିରି ମିଳିଯିବ – ଏହି ଚିନ୍ତାଧାରା ଯୁବପୀଢ଼ିକୁ ଗ୍ରାସ କଲାଣି । 'ଜନ ଜାଗରଣ ଅଭିଯାନ'ର ଉଦ୍ଦେଶ୍ୟ ହେଲା ଏଥିରେ ପୂର୍ଣ୍ଣଛେଦ ପକାଇବା । ଏହାର ଆରମ୍ଭ କେଉଁଠି?

ପ୍ରଥମେ ଏହି ଅଭିଯାନର ସୈନ୍ୟ ବାହିନୀ ଗଢ଼ିବାକୁ ହେବ । ସୈନ୍ୟ ବାହିନୀ ଗଢ଼ିବାକୁ ହେଲେ ପ୍ରଥମେ ସେନାପତିମାନଙ୍କୁ ଚୟନ କରିବାକୁ ହେବ, ଯେଉଁମାନେ ନିଜେ ଲୋଭର ବଶବର୍ତ୍ତୀ ହେବେ ନାହିଁ । ଯଦି ଓଡ଼ିଶାର ପ୍ରତି ଜିଲ୍ଲାରେ ଦୁର୍ନୀତି ବିରୋଧୀ ବାହିନୀର ସେନାପତି ବାହାରନ୍ତି, ତେବେ ସେମାନେ ବ୍ଲକ ଓ ପଂଚାୟତସ୍ତରରେ ସେମାନଙ୍କର ଅନୁଗାମୀମାନଙ୍କୁ ଚୟନ କରି ନେବେ । କେତେକ ବ୍ୟକ୍ତିଙ୍କ ମନରେ ସନ୍ଦେହ ରହିଛି ଯେ, ଆଜିକା ଦିନରେ ଦୁର୍ନୀତିକୁ ବିରୋଧ କଲା ଭଳି ନେତୃତ୍ୱ ମିଳିବା ସମ୍ଭବ ନୁହେଁ । ସମସ୍ତେ ଦୁର୍ନୀତି ପିଠାର କିଛିଟା ଅଂଶ ପାଇବା ପାଇଁ ବ୍ୟାକୁଳ । ନିକଟ ଅତୀତରେ ଘଟିଥିବା ଯନ୍ତର-ମନ୍ତରସ୍ଥିତ ଆନ୍ଦୋଳନ ଏହି ସନ୍ଦେହକୁ ଦୂର କରି ଦେଇଛି । ଏହା ପ୍ରମାଣ କରିଦେଇଛି ଯେ, ଭାରତର ଯୁବଶକ୍ତି ସଚ୍ଚୋଟତାର ସୈନିକ, ଦୁର୍ନୀତିର ନୁହେଁ । ଯଦି ସେମାନେ ଲୋଭର ବଶବର୍ତ୍ତୀ ହୋଇଥାଆନ୍ତେ, ତାହା ହେଲେ ସେମାନଙ୍କୁ କିଣିବାକୁ କେତେ ସମୟ ଲାଗି ଥାଆନ୍ତା ? ଆଜି ମଧ୍ୟ ପ୍ରତ୍ୟେକ ଯୁବକ ଯୁବତୀ ଜାଣେ ଯେ, ତାର ଭବିଷ୍ୟତ ସଚ୍ଚୋଟତା ଉପରେ ପ୍ରତିଷ୍ଠିତ । ସେ ଜାଣେ ଯେ, ଯଦି ସମାଜର ପ୍ରତ୍ୟେକ ଅଙ୍ଗ ଦୁର୍ନୀତିଗ୍ରସ୍ତ ହୋଇଯିବ ତେବେ ତାହା ପଙ୍ଗୁ ହୋଇଯିବ । ସେ କେବଳ ଚାହେଁ ଏକ ମଞ୍ଚ, ଏକ ଅନୁଷ୍ଠାନ ଯେଉଁଠି ସେ ପାଇବ ତା'ର ସମଭାବାପନ୍ନ ବନ୍ଧୁ ବା ବାନ୍ଧବୀ । ସେହି ଅନୁଷ୍ଠାନଟି ହେଉଛି 'ଜନ ଜାଗରଣ ଅଭିଯାନ' ।

## 'ଜନ ଜାଗରଣ ଅଭିଯାନ'ର ଆଭିମୁଖ୍ୟ

ଏଇ ଅଭିଯାନ ଆରମ୍ଭ ହେବ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ । ଗ୍ରାମ ପଞ୍ଚାୟତକୁ ଆସୁଥିବା ଅର୍ଥର ହିସାବ ଗ୍ରାମସଭାରେ ଉପସ୍ଥାପିତ ହେବା ଉଚିତ । ଆଜିକାଲି ଅନେକ କାମ ଏଭଳି ନିମ୍ନ ମାନରେ ହେଉଛି ଯେ, କାମଟି ସରିବା ପୂର୍ବରୁ ଭାଙ୍ଗି ଯାଉଛି । ଗ୍ରାମବାସୀ ଏ ବିଷୟରେ ଆଲୋଚନା କରୁଛନ୍ତି, କିଏ ଦୋଷୀ ତାହା ଜାଣୁଛନ୍ତି । କିନ୍ତୁ ସେମାନେ ଉପାୟଶୂନ୍ୟ । କାହାକୁ ଗୁହାରି କରିବେ ? ଅନେକ କାର୍ଯ୍ୟ ପାଇଁ ସାମାଜିକ ଅଡିଟର ବ୍ୟବସ୍ଥା ଅଛି । କିନ୍ତୁ ତାହା କାଗଜ କଲମରେ ସୀମିତ ହୋଇ ରହିଯାଉଛି । କାରଣ ଯେଉଁମାନେ ପାଟି ଫିଟାଉଛନ୍ତି, ସେମାନେ ପରବର୍ତ୍ତୀ ସମୟରେ ସେଥିରେ ସାମିଲ ହୋଇ ଯାଉଛନ୍ତି । କେବଳ ନିର୍ମାଣ କାର୍ଯ୍ୟ ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପରିବେଶ ସୁରକ୍ଷା, ଶାନ୍ତି ପ୍ରତିଷ୍ଠା – ଏ ସବୁଥିରେ ପଞ୍ଚାୟତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାର ସମାଧାନ କେବଳ ଯୁବପିଢ଼ି ନିକଟରେ ଅଛି । ଯଦି ସେମାନେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କର ଇସ୍ତଫା ହାସଲ କରି ପାରିଲେ, ତେବେ ସରପଞ୍ଚ ଅବା କିଏ ? ଯଦି ଗୋଟିଏ ପଞ୍ଚାୟତରେ ଶହେ ଜଣ ଯୁବକ/ଯୁବତୀ ଆଗେଇ ଆସନ୍ତି ତାହା ହେଲେ ପଂଚାୟତ ଏକ ଉତ୍ତରଦାୟୀ ଅନୁଷ୍ଠାନରେ ପରିଣତ ହୋଇଯିବ । ସମ୍ବିଧାନ ସଂଶୋଧନ କରି ପଞ୍ଚାୟତକୁ କ୍ଷମତାର ବିକେନ୍ଦ୍ରୀକରଣ କରାଯିବା ପଛରେ ଏହି ମହତ ଉଦ୍ଦେଶ୍ୟ ରହିଛି ଯେ, ତାହା ଏକ କ୍ରିୟାଶୀଳ, ଲୋକାଭିମୁଖୀ, ଉତ୍ତରଦାୟୀ ଅନୁଷ୍ଠାନ ହେବ । ତାହା ହିଁ ଗଣତନ୍ତ୍ରର ମୂଳଦୁଆ ।

ଗ୍ରାମ ପଂଚାୟତ ଭଳି ପ୍ରତ୍ୟେକ ସହରାଞ୍ଚଳରେ ନିର୍ବାଚିତ ଅନୁଷ୍ଠାନମାନ ରହିଛି ଯଥା ଏନ୍‌ଏସି, ମ୍ୟୁନିସିପାଲିଟି, କର୍ପୋରେସନ ଇତ୍ୟାଦି । ସବୁଗୁଡ଼ିକ ସ୍ୱାୟତ୍ତ ଶାସନର ଗୋଟିଏ ଗୋଟିଏ ବ୍ୟବସ୍ଥା । ଯୁବବାହିନୀ ସେଗୁଡ଼ିକୁ ମଧ୍ୟ ସକ୍ରିୟ କରିପାରିବ, ଉତ୍ତରଦାୟୀ କରିପାରିବ । ସବୁ ପଂଚାୟତ ଭଳି ସବୁ ସହରାଞ୍ଚଳରେ ମଧ୍ୟ କାଉନସିଲରମାନେ, କର୍ପୋରେଟରମାନେ, ଚେୟାରମାନମାନେ, ମେୟରମାନେ ତାଙ୍କର ଅଞ୍ଚଳର ଭୋଟରମାନଙ୍କୁ ଉତ୍ତରଦାୟୀ ହେବା ଉଚିତ । ଯେଉଁ ଟିକସ ସେମାନେ ସଂଗ୍ରହ କରୁଛନ୍ତି, ତାହାର ହିସାବ ଦେବା ଉଚିତ । ସେମାନେ ଚଲାଉଥିବା ସ୍କୁଲ ଓ ସ୍ୱାସ୍ଥ୍ୟାନୁଷ୍ଠାନ ଗୁଡ଼ିକ କିପରି ଚାଲୁଛି ତାହାର ବିବରଣୀ ଦେବା ଉଚିତ । ପରିମଳ, ଜଳ ଯୋଗାଣ, ରାସ୍ତାଘାଟ, ଜଳ ନିଷ୍କାସନ – ଏ ସବୁ ବିଷୟରେ ଲୋକଙ୍କୁ ଅବଗତ କରିବା ଉଚିତ । ଏହାର ଜାଗ୍ରତ ପ୍ରହରୀ ହେବେ 'ଜନ ଜାଗରଣ'ର ସେନାପତିମାନେ ।

ଯଦି ପଂଚାୟତ ଓ ଏନଏସି ତଥା ମ୍ୟୁନିସିପାଲିଟି ତଦାରଖ କରିବା ପାଇଁ ଗୋଟିଏ ଗୋଟିଏ ବାହିନୀ ସୃଷ୍ଟି ହୋଇଯିବ । ତେବେ ଅନ୍ୟାନ୍ୟ ଅଫିସ ରେ ମଧ୍ୟ ସ୍ୱଚ୍ଛତା ଆସିଯିବ । କିନ୍ତୁ ଯଦି ବାହିନୀ ମଧ୍ୟରେ ଅବାଞ୍ଛିତ ବ୍ୟକ୍ତି ସ୍ଥାନ ପାଆନ୍ତି ଓ ଦୁର୍ନୀତି ସହ ସାଲିସ କରନ୍ତି ତେବେ ଅଭିଯାନଟି ଭଣ୍ଡୁର ହୋଇଯିବ । ମନେ ରଖିବାକୁ ହେବ ଯେ, ବାହିନୀର ଶତ୍ରୁମାନେ ବହୁତ ବଳବାନ । ତାଙ୍କ ପାଖରେ ସରକାରୀ କଳର ଅସ୍ତ୍ର ଅଛି, ଅର୍ଥ ଅଛି, ବାହୁବଳ ଅଛି । ଜଣେ ବ୍ୟକ୍ତି ଯେତେ ସ୍ୱଚ୍ଛ ହୋଇଥାଉ ନା କାହିଁକି, ସେ ଉକ୍ତ ଅସୁରମାନଙ୍କର ମୁକାବିଲା କରିପାରିବ ନାହିଁ । ସେଥିପାଇଁ ଏକ ଅନୁଷ୍ଠାନର ଆବଶ୍ୟକତା ଅଛି । ଏହା ମଧ୍ୟ ସତ୍ୟ ଯେ ସେଭଳି ଅନୁଷ୍ଠାନର ଅଭାବ ନାହିଁ । ସେ ସମସ୍ତେ ଏହି ଅଭିଯାନର ସହଯାତ୍ରୀ ହୋଇପାରିବେ । କିନ୍ତୁ ଏହାର ସେନାପତି ହେବେ ଯୁବକ/ଯୁବତୀମାନେ, ଯେଉଁମାନେ ନିଜର ଭବିଷ୍ୟତ ପାଇଁ ସଂଗ୍ରାମ କରିବେ, ଏକ ସାଲିସ ବିହୀନ ସଂଗ୍ରାମ ।

'ଜନ ଜାଗରଣ ଅଭିଯାନ'ର ଆଉ ଏକ ଲକ୍ଷ୍ୟ ହେବ ସମସ୍ତ ନିର୍ବାଚନକୁ ଦୁର୍ନୀତିମୁକ୍ତ କରିବା । ପଂଚାୟତ ହେଉ ବା ସହରାଞ୍ଚଳର ସଂସ୍ଥା – ଏ ଗୁଡ଼ିକ ସ୍ୱଚ୍ଛ ହେବ ଯଦି ଜନସାଧାରଣ ତାହାର ନିର୍ବାଚନକୁ ଦୁର୍ନୀତିମୁକ୍ତ କରନ୍ତି । ଆଜି ଲକ୍ଷ୍ୟ କରାଯାଉଛି ଯେ, ଯେ କୌଣସି ନିର୍ବାଚନ ହେଉ ଗ୍ରାମାଞ୍ଚଳ ବା ସହରାଞ୍ଚଳ – ସବୁଠାରେ ପ୍ରତ୍ୟେକ ପଦବୀ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଯେଉଁ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଜିତେ, ସେ ନିର୍ବାଚନ ପରେ ତାହାର ଅନେକ ଗୁଣରେ ସେହି ଟଙ୍କା ଆଦାୟ କରିବ । ଏଥିରେ ବିସ୍ମିତ ହେବାର କୌଣସି କାରଣ ନାହିଁ । ତେଣୁ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ହେଲେ ପ୍ରଥମେ ଜନସାଧାରଣଙ୍କୁ ସଚେତନ କରିବାକୁ ହେବ ଯେ, ନିର୍ବାଚନ ଅବାଧ ଓ ମୁକ୍ତ ନ ହେଲେ ସେମାନଙ୍କର ଅଧିକାରର ସୁରକ୍ଷା ହୋଇ ପାରିବ ନାହିଁ । ପ୍ରକାଶ ଥାଉ କି, ନିର୍ବାଚନକୁ ସ୍ୱଚ୍ଛ ରଖିବା ପାଇଁ ନିର୍ବାଚନ କମିଶନଗୁଡ଼ିକ ଅନେକ ବ୍ୟବସ୍ଥା କରିଛନ୍ତି । କିନ୍ତୁ ପ୍ରତ୍ୟେକ ନିର୍ବାଚନ ତାହାର ପୂର୍ବ ନିର୍ବାଚନଠାରୁ ଆହୁରି ଆହୁରି କଳୁଷିତ ହୋଇଯାଉଛି । ଏହାର ସମାଧାନ ମଧ୍ୟ ଯୁବପିଢ଼ି ହାତରେ ରହିଛି । ସେମାନେ ହିଁ ହେବେ ସମାଜର ଜାଗ୍ରତ ପ୍ରହରୀ ।

ଆଗାମୀ ସପ୍ତାହରେ ଏ ସମ୍ପର୍କରେ ଅଧିକ ଆଲୋଚନା କରିବା ।

# ନେପାଳରେ ବନ୍ୟା ମହାବିପତ୍ତି

## ୫୮୦ରୁ ଅଧିକ ମୃତ ଦେହ ଉଦ୍ଧାର | ନିଖୋଜଙ୍କୁ ଖୋଜୁଛି ପ୍ରଶାସନ



- ସୁରକ୍ଷିତ ଫେରିଲେ ଓଡ଼ିଆ ଇଞ୍ଜିନିୟର, ଭାସିଗଲେ ସ୍ତ୍ରୀ ଓ ୨ ବର୍ଷର ଝିଅ
- ଖୋର୍ଦ୍ଧାର ଓଡ଼ିଆ ଦମ୍ପତି ନିଖୋଜ
- ପୁରୀର ପର୍ଯ୍ୟଟକ ସୁରକ୍ଷିତ ଉଦ୍ଧାର

ନେପାଳ,୨୯/୦୮: ନେପାଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ବିପର୍ଯ୍ୟୟ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଏହି ଜଳ ପ୍ରଳୟରେ ଓଡ଼ିଶାର ଏକ ପରିବାର ଏବଂ ଅନ୍ୟ କେତେକ ଓଡ଼ିଆ ନିଖୋଜ ହେବା ଖବର ସାମ୍ନାକୁ ଆସିବା ପରେ ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ବରଗଡ଼ ଜିଲ୍ଲା ସରଲା ଜାମପାଲି ଗାଁର ଗୁନ୍ନମ ଜୟକ୍ରିଷ୍ଣା ନେପାଳର ଏକ ହାଇଡ୍ରୋ ପ୍ରୋଜେକ୍ଟରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ଏବଂ ସେଠାରେ ନିଜ ପରିବାର ସହ ରହୁଥିଲେ । ବିପର୍ଯ୍ୟୟ ସମୟରେ ଜୟକ୍ରିଷ୍ଣା କାର୍ଯ୍ୟକ୍ଷେତ୍ରର ଏକ ଉଚ୍ଚ ସ୍ଥାନରେ ଥିବାରୁ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି । କିନ୍ତୁ ଭୟଙ୍କର ବନ୍ୟା ମାଡ଼ିଆସିବା ଯୋଗୁଁ ତାଙ୍କ ପତ୍ନୀ ଗୁନ୍ନମ ସାଇ ବିନ୍ଦୁ କୁମାରୀ ଏବଂ ୨ ବର୍ଷର ଶିଶୁ କନ୍ୟା ହରିକ୍ଷା ରହୁଥିବା ଗାଁ ସମ୍ପୂର୍ଣ୍ଣ ଭାସିଯାଇଛି, ଯାହାଫଳରେ ସେମାନେ ନିଖୋଜ ଅଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି । ୨୦୧୮ ମସିହାରୁ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ରହୁଥିବା ଓଡ଼ିଶାର ସନ୍ଦୀପ ମହାପାତ୍ର ଓ ସିଦ୍ଧାର୍ଥୀ କୁମାରୀ ସାହୁ ନେପାଳକୁ ବୁଲିବାକୁ ଯାଇଥିବା ବେଳେ ବନ୍ୟା ଯୋଗୁଁ ନିଖୋଜ ହୋଇଯାଇଛନ୍ତି । ସେମାନଙ୍କ ଶେଷ ଲୋକେସନ ଇମିଗ୍ରେସନ ଅଫିସ ନିକଟରେ ଦେଖାଇବା ପରେ ଫୋନ ସମ୍ପୂର୍ଣ୍ଣ ବନ୍ଦ ରହିଛି । ତେବେ ପୁରୀରୁ ଯାଇଥିବା ୩ ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ◥ ପୃଷ୍ଠା-୭

**ରେଭେନ୍ସାରେ ଅଧ୍ୟାପକଙ୍କ ଗଣଛୁଟି**

## ଲୋୟର ପିଏମଜିରେ ଶିକ୍ଷକ ସଂଘର ଗର୍ଜନ

ଭୁବନେଶ୍ୱର, ୨୯/୦୮ (ଜେଏନ୍‌ଏସ୍) : ଓଡ଼ିଶାରେ ଶିକ୍ଷକ ଏବଂ ଶିକ୍ଷାଗତ ଆନ୍ଦୋଳନକୁ ନେଇ କିଛି ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଯେଉଁଥିରେ ସ୍କୁଲଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ ଜାରି ରହିଛି । କଟକର ପ୍ରସିଦ୍ଧ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସଂଘ ପକ୍ଷରୁ କ୍ୟାମ୍ପସରେ ବାହ୍ୟ ତଥା ରାଜନୈତିକ ହସ୍ତକ୍ଷେପକୁ ବିରୋଧ କରି ଶୁକ୍ରବାର ଦିନ ଗଣଛୁଟି ନିଆଯାଇଛି । ସ୍ଥାନୀୟ ବିଧାୟକଙ୍କ ସହ ହୋଇଥିବା ବିବାଦ ଏବଂ ହଷ୍ଟେଲ ପ୍ରଶାସନରେ ପରିବର୍ତ୍ତନକୁ ନେଇ ପ୍ରାୟ ୮୮ ଜଣ ଅଧ୍ୟାପକ କଳା ବ୍ୟାଜ୍ ପିନ୍ଧି କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଶିକ୍ଷାନୁଷ୍ଠାନକୁ ରାଜନୀତିମୁକ୍ତ ରଖିବା ସହ ଶିକ୍ଷକଙ୍କ ସମ୍ମାନ ରକ୍ଷା ପାଇଁ ସେମାନେ ଦାବି କରିଛନ୍ତି । ଭୁବନେଶ୍ୱର ଲୋୟର ପିଏମଜି ଠାରେ ଓଡ଼ିଶା ସ୍କୁଲ, କଲେଜ, ଶିକ୍ଷକ ଓ ◥ ପୃଷ୍ଠା-୭

## ମହଙ୍ଗା ହେଲା ସିଏନ୍‌ଜି ଦର

ନୂଆଦିଲ୍ଲୀ,୨୯/୦୮ (ଜେଏନ୍‌ଏସ୍): ଆଜି ଅଗଷ୍ଟ ୨୯, ୨୦୨୬ (ଶନିବାର) ସକାଳ ୬ଟାରୁ ଦିଲ୍ଲୀ ଏବଂ ଏହାର ଆଖପାଖ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ରେ ସିଏନ୍‌ଜିର ଦାମ ପ୍ରତି କିଲୋଗ୍ରାମ ପିଛା ୩.୮୯ ଟଙ୍କା ବୃଦ୍ଧି ପାଇଛି । ଏହି ନୂଆ ଦର ବୃଦ୍ଧି ଫଳରେ ଦିଲ୍ଲୀରେ ସିଏନ୍‌ଜିର ଖୁଚୁରା ମୂଲ୍ୟ ୮୩.୦୯ ଟଙ୍କାରୁ ବଢ଼ି ୮୬.୯ ଟଙ୍କା ପ୍ରତି କିଲୋଗ୍ରାମ ହୋଇଯାଇଛି । ପ୍ରମୁଖ ଗ୍ୟାସ ବିତରକ ସଂସ୍ଥା ଇନ୍ଦ୍ରପ୍ରସ୍ଥ ଗ୍ୟାସ ଲିମିଟେଡର ସୂଚନା ଅନୁଯାୟୀ, ଦିଲ୍ଲୀ ବ୍ୟତୀତ ଏନସିଆରର ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ନୂଆ ଦର ଲାଗୁ କରାଯାଇଛି । ଦିଲ୍ଲୀରେ ୮୬.୯୮ଟଙ୍କା, ନୋଏଡା ଓ ଗାଜିଆବାଦରେ ୯୫.୫୯ଟଙ୍କା, ଗୁରୁଗ୍ରାମରେ ୯୨.୦୧ଟଙ୍କା, ମିରଟରେ ୯୫.୪୭ ଟଙ୍କା ରହିଛି । ଜୁଲାଇ ମାସଠାରୁ ମଧ୍ୟପ୍ରାଚ୍ୟ କିମ୍ବା ପଶ୍ଚିମ ଏସିଆରେ ଉପୁଜିଥିବା ଯୁଦ୍ଧ ପରିସ୍ଥିତି କାରଣରୁ ଅନ୍ତର୍ଜାତୀୟ ◥ ପୃଷ୍ଠା-୭

**କିଲୋ ପିଛା ୪ ଟଙ୍କା ବଢ଼ିଲା**

## ଓଡ଼ିଶା ଆଡ଼କୁ ମାଡ଼ି ଆସୁଛି ଲଘୁଚାପ

ଭୁବନେଶ୍ୱର,୨୯/୦୮ (ଜେଏନ୍‌ଏସ୍): କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଆଡ଼କୁ ଅଗ୍ରସର ହେଉଥିବାରୁ ରାଜ୍ୟରେ ପାଣିପାଗ ସମ୍ପୂର୍ଣ୍ଣ ବଦଳିଯାଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜିଠାରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ପାଇଁ ୬ଟି ଜିଲ୍ଲା ତଥା ପୁରୀ, ଖୋର୍ଦ୍ଧା (ଭୁବନେଶ୍ୱର ସମେତ), ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ଗଞ୍ଜାମ ଆଦି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ୧୨ ଜିଲ୍ଲାକୁ ୟେଲୋ ଆଲର୍ଟ କରାଯାଇଛି । ଏହା ବ୍ୟତୀତ ପ୍ରବଳ ◥ ପୃଷ୍ଠା-୭

**ଆଜିଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା, ୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ**

**ଜି ଗ୍ରୁପ୍' ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ରଙ୍କ ଋଣ ଛାଡ଼କୁ ନେଇ ଜୋରଦାର ଚର୍ଚ୍ଚା**

## ୨୨,୦୦୦ କୋଟି ବଦଳରେ ମାତ୍ର ୬.୫ କୋଟି



- ବ୍ୟାଙ୍କ ଗୁଡ଼ିକର ୯୯.୯୭% ଆର୍ଥିକ କ୍ଷତି
- ସୁଭାଷଙ୍କ ସ୍ପଷ୍ଟୀକରଣ: ୪୩,୦୦୦ କୋଟି ପୂର୍ବରୁ ଫେରସ୍ତ

ନୂଆଦିଲ୍ଲୀ,୨୯/୦୮ (ଜେଏନ୍‌ଏସ୍): ଜି ଗ୍ରୁପର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ରଙ୍କ ୨୨,୦୦୬ କୋଟି ଟଙ୍କାର ବ୍ୟକ୍ତିଗତ ଗ୍ୟାରେଣ୍ଟି ମାମଲାରେ ବ୍ୟାଙ୍କ ଏବଂ ଅଦାଲତୀୟ ପ୍ରକ୍ରିୟାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଦେଶର ପ୍ରମୁଖ ବ୍ୟବସାୟିକ ଅଦାଲତ ଏନ୍‌ସିଏଲ୍‌ଟିର ମୁମ୍ବାଇ ବେଞ୍ଚ ସୁଭାଷ ଚନ୍ଦ୍ରଙ୍କ ଦେବାଳିଆ ସମାଧାନ ପ୍ରକ୍ରିୟାକୁ ମଞ୍ଜୁରୀ ଦେଇଛନ୍ତି । ଏହି ନିଷ୍ପତ୍ତି ପରେ ସୋସିଆଲ ମିଡିଆ ଏବଂ ଆର୍ଥିକ ଜଗତରେ ଏକ ବଡ଼ ବିବାଦ ଉଠିଛି, କାରଣ ବ୍ୟାଙ୍କଗୁଡ଼ିକ ପ୍ରାୟ ୯୯.୯୭% ର କ୍ଷତି ସହିବାକୁ ରାଜି ହୋଇଛନ୍ତି । ବ୍ୟାଙ୍କଗୁଡ଼ିକ କୋର୍ଟରେ ଦାଖଲ କରିଥିବା ଦାବି ଏବଂ ପ୍ରକୃତରେ ମିଳିବାକୁ ଥିବା ଅର୍ଥ ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି । ବ୍ୟାଙ୍କଗୁଡ଼ିକର ମୋଟ ଦାବି ୨୨,୦୦୬.୪୪ କୋଟି ଟଙ୍କା ୧୦୦% ଥିବା ବେଳେ କୋର୍ଟ ୧୮.୧୪% ହିସାବରେ ୩,୯୯୨.୬୦ କୋଟି ଟଙ୍କାକୁ ସ୍ୱୀକୃତି ଦେଇଛି । ଜି ଗ୍ରୁପ ମାଲିକ ସୁଭାଷ ଚନ୍ଦ୍ର ୦.୦୩% ହିସାବରେ ୬.୫୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛି । ଫଳରେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ୨୨,୦୦୦ କୋଟି ବଦଳରେ ମାତ୍ର ୬.୫ କୋଟି ଟଙ୍କା ନେଇ ବ୍ୟାଙ୍କ କେମିତି ସେଟଲମେଣ୍ଟ କଲେ ?

ଏହି ମାମଲାଟି ସୁଭାଷ ଚନ୍ଦ୍ରଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟି ଉପରେ ଆଧାରିତ ଥିଲା । ସେ ନିଜେ ୨୨,୦୦୦ କୋଟି ଟଙ୍କା ଋଣ ନେଇ ନଥିଲେ, ବରଂ ତାଙ୍କ କମ୍ପାନୀଗୁଡ଼ିକ ପାଇଁ ଗ୍ୟାରେଣ୍ଟର ବନିଥିଲେ । ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ନିୟମ ◥ ପୃଷ୍ଠା-୭

**ପୁଣି ଆରମ୍ଭ ହେଲା ଟ୍ରାଫିକ୍ ଚେକିଂ**

## ହେଲମେଟ୍ ନଥିଲେ ଗାଡ଼ି ସିଜ୍ ସହ ଲାଇସେନ୍ସ ହେବ ରଦ୍ଦ

ଭୁବନେଶ୍ୱର,୨୯/୦୮ (ଜେଏନ୍‌ଏସ୍): ଭୁବନେଶ୍ୱର ସମେତ ସାରା ଓଡ଼ିଶାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ ଏବଂ ଆରଟିଓ ପକ୍ଷରୁ ଚେକିଂ ପ୍ରକ୍ରିୟାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି । ସହରର ପ୍ରମୁଖ ଛକଗୁଡ଼ିକରେ ବ୍ଲକିଂ କରାଯାଇ ବ୍ୟାପକ ଯାଞ୍ଚ ଚାଲିଛି । ଚାଳକଙ୍କ ସହ ପଛରେ ବସୁଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିଛନ୍ତି କି ନାହିଁ ଏବଂ କାର୍‌ରେ ସିଟ୍ ବେଲ୍ଟ ବାଧ୍ୟତାମୂଳକ ଭାବେ ଯାଞ୍ଚ କରାଯାଉଛି । ବିଶେଷ କରି ସନ୍ଧ୍ୟା ଏବଂ ବିଳମ୍ବିତ ରାତିରେ ବ୍ରେଥ୍ ଆନାଲାଇଜର୍ ସାହାଯ୍ୟରେ ମଦ୍ୟପ ଚାଳକମାନଙ୍କୁ ଧରାଯାଉଛି । ◥ ପୃଷ୍ଠା-୭

# ଓଡ଼ିଶାକୁ ଋଣ ଯନ୍ତାକୁ ଠେଲିଦେବ ଏମ୍‌ଏମ୍‌ଡିଆର୍ ଆଇନ୍

## ଜେନ୍-ଜୀଙ୍କ ଭବିଷ୍ୟତ ଅନ୍ଧକାର, ବଢ଼ିବ ଦାଦନ ସମସ୍ୟା : ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ







ଭୁବନେଶ୍ୱର, ୨୯/୦୮ (ଜେଏନ୍‌ଏସ୍) : ସଂସଦରେ ପାରିତ ସଂଶୋଧିତ ଖଣି ଓ ଖଣିଜ ବିକାଶ ଆଇନ୍ ଦ୍ୱାରା ଓଡ଼ିଶାର ଖଣିଜ ସମ୍ପଦ ଉପରୁ ରାଜ୍ୟର ଅଧିକାର ହ୍ରାସ ପାଇବା ସହ ରାଜ୍ୟ ଗୁରୁତର ଆର୍ଥିକ ସଙ୍କଟ ଆଡ଼କୁ ଠେଲି ହୋଇଯିବ । ଏହି ଆଇନ୍ ଫଳରେ ଓଡ଼ିଶା ଲକ୍ଷାଧିକ କୋଟି ଟଙ୍କା ହରାଇବା ସହ ବାର୍ଷିକ ପ୍ରାୟ ୨୭ ହଜାର କୋଟି ଟଙ୍କାର କ୍ଷତି ସହିବ ବୋଲି ବୁଦ୍ଧିଜୀବୀ ଓ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ 'ଓଡ଼ିଆ ଅସ୍ମିତା ପରିଷଦ' ଓ 'କ୍ରାନ୍ତି ସେନା'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ଏହି ଆଇନକୁ ତୀବ୍ର ବିରୋଧ କରାଯାଇଛି ।

ଏହି ସମ୍ମିଳନୀରେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ (ଆଇଏଏସ) ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ଯେ, ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ୍ ଖଣି ବହୁଳ ଓଡ଼ିଶାର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ କରିଦେବ । ରାଜ୍ୟ ରାଜସ୍ୱ ହରାଇବା ଫଳରେ ଅନେକ ଜନମଙ୍ଗଳକାରୀ ଯୋଜନା ବାଧାପ୍ରାପ୍ତ ହେବ । ଏହାସହ ଖଣି ଅଞ୍ଚଳରେ ରହୁଥିବା ଆଦିବାସୀ, ଦଳିତ ଓ ପଛୁଆ ବର୍ଗର ଯୁବକ-ଯୁବତୀମାନେ ନିଜର ରୋଜଗାର ହରାଇବେ । ଫଳରେ ରାଜ୍ୟର 'ଜେନ୍-ଜୀ' ବା ବର୍ତ୍ତମାନର ଯୁବପିଢ଼ି ରୋଜଗାର ପାଇଁ ସୁଦୂର ତାମିଲନାଡୁ, ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀ ଭଳି ସହରକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେବେ । ରାଜ୍ୟର ସ୍ୱାର୍ଥ ଓ ଭବିଷ୍ୟତ ସୁରକ୍ଷା ପାଇଁ ସବୁ ରାଜନୈତିକ ମତବାଦର ଉର୍ଦ୍ଧ୍ୱକୁ ଉଠି ସଂଗ୍ରାମ କରିବାକୁ ସେ ନିବେଦନ କରିଛନ୍ତି ।

ଏହି ଆଲୋଚନା ଚକ୍ରରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ରବି ଦାସ ମୁଖ୍ୟବକ୍ତା ◥ ପୃଷ୍ଠା-୭




ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)


# ନିରପେକ୍ଷତା ହରାଇଲା କି OSAM ବୋର୍ଡ ?

## PMU ଚୟନ ନିୟମକୁ ନେଇ ଅସନ୍ତୋଷ

## ଟେଣ୍ଡର ବାତିଲ କରିବାକୁ ନିବେଦନ

ଭୁବନେଶ୍ୱର, ୨୯/୦୮ (ଜେଏନ୍ଏସ୍) : ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ (OSAM Board) ଅଧୀନରେ ପ୍ରକଳ୍ପ ପରିଚାଳନା ୟୁନିଟ୍ (PMU) ସ୍ଥାପନ ପାଇଁ ଚୟନ ପ୍ରକ୍ରିୟା (RFP)କୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା, ସମାନ ସୁଯୋଗ ଓ ନିରପେକ୍ଷତା ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଏକ ଦାବିପତ୍ର ଦାଖଲ କରାଯାଇଛି।

ଦାବିପତ୍ର ଅନୁଯାୟୀ, ଜରଚ ରେ ଧାର୍ଯ୍ୟ କରାଯାଇଥିବା କେତେକ ଯୋଗ୍ୟତା ଏବଂ ବୈଷୟିକ ମୂଲ୍ୟାଙ୍କନ ମାପଦଣ୍ଡ ଅତ୍ୟନ୍ତ ସଙ୍କୁଚିତ। ଏହି ମାପଦଣ୍ଡଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ କୁ ଅସାଧୁ ଫାଇଦା ପହଞ୍ଚାଇବା ପାଇଁ ପ୍ରସ୍ତୁତ କରାଯାଇଥିବା ପରି ମନେହେଉଛି। ଏହାଦ୍ୱାରା ଅନ୍ୟାନ୍ୟ ଅଭିଜ୍ଞ ଓ ଦକ୍ଷ ସଂସ୍ଥାଗୁଡ଼ିକ ପ୍ରତିଯୋଗିତାରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଓଡ଼ିଶା ସାଧାରଣ ଆର୍ଥିକ ନିୟମାବଳୀ (OGFR) ଏବଂ ସାର୍ବଜନୀନ କ୍ରୟ ପ୍ରକ୍ରିୟାର





ମୂଳ ନୀତି ହେଉଛି ସମସ୍ତଙ୍କୁ ସମାନ ସୁଯୋଗ ଓ ମୁକ୍ତ ପ୍ରତିଯୋଗିତା ପ୍ରଦାନ କରିବା। ମାତ୍ର ବର୍ତ୍ତମାନର ସର୍ତ୍ତାବଳୀ କେବଳ କେତେକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସୁହାଇଲା ଭଳି ରହିଥିବାରୁ ଏହା ସରକାରୀ କ୍ରୟ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମସ୍ୟାର ସମାଧାନ ପାଇଁ RFPର ଯୋଗ୍ୟତା ଓ ବୈଷୟିକ ମୂଲ୍ୟାଙ୍କନ ନିୟମାବଳୀର ଏକ ସ୍ୱାଧୀନ ତଦନ୍ତ କରାଯିବାକୁ ଦାବି ହୋଇଛି। କୌଣସି ପକ୍ଷପାତିତା କିମ୍ବା ସଙ୍କୁଚିତ ନିୟମ ଚିହ୍ନଟ ହେଲେ, ଅଧିକ ସଂସ୍ଥାଙ୍କ ଭାଗୀଦାରୀ ନିଶ୍ଚିତ କରିବା ପାଇଁ ଆବଶ୍ୟକ କୋରିଜେଣ୍ଡମ୍ (Corrigendum) ଜାରି କରିବାକୁ ଅନୁରୋଧ କରାଯାଇଛି। ଆବଶ୍ୟକ ପଡ଼ିଲେ ବର୍ତ୍ତମାନର ଟେଣ୍ଡରକୁ ବାତିଲ କରି, ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରୁଥିବା ନୂତନ ଜରଚ ପ୍ରକାଶ କରିବାକୁ ନିବେଦନ କରାଯାଇଛି। ରାଜ୍ୟର ଅର୍ଥ ଓ ସମ୍ବଳର ସଠିକ୍ ବିନିଯୋଗ ପାଇଁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସର୍ବୋତ୍ତମ ସଂସ୍ଥାକୁ ଚୟନ କରିବାକୁ ଜନସ୍ୱାର୍ଥରେ ଏହି ହସ୍ତକ୍ଷେପ ଲୋଡ଼ାଯାଇଛି।

# ଗଞ୍ଜାମ ସହର ପାଇଁ ଗର୍ବ ଆଣିଲେ ଆନନ୍ଦିନୀ, ଅଞ୍ଚଳରେ ଖୁସିର ଲହରୀ



ଗଞ୍ଜାମ,୨୯/୮ (ଜେଏନ୍ଏସ୍) : ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷାରେ ଆନନ୍ଦିନୀ ପଣ୍ଡା ସଫଳତା ପାଇଛନ୍ତି । ଆନନ୍ଦିନୀ ହେଉଛନ୍ତି ଗଞ୍ଜାମ ସହର ଦୁର୍ଗା ଦେବୀ ସାହି ମହେନ୍ଦ୍ର ପଣ୍ଡାଙ୍କ ଝିଅ। ସେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନବମ ଶ୍ରେଣୀ ଛାତ୍ରୀ । ପଠାଣି ସାମନ୍ତ ପରୀକ୍ଷାରେ ସଫଳତା ଗଞ୍ଜାମ ସହର ପାଇଁ ଗର୍ବ ଆଣି ଦେଇଛନ୍ତି । କଠିନ ପରିଶ୍ରମ ନିଷ୍ଠାପର ଭାବନା ଯୋଗୁଁ ପଠାଣି ସାମନ୍ତ ମେଧା ବୃତ୍ତିରେ କୃତିତ୍ୱ ଅର୍ଜନ କରି ଅନୁଷ୍ଠାନକୁ ଗର୍ବାନ୍ୱିତ କରିଛନ୍ତି ବୋଲି ଶିଶୁ ବିଦ୍ୟା ମନ୍ଦିର ସ୍କୁଲ ପକ୍ଷରୁ କୁହାଯାଇଛି । ମା' ବାପାଙ୍କ ପ୍ରେରଣା ଗୁରୁମା ଗୁରୁଜୀଙ୍କ ଉପଦେଶ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ବୋଲି ଆନନ୍ଦିନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଆନନ୍ଦିନୀଙ୍କ ଏହି କୃତିତ୍ୱ ଅର୍ଜନ କରିଥିବାରୁ ଛଅ ହଜାର ଟଙ୍କା ବୃତ୍ତି ଅର୍ଥ ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ଓଡ଼ିଶା-ଛତିଶଗଡ଼ ସୀମାରୁ ବଡ଼ ମାଓବାଦୀ ଡମ୍ପ ଠାବ



ମାଲକାନଗିରି, ୨୯/୦୮ (ଜେଏନ୍ଏସ୍) : ମାଓବାଦୀ ବିରୋଧୀ ଅଭିଯାନରେ ମାଲକାନଗିରି ପୁଲିସକୁ ବଡ଼ ସଫଳତା ମିଳିଛି। ସମର୍ପଣ କରିଥିବା ନକ୍ସଲଙ୍କୁ ପଚରାଉଚରା ଆଧାରରେ ମାଥିଲି ଥାନା ଅଞ୍ଚଳରେ ଡିଭିଏଫ୍ ଟିମ୍‌ର ଜୋରଦାର ତଲାସି ଅଭିଯାନ ବେଳେ ଏକ ବଡ଼ ମାଓବାଦୀ ଡମ୍ପ ଠାବ ହୋଇଛି। ଏନେଇ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପି ବିନୋଦ ପାଟିଲଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ମାଥିଲି ଥାନା ଅଧୀନ ଚେରକୋଟଲା, କିର୍ମିଟି, କୋଟୱାପଦର ଓ କଡ଼ଭଟା ଜଙ୍ଗଲରେ ଅଗଷ୍ଟ ୨୬ ତାରିଖ ସକାଳ ପ୍ରାୟ ୫ଟା ୩୦ରେ ଏହି ଡମ୍ପ ଠାବ କରାଯାଇଥିଲା। ଏହି ଅଞ୍ଚଳ ଛତିଶଗଡ଼ର ଦରଭା ଓ ପୁଷପାଲ ଥାନା ସୀମାକୁ ଲାଗି ରହିଛି। ଡମ୍ପରୁ ୩ଟି ଦେଶୀ ବନ୍ଧୁକ, ୫ କେଜିର ଗୋଟିଏ ଆଇଇଡି, ୩ କେଜିର ୨ଟି ଓ ୨ କେଜିର ଗୋଟିଏ ଆଇଇଡି, ୨ଟି କ୍ଲେମୋର ମାଇନ୍, ୨ଟି ଆଇଇଡି ଓ ଅନ୍ୟ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏଥିସହ ମାଓବାଦୀ ୟୁନିଫର୍ମ, ବ୍ୟାନର, ରେଡିଓ ଆଣ୍ଟେନା, ବ୍ୟାଟେରି, ତାର, ଛୁରି, ଟର୍ଚ୍ଚ, ବ୍ୟାଗ ଓ ବିଭିନ୍ନ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ମଧ୍ୟ ଜବତ ହୋଇଛି। ଜବତ ସାମଗ୍ରୀ ଏଓବିଏସ୍‌ଜେଡ୍‌ସିର ମାଓବାଦୀ କ୍ୟାଡରଙ୍କର ବୋଲି ସନ୍ଦେହ କରାଯାଉଛି। ମାଓବାଦୀଙ୍କ ଦ୍ୱାରା ସୁରକ୍ଷାବାହିନୀ ଓ ସାଧାରଣ ଲୋକଙ୍କୁ ଟାର୍ଗେଟ୍ କରିବା ପାଇଁ ଏସବୁ ସାମଗ୍ରୀ ରଖାଯାଇଥିବା ପୁଲିସ ଅନୁମାନ କରୁଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଲକାନଗିରି ନକ୍ସଲମୁକ୍ତ ହୋଇଥିବା ବେଳେ ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୩୧, ୨୦୨୬ ମଧ୍ୟରେ ୨ ନକ୍ସଲ ଗିରଫ ଓ ୨୩ ଜଣ ଆତ୍ମ ସମର୍ପଣ କରିଛନ୍ତି। ଜୁନ୍‌ରେ ୩ଟି ବଡ଼ ଡମ୍ପ ଠାବ ହୋଇଥିବା ବେଳେ ଆଗାମୀ ଦିନରେ ମାଓବାଦୀଙ୍କ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଉଦ୍ଧାର ପାଇଁ ଝଙଏ ଓ ଉଠର ପକ୍ଷରୁ କମ୍ବିଂ ଅଭିଯାନ ଜାରି ରହିଛି।

# କଳାହାଣ୍ଡି ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଭାବେ ନର୍ଲାର ଧର୍ମେନ୍ଦ୍ର ବାହୁକ ମନୋନୀତ

ଭବାନୀପାଟଣା/ନର୍ଲା, ୨୯/୦୮ (ଜେଏନ୍ଏସ୍) : କଳାହାଣ୍ଡି ଜିଲ୍ଲା ଭାରତୀୟ ଜନତା ଯୁବମୋର୍ଚ୍ଚାର ନୂତନ ସାଙ୍ଗଠନିକ କମିଟି ଘୋଷଣା ହୋଇଛି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଭିଳାଷ ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶ୍ରୀ ଯୁଗଳ କିଶୋର ପୋଢ଼ ଏବଂ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅବିନାଶ ନନ୍ଦଙ୍କ ଅନୁମୋଦନକ୍ରମେ ଜିଲ୍ଲା ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଭିନ୍ନ ପ୍ରକୋଷ୍ଠର ଦାୟିତ୍ୱ ଘୋଷଣା କରାଯାଇଛି।

ଏହି ନୂତନ କମିଟିରେ ନର୍ଲାର ଜଣାଶୁଣା ଯୁବ ସଂଗଠକ ତଥା ଏବିଭିପିର ପୂର୍ବତନ ଛାତ୍ରନେତା ଧର୍ମେନ୍ଦ୍ର ବାହୁକଙ୍କୁ କଳାହାଣ୍ଡି ଜିଲ୍ଲା ଯୁବମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି।



ଛାତ୍ର ଜୀବନରୁ ରାଷ୍ଟ୍ରବାଦୀ ଚିନ୍ତାଧାରା ଓ ସାଙ୍ଗଠନିକ କାର୍ଯ୍ୟ ସହ ଜଡ଼ିତ ଶ୍ରୀ ବାହୁକ ବିଭିନ୍ନ ଯୁବ ଓ ସାମାଜିକ ଆନ୍ଦୋଳନରେ ସର୍ବଦା ଆଗଧାଡ଼ିରେ ରହିଆସିଛନ୍ତି। ତୃଣମୂଳ ସ୍ତରରେ ଯୁବବର୍ଗଙ୍କୁ ଏକତ୍ରିତ କରିବା ଏବଂ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଜଣେ ନିଷ୍ଠାପର ଯୁବ କାର୍ଯ୍ୟକର୍ତ୍ତା ଭାବେ ତାଙ୍କୁ ଜିଲ୍ଲା ସ୍ତରୀୟ ଦାୟିତ୍ୱ ମିଳିବା ପରେ ସମଗ୍ର ନର୍ଲା ଅଞ୍ଚଳ ତଥା ଜିଲ୍ଲାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ନୂତନ ଦାୟିତ୍ୱ ମିଳିବା ପରେ ଧର୍ମେନ୍ଦ୍ର ବାହୁକ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଜିଲ୍ଲାରେ ଯୁବ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ନିଆଁରେ ଜଳିଗଲା ଆର୍‌ଟିଓ ଅଫିସ

ଗଜପତି, ୨୯।୮ (ଜେଏନ୍ଏସ୍) : ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ରେ ଅଗ୍ନିକାଣ୍ଡ ଘଟିଛି। ହୁତୁହୁତୁ ହୋଇ ଜଳିଯାଇଛି କମ୍ପ୍ୟୁଟର ପ୍ରକୋଷ୍ଠ। ଅଗ୍ନିକାଣ୍ଡର କାରଣ ଏବେବି ଅସ୍ପଷ୍ଟ ଥିବାବେଳେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଶନିବାର ପୂର୍ବାହ୍ନରେ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ କର୍ମଚାରୀମାନେ କମ୍ପ୍ୟୁଟର ସେକ୍ସନରୁ ଧୂଆଁ ବାହାରୁଥିବା ଦେଖିଥିଲେ। ତୁରନ୍ତ ଏନେଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲା। ଦୀର୍ଘ ସମୟର ପ୍ରଚେଷ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଅଗ୍ନିକାଣ୍ଡରେ କମ୍ପ୍ୟୁଟର ସେକ୍ସନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା କହିଛନ୍ତି ଗଜପତି ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବେଟି। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏହି ନିଆଁରେ ଜଳି ପୋଡ଼ି ନଷ୍ଟ ହୋଇଥିବା ବେଳେ ସେଗୁଡ଼ିକ ପୁନର୍ବାର କିଭଳି ଉଦ୍ଧାର ହେବ ଏହାକୁ ନେଇ ଆର୍‌ଟିଓଙ୍କ ଚିନ୍ତା ବଢିଛି। ଯାନବାହନ ସମ୍ପର୍କିତ ସବୁ ତଥ୍ୟ ନଷ୍ଟ ହୋଇଥିବାରୁ ଏହା ଦ୍ୱାରା ସାଧାରଣ ଲୋକେ ମଧ୍ୟ ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ଏହା ଶର୍ଟସର୍କିଟ ଯୋଗୁଁ ଘଟିଛି ନା କିଏ ଷଡ଼ଯନ୍ତ୍ର କରି ଲଗାଇଛି ତାହା ସନ୍ଦେହ ସୃଷ୍ଟି କରିଛି।

# ଜଗମୋହନ ମୀନାଙ୍କ ଇସ୍ତଫା ପତ୍ର ଗ୍ରହଣ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୯/୮ (ଜେଏନ୍ଏସ୍) : ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। ୩୭ ବର୍ଷୀୟ ଜଗମୋହନଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଇଛନ୍ତି ରାଜ୍ୟ ସରକାର। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ୨୦୧୩ ବ୍ୟାଚ୍ ଆଇପିଏସ ଅଧିକାରୀ ତଥା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସରକାରୀ ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେ ପୋଲିସ ଡିଜିଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଇସ୍ତଫା ପତ୍ରରେ ବ୍ୟକ୍ତିଗତ କାରଣ ପାଇଁ ସେ ଚାକିରି ଛାଡୁଥିବା କଥା ଉଲ୍ଲେଖ କରିଥିଲେ।

ଜଗମୋହନ ପୂର୍ବରୁ କଟକ ଡିସିପି, ଅନୁଗୋଳ ଓ ଗଞ୍ଜାମ ଏସ୍‌ପି ଭାବେ କାମ କରିଥିଲେ। ୨୦୨୫ ଫେବୃଆରୀରେ ଭୁବନେଶ୍ୱର ଡିସିପି ଭାବେ ଯୋଗ ଦେଇଥିଲେ। ୨୦୧୩ରେ ଆଇପିଏସ ପାଇବା ପରେ ସେ କଳାହାଣ୍ଡି ଜିଲାର କେସିଙ୍ଗା ଏସ୍‌ଡିପିଓ ଭାବେ କାମ ଆରମ୍ଭ କରିଥିଲେ। କାମ କରିବା ସମୟରେ ସେ ଏକାଧିକ ପୁରସ୍କାର ପାଇଛନ୍ତି। କଟକ ବାରବାଟୀ କ୍ରିକେଟ ମ୍ୟାଚ



ହେଉ ଅବା ଭୁବନେଶ୍ୱର ଭିଆଇପି ଡ୍ୟୁଟି, ଲ' ଆଣ୍ଡ ଅର୍ଡରକୁ ସୁଚାରୁରୂପେ ତୁଲାଇଥିଲେ। କିନ୍ତୁ ବାଲିଅନ୍ତା ଭିଡ଼ହିଂସାରେ ସୌମ୍ୟଙ୍କୁ ପିଟିପିଟି ହତ୍ୟା କରିବା ଘଟଣା ପରେ ସେ ବିବାଦୀୟ ହୋଇପଡ଼ିଥିଲେ। ସୌମ୍ୟଙ୍କୁ ଲୋକ ପିଟୁଥିବାବେଳେ ସେଠାରେ ବାଲିଅନ୍ତା ପୋଲିସ ଏବଂ ପିସିଆର ଭ୍ୟାନ ଉପସ୍ଥିତ ଥାଇ ମଧ୍ୟ ନୀରବଦ୍ରଷ୍ଟା ପାଲଟିଥିଲେ। ଆଉ ଏହି ସମୟରେ ଡିସିପି ଜଗମୋହନ ଥାନା ଅଧିକାରୀ ଏବଂ ଏସିପିଙ୍କୁ ନେଇ କ୍ରାଇମ ମିଟିଂ କରୁଥିଲେ। ଥାନା ଅଧିକାରୀ ଡିସିପି ଜଗମୋହନଙ୍କୁ ଏହି ଘଟଣା ବିଷୟରେ ଜଣାଇଥିଲେ ମଧ୍ୟ ସେ ଥାନାଧିକାରୀଙ୍କୁ ଲଞ୍ଚ କରି ଯିବାକୁ କହିଥିଲେ। ଏହି ଘଟଣାରେ ସୌମ୍ୟଙ୍କ ମା' ଡିସିପିଙ୍କୁ ଦାୟୀ କରିବା ସହ ଏନଏଚଆରସିଙ୍କୁ କହିଥିଲେ। ଯେଉଁଥି ପାଇଁ ଡିସିପିଙ୍କ ଉପରେ ସରକାର କ୍ଷୁବ୍ଧ ଥିଲେ, ଯେଉଁଥିପାଇଁ ଡିସିପି ଜଗମୋହନ ଚାପରେ ଆସି ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। ଜଣେ ଆଇପିଏସଙ୍କ ଇସ୍ତଫାପତ୍ର ଗ୍ରହଣରେ ବହୁତ ଜଟିଳ ପ୍ରକ୍ରିୟା ଥାଏ। ଏଥିଲାଗି କେନ୍ଦ୍ରରୁ ଅନୁମତି ଆବଶ୍ୟକ ହୋଇଥାଏ। ଇସ୍ତଫାପତ୍ର ସ୍ପଷ୍ଟ, ସର୍ତ୍ତବିହୀନ ଏବଂ ଲିଖିତ ଆକାରରେ ହେବା ଜରୁରୀ। ଆଇପିଏସ ନିଜର ଇସ୍ତଫାପତ୍ର ଡିଜିପିଙ୍କ ଜରିଆରେ ମୁଖ୍ୟ ସଚିବଙ୍କ ପାଖକୁ ପଠାଇଥାନ୍ତି। ଯଦି ସେ କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବେ, ତେବେ ସମ୍ପୃକ୍ତ ମନ୍ତ୍ରଣାଳୟ ସଚିବଙ୍କୁ ଇସ୍ତଫାପତ୍ର ଦେବେ। ନିଜ ମତାମତ ସହ ସମ୍ପୃକ୍ତ ରାଜ୍ୟ କ୍ୟାଡରକୁ ପଠାଇବେ। ରାଜ୍ୟ ସରକାର ଇସ୍ତଫା ଗ୍ରହଣ କରିବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଯାଞ୍ଚ କରନ୍ତି। ରାଜ୍ୟ ସରକାରଙ୍କ କୌଣସି ବକେୟା ଅର୍ଥ ଅଧିକାରୀଙ୍କ ଉପରେ ବାକି ଅଛି କି ନାହିଁ ଯାଞ୍ଚ କରାଯାଏ।

# ମହମ୍ମଦଙ୍କ ଜୟନ୍ତି ନିମନ୍ତେ ଶାନ୍ତି କମିଟି ବୈଠକ

ବାଲେଶ୍ୱର, ୨୯/୦୮ (ଜେଏନ୍ଏସ୍) : ପ୍ରୋଫେଟ ମହମ୍ମଦଙ୍କ ଜନ୍ମଦିନ ପାଳନ ଅବସରରେ ଆସନ୍ତା ୨୬ ଅଗଷ୍ଟ ୨୦୨୬ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ପାଳନ ନିମନ୍ତେ ବାଲେଶ୍ୱରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଡିଏସପି ସିଟି ସୁଶ୍ରୀ ମନୀଷା ସୌଗୁନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପରେଶ କୁମାର ରାଉତ, ଅତିରିକ୍ତ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ କୁମାର ମଲ୍ଲିକ, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ମହାମ୍ମଦ ପୟଗମ୍ବରଙ୍କ ଜନ୍ମଦିନ ପାଳନ ସମୟରେ ଆଇନଶୃଙ୍ଖଳା ରକ୍ଷା, ଶୋଭାଯାତ୍ରାର ସୁପରିଚାଳନା, ଟ୍ରାଫିକ ନିୟନ୍ତ୍ରଣ, ଜନସାଧାରଣଙ୍କ ଯାତାୟାତରେ ସୁବିଧା ଏବଂ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପର୍ବ ପାଳନ ସମୟରେ ସମସ୍ତେ ପରସ୍ପରର ଧାର୍ମିକ ଭାବନାକୁ ସମ୍ମାନ ଦେଇ ଶାନ୍ତି, ଭାଇଚାରା ଓ ସଦ୍ଭାବର ବାତାବରଣ ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ରାତି ୧୦.୦୦ ଘଟିକା ପରେ ସାଉଣ୍ଡ ସିଷ୍ଟମ ବଜାଇବାକୁ ଅନୁମତି ଦିଆଯିବ ନାହିଁ। ମଟର ସାଇକେଲ ରାଲୀ ବେଳେ



ଚାଳକ ମାନଙ୍କୁ ହେଲମେଟ୍ ପିନ୍ଧିବା ସହିତ ଦ୍ରୁତ ଗତିରେ ନଚଳାଇବାକୁ ପରାମର୍ଶ ଦିଆଯାଇଛି । ସର୍ବସାଧାରଣ ଜାଗାରେ ଅସ୍ତ୍ର ଶସ୍ତ୍ର ପ୍ରଦର୍ଶନ କରିବାକୁ ବାରଣ କରାଯାଇଛି । ରାଲିରେ ବୁଲେଟର ମଲ୍ଟି ହର୍ନ ସାଇଲେନ୍ସର୍ ଚାଳକ ମାନେ ବ୍ୟବହାର କରିପାରିବେ ନାହିଁ । ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ପର୍ବକୁ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସମସ୍ତଙ୍କ ସହଯୋଗରେ ବାଲେଶ୍ୱରରେ ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍ଭାବର ଉଦାହରଣ ସୃଷ୍ଟି କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଅନେକ ସଂଖ୍ୟାରେ ଶାନ୍ତି କମିଟିର ସଦସ୍ୟ, ବିଭିନ୍ନ ସମ୍ପ୍ରଦାୟର ଲୋକ, ପୋଲିସ କର୍ମଚାରୀ ଏବଂ ସାମ୍ବାଦିକ ଗଣ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ମନୋହର ଲାଲ ଗୋଲେ ଜୁଏଲେରୀ ପକ୍ଷରୁ ୨୫,୦୦୦ ସହାୟତା

ବାଲେଶ୍ୱର, ୨୯/୦୮ (ଜେଏନ୍ଏସ୍):ବାଲେଶ୍ୱର ଜିଲ୍ଲାରେ ବନ୍ୟା ପ୍ରଭାବିତ ଲୋକଙ୍କ ସହାୟତା ଓ ପୁନର୍ବାସ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଛନ୍ତି ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନ ମନହରଲାଲ ପାଲା ଜୁଏଲର୍ସ। ପ୍ରତିଷ୍ଠାନର ପାର୍ଟନର ଶ୍ରୀ ରାକେଶ ପାଲା ବାଲେଶ୍ୱର ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୨୫,୦୦୦/- (ପଚିଶ ହଜାର) ଟଙ୍କା ଅବଦାନ ପ୍ରଦାନ କରିଛନ୍ତି। ଶ୍ରୀ ପାଲା ଏହି ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି । ବନ୍ୟା ଯୋଗୁଁ ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ସହାୟତା



କାର୍ଯ୍ୟରେ ଏହି ଅବଦାନ ଉପଯୋଗୀ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ବିପର୍ଯ୍ୟୟ ସମୟରେ ମାନବିକତାର ପରିଚୟ ଦେଇ ଜିଲ୍ଲା ପ୍ରଶାସନର ବନ୍ୟା ମୁକାବିଲା ଓ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଥିବାରୁ ମନହରଲାଲ ପାଲା ଜୁଏଲର୍ସଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି। ସମାଜର ଅନ୍ୟାନ୍ୟ ବ୍ୟକ୍ତି, ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନମାନେ ମଧ୍ୟ ବନ୍ୟା ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ଆଗେଇ ଆସିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

# ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ବାଲେଶ୍ୱର, ୨୯/୦୮ (ଜେଏନ୍ଏସ୍): ମାନ୍ୟବର ମନ୍ତ୍ରୀ, ଗ୍ରାମୀଣ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଶ୍ରୀଯୁକ୍ତ ରବି ନାରାୟଣ ନାଏକ, ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ ବାଲେଶ୍ୱର ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟିକା ବସ୍ତା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ବିଧାୟକ ଜଳେଶ୍ୱର ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ

- ମନ୍ତ୍ରୀଙ୍କ ଗସ୍ତ ପରେ କ୍ଷୟକ୍ଷତି ଆକଳନ
- ଜଳ ନିଷ୍କାସନ ସୁଗମ ହେବ
- ଡ୍ରେନେଜ୍ ବ୍ୟବସ୍ଥାର ତୁରନ୍ତ ସମାଧାନ
- କ୍ଷତିଗ୍ରସ୍ତଙ୍କୁ ରିଲିଫ ବଣ୍ଟନ

ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଳବ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ଜରୁରୀ ଅଧିକାରୀ ଶ୍ରୀଯୁକ୍ତ ଚିନ୍ମୟ କୁମାର ରାଉତ, ଡେପୁଟି କଲେକ୍ଟର ଐଶ୍ୱର୍ଯ୍ୟା ମହାଳିକଙ୍କ ସହ ଅନେକ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ବାଲେଶ୍ୱର, ଜଳେଶ୍ୱର ଓ ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ବନ୍ୟା ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିବା ସହ ଚାଲିଥିବା ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ମାନ୍ୟବର ମନ୍ତ୍ରୀ ଏବଂ ତାଙ୍କ ସହ ଆସିଥିବା ପ୍ରତିନିଧି ଦଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ସାର୍ବଜନୀନ ଭିତ୍ତିଭୂମିର ସ୍ଥିତି ଆକଳନ କରିବା ସହ ଚାଲିଥିବା ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ପ୍ରଭାବିତ ଅଞ୍ଚଳବାସୀଙ୍କ ସମସ୍ୟା ଓ ଅଭିଯୋଗ ଶୁଣାଯାଇଥିଲା ଏବଂ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଥିଲା।

କ୍ଷେତ୍ର ପରିଦର୍ଶନ ପରେ ଭୋଗରାଇଠାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁତର ବନ୍ୟା ସମୟରେ ଯେପରି ଜଳ ନିଷ୍କାସନ ସୁଗମ ହୋଇପାରିବ, ସେଥିପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତିକୁ ଅଧିକ ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସମୟୋପଯୋଗୀ ଉଦ୍ଧାର ଓ ସ୍ଥାନାନ୍ତରଣ ସହିତ ପ୍ରଭାବଶାଳୀ ରିଲିଫ୍ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କୌଣସି ବନ୍ୟା ପ୍ରଭାବିତ ବ୍ୟକ୍ତି ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି ଏବଂ ପ୍ରତ୍ୟେକ ଅସୁରକ୍ଷିତ ଓ ଆବଶ୍ୟକତାପୂର୍ଣ୍ଣ ପରିବାର ନିକଟରେ ଅତ୍ୟାବଶ୍ୟକ ସହାୟତା ବିଳମ୍ବ ନକରି ପହଞ୍ଚିପାରିବ, ସେଥିପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ପ୍ରତିକ୍ରିୟାଶୀଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ସାର୍ବଜନୀନ ସମ୍ପତ୍ତି ଓ ଭିତ୍ତିଭୂମିର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟାଜନିତ କ୍ଷୟକ୍ଷତିର ଦ୍ରୁତ, ସ୍ୱଚ୍ଛ ଓ ନିରପେକ୍ଷ ଆକଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା, ଯାହା ଦ୍ୱାରା କ୍ଷତିଗ୍ରସ୍ତ ଭିତ୍ତିଭୂମିର ସମୟୋପଯୋଗୀ ପୁନରୁଦ୍ଧାର ଏବଂ ପ୍ରଭାବିତ ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇପାରିବ।

# ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

କୋରାପୁଟ, ୨୯।୮ (ଶରତ ନାୟକ): ଛାତ୍ରାବାସରେ ରହି ଅଧ୍ୟୟନ ରତ ଜଣେ ଛାତ୍ର ନିଖୋଜ ହେବାର ୩ ଦିନ ପରେ ତାଙ୍କର ମୃତଦେହ ବିଦ୍ୟାଳୟ ପଛପଟେ ଥିବା ନାଳରୁ ଉଦ୍ଧାର ହୋଇଛି। ଉକ୍ତ ଘଟଣା କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଗୁମୁଡା ଉଚ୍ଚ ବିଦ୍ୟାଳୟରେ ଘଟିଛି। ଘଟଣା ପରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଥିବା ଆଶ୍ରମ ବିଦ୍ୟାଳୟ ପ୍ରତି ଅଭିଭାବକ ମହଲରେ ଭୟ ସଂଚାର ହୋଇଛି। ସୂଚନା ଅନୁଯାୟୀ ମାରଡା ମାଳିଗୁଡ଼ା ଗାଁର ଗୁରୁନାଥ ମୁଦୁଲି (୧୩) ବର୍ଷ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ତେବେ ସେ ନଥିବା ନେଇ ସହକାରୀ ସୁପରିଟେଣ୍ଡେଣ୍ଟଙ୍କୁ ଛାତ୍ରମାନେ ଜଣାଇଥିଲେ। ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ପରିବାର ଲୋକଙ୍କୁ ଏନେଇ ଛାତ୍ର ମାନେ ଜଣାଇଥିଲେ। ସେହିପରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଙ୍ଗଳବାର ଖବର ଦିଆଯାଇଥିଲା।

ତେବେ ବୁଧବାର ସକାଳୁ ବିଦ୍ୟାଳୟ ପଛପଟେ ଥିବା ଏକ ନାଳରୁ ଗୁରୁନାଥଙ୍କ ମୃତ ଦେହ ମିଳିଥିଲା। ଏହା ଜାଣିବା ପରେ ପରିବାର ଲୋକଙ୍କ ସମେତ ଗାଁର ଲୋକମାନେ ସେଠାରେ ପହଞ୍ଚି ତାଙ୍କ ପିଲାକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିବା ସହିତ ବିଦ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇଥିଲେ। ଖବର ପାଇ ବୋରିଗୁମ୍ମା ଏସଡିପିଓ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ବି ସିଙ୍ଗିପୁର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ତେବେ ସେମାନେ କହିଥିଲେ ଆମ ପିଲା ନିଖୋଜ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ



- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ଛାତ୍ରାବାସରେ ସୁରକ୍ଷିତ ନୁହନ୍ତି ବିଦ୍ୟାର୍ଥୀ

କିମ୍ବା ବିଭାଗୀୟ ଅଧିକାରୀଙ୍କୁ କ'ଣ ପାଇଁ ଜଣାଇ ନଥିଲେ ବୋଲି ପ୍ରଶ୍ନ କରିଥିଲେ। ତେବେ ସଠିକ୍ ତଦନ୍ତ କରାଯାଇ ଅବହେଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଯାହା ଫଳରେ ପରିବାର ଲୋକେ ଓ ଆନ୍ଦୋଳନ କାରୀ ବୁଝିଥିଲେ। ପରିବାର ଲୋକଙ୍କ ପକ୍ଷରୁ ହତ୍ୟା ଅଭିଯୋଗରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଓ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମୃତ ଛାତ୍ରଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯିବ ବୋଲି କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସହକାରୀ ସୁପରିଟେଣ୍ଡେଣ୍ଟଙ୍କୁ ଥାନାରେ ରଖି ପଚରାଉଚରା କରାଯାଉଛି। ତେବେ ଅନେକ ସମୟରେ ଏହି ଭଳି ଘଟଣା ମାନ ଘଟୁଥିବା ଏପରିକି ପିଲାପିଲଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା ସହିତ ଆହତ ହେବା ଭଳି ଘଟଣା ଘଟୁଛି। ତେବେ ପ୍ରଧାନ ଶିକ୍ଷକଙ୍କ ସମେତ ସୁପରିଟେଣ୍ଡେଣ୍ଟ ମାନଙ୍କ ଅପାରଗତା ଏବଂ ବିଦ୍ୟାଳୟରେ ନରହିବା ଯୋଗୁଁ ଘଟୁଥିବା ଅଭିଯୋଗ ହେଉଛି। ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଦୂର ଦୂରାନ୍ତରୁ ସେମାନଙ୍କ ପିଲାମାନଙ୍କୁ ଛାଡ଼ି ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ନେପାଳରେ ପ୍ରଳୟଙ୍କାରୀ ବନ୍ୟା

## ୩୦୦ରୁ ଅଧିକ ଭାରତୀୟଙ୍କ ପତ୍ତା ମିଳୁନି — ଭାସିଗଲେ ହଜାର ହଜାର ଲୋକେ



କାଠମାଣ୍ଡୁ,୨୯ ।୮: ନେପାଳରେ ପ୍ରବଳ ବନ୍ୟା ଓ ଭୂସ୍ଖଳନ ଭୟଙ୍କର ଧ୍ୱଂସଲୀଳା ରଚିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ ୧୬୨ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅଧିକାରୀମାନେ ଆଶଙ୍କା କରିଛନ୍ତି। ସେହିପରି ୮୦୦ରୁ ଅଧିକ ଲୋକ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ହଠାତ୍ ଆସିଥିବା ବନ୍ୟା ପରେ ନେପାଳରେ ଶହ ଶହ ପର୍ଯ୍ୟଟକ ମଧ୍ୟ ନିଖୋଜ ହୋଇଥିବା ସୂଚନା ମିଳିଛି। ନେପାଳର ବୈଦେଶିକ ମନ୍ତ୍ରୀଙ୍କ ଦାବି ଅନୁସାରେ, ଭାରତର ପ୍ରାୟ ୩୦୦ ଜଣ ଲୋକ ନିଖୋଜ ଅଛନ୍ତି। ନିଖୋଜ ଭାରତୀୟଙ୍କ ମଧ୍ୟରେ କୈଳାସ ମାନସରୋବର ଯାତ୍ରାକୁ ଯାଇଥିବା ଅନେକ ଶ୍ରଦ୍ଧାଳୁ ମଧ୍ୟ ଅଛନ୍ତି। ଏହା ବ୍ୟତୀତ ନେପାଳର ବିଭିନ୍ନ ଅଞ୍ଚଳରେ ଶହ ଶହ ଭାରତୀୟ ଫସି ରହିଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ଏବଂ ବିଭିନ୍ନ ରାଜ୍ୟ ସରକାର ନିଜ ନାଗରିକଙ୍କ ସୂଚନା ସଂଗ୍ରହ କରିବା ସହ ପରିବାରଗୁଡ଼ିକୁ ସହାୟତା ପାଇଁ ହେଲ୍ପଲାଇନ ଜାରି କରିଛନ୍ତି। ତାମିଲନାଡୁରୁ ନେପାଳ ଯାଇଥିବା ୫୭ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୩୭ ଜଣଙ୍କର ଏପର୍ଯ୍ୟନ୍ତ କୌଣସି ପତ୍ତା ମିଳିନାହିଁ। ଅନ୍ୟ ୨୦ ଜଣଙ୍କ ସହ ଯୋଗାଯୋଗ ସ୍ଥାପିତ ହୋଇଛି। କୋଲକାତାରୁ ନେପାଳ ଯାଇଥିବା ୩୨ ଜଣଙ୍କ ଏକ ଦଳ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି। ଏହି ଦଳ ଅଗଷ୍ଟ ୨୧ରେ ଯାତ୍ରା ଆରମ୍ଭ କରି ପରଦିନ ନେପାଳରେ ପହଞ୍ଚିଥିଲା। ବୁଧବାର ସକାଳେ ଏହି ଦଳ ତିବ୍ବତ ଯିବା ପାଇଁ ରସୁୱାଗାଢ଼ି ଇମିଗ୍ରେସନ କାର୍ଯ୍ୟାଳୟରେ ଥିବା ସମୟରେ ହଠାତ୍ ବନ୍ୟା ଆସିଥିଲା। ଏହା ପରଠାରୁ ଦଳର କୌଣସି ସଦସ୍ୟଙ୍କ ସହ ଯୋଗାଯୋଗ ହୋଇନାହିଁ। ଲୋକମାନଙ୍କ ସହାୟତା ପାଇଁ ପଶ୍ଚିମବଙ୍ଗ ପୋଲିସ ମୁଖ୍ୟାଳୟ ପକ୍ଷରୁ ହେଲ୍ପଲାଇନ ଜାରି କରାଯାଇଛି। କୃଷକ ନେତା ରାକେଶ ଟିକାୟତ ମଧ୍ୟ ନିଜ ସାଥୀମାନଙ୍କ ସହ



ନେପାଳର ପୋଖରାରେ ଫସି ରହିଥିଲେ। ସେ କହିଛନ୍ତି ଯେ ସଡ଼କ ମାର୍ଗରେ ଫେରିବା ସମ୍ଭବ ନୁହେଁ। ତେଣୁ ସେମାନେ ବିମାନ ଯୋଗେ କାଠମାଣ୍ଡୁ ଏବଂ ସେଠାରୁ ଦିଲ୍ଲୀ ଫେରିବେ। ତାଙ୍କ କହିବା ଅନୁସାରେ, ନେପାଳରେ ତାଙ୍କ ଗାଡ଼ି ଛାଡ଼ି ଆସିବାକୁ ପଡ଼ିବ। କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି ଯେ ନେପାଳରେ ଭୟଙ୍କର ଫ୍ଲାଶ ଫ୍ଲଡ ମଧ୍ୟରେ ବେଙ୍ଗାଲୁରୁର ୫ ଜଣ ଲୋକ ନିଖୋଜ ଅଛନ୍ତି। ସେମାନଙ୍କ ବିଷୟରେ ସୂଚନା ସଂଗ୍ରହ କରି ସୁରକ୍ଷିତ ଭାବେ ଖୋଜି ବାହାର କରିବା ପାଇଁ ସରକାର ପ୍ରୟାସ କରୁଛି। ମହାରାଷ୍ଟ୍ରର ୭ ଜଣ ପର୍ଯ୍ୟଟକ ମଧ୍ୟ ନେପାଳରେ ଫସିଥିବା ସୂଚନା ସାମ୍ନାକୁ ଆସିଛି। ଏଥିମଧ୍ୟରୁ ମୁମ୍ବାଇ ଓ ପୁଣେର ୪ ଜଣଙ୍କ ସହ ଯୋଗାଯୋଗ ହୋଇସାରିଥିବା ବେଳେ, ଅନ୍ୟ ୩ ଜଣଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ମନ୍ତ୍ରାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିଛନ୍ତି। ଅନ୍ୟପକ୍ଷରେ, କେରଳର ୩୬ ଜଣ ପର୍ଯ୍ୟଟକଙ୍କ ଏକ ଦଳ ସୁରକ୍ଷିତ ଥିବା ଜଣାପଡ଼ିଛି ଏବଂ ସେମାନେ ବନ୍ୟା ପ୍ରଭାବିତ ଅଞ୍ଚଳଠାରୁ ଦୂରରେ ଅଛନ୍ତି। କେରଳ ସରକାର ନୋର୍କା-ରୁଟ୍ସ ମାଧ୍ୟମରେ ଏକ ହେଲ୍ପଡେସ୍କ ଆରମ୍ଭ କରିଛନ୍ତି। ସେହିପରି ସିକ୍କିମ, ଓଡ଼ିଶା, ଉତ୍ତରାଖଣ୍ଡ ଓ ଛତିଶଗଡ଼ ସରକାର ମଧ୍ୟ ନେପାଳରେ ଥିବା ନିଜ ନାଗରିକମାନଙ୍କ ସହାୟତା ପାଇଁ ହେଲ୍ପଲାଇନ ନମ୍ବର ଜାରି କରିଛନ୍ତି।

### ଭବିଷ୍ୟବାଣୀ ସତ ହେଲା — ନେପାଳର କପାଳରେ ଲେଖାଥିଲା

ନୂଆଦିଲ୍ଲୀ, ୨୯ ।୮: ନେପାଳରେ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତି ମଧ୍ୟରେ ଏବେ ଚର୍ଚ୍ଚାକୁ ଆସିଛି ପ୍ରସିଦ୍ଧ ଭବିଷ୍ୟବକ୍ତା ବାବା ଭେଙ୍ଗାଙ୍କ ପୁରୁଣା ଭବିଷ୍ୟବାଣୀ। ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ, ଭେଙ୍ଗା ବହୁ ବର୍ଷ ପୂର୍ବରୁ ନେପାଳକୁ ନେଇ ଏକ ବଡ଼ ଘଟଣାର ସଙ୍କେତ ଦେଇଥିଲେ। ଏବେ ନେପାଳର ସାମ୍ପ୍ରତିକ ସ୍ଥିତି ସହ ଏହି ଦାବିକୁ ଯୋଡ଼ି ଲୋକେ ବିଭିନ୍ନ ଆଲୋଚନା କରୁଛନ୍ତି। ତେବେ ଭେଙ୍ଗାଙ୍କ ନାମରେ ଅନେକ ଭବିଷ୍ୟବାଣୀ ସୋସିଆଲ ମିଡିଆରେ ପ୍ରଚାର ହୋଇଥାଏ। ତେବେ ନେପାଳ ବିଷୟରେ କହିଥିବା ନେଇ କୌଣସି ସ୍ପଷ୍ଟ ପ୍ରମାଣ ମିଳିପାରି ନାହିଁ। ନେପାଳରେ ଚାଲିଥିବା ଘଟଣାକ୍ରମକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଜାରି ରହିଥିବା ବେଳେ, ଭେଙ୍ଗାଙ୍କ ପୁରୁଣା ଭବିଷ୍ୟବାଣୀକୁ ନେଇ ମଧ୍ୟ ଲୋକଙ୍କ ଉତ୍ସୁକତା ବଢ଼ିଛି। ବାବା ଭେଙ୍ଗା ଜଣେ ବୁଲଗେରିଆନ୍ ଭବିଷ୍ୟବକ୍ତା ଭାବେ ପରିଚିତ। ତାଙ୍କ ନାମରେ ଭୂକମ୍ପ, ଯୁଦ୍ଧ, ରାଜନୈତିକ ପରିବର୍ତ୍ତନ ଓ ବିଶ୍ୱର ବିଭିନ୍ନ ବଡ଼ ଘଟଣାକୁ ନେଇ ଅନେକ ଭବିଷ୍ୟବାଣୀ ପ୍ରଚାରିତ ହୋଇଆସୁଛି। ମୃତ୍ୟୁ ପରେ ମଧ୍ୟ ତାଙ୍କ ନାମରେ ବିଭିନ୍ନ ଦାବି ସୋସିଆଲ ମିଡିଆରେ ସମୟ ସମୟରେ ଭାଇରାଲ ହୁଏ।

### ନିଖୋଜ ଯୁବତୀଙ୍କ ପତ୍ତା ମିଳିଲା



ନେପାଳ ପ୍ରଳୟଙ୍କରୀ ଫ୍ଲାସ୍ ଫ୍ଲଡ୍ (ଆକସ୍ମିକ ବନ୍ୟା) ରେ ଜଣେ ଓଡ଼ିଆ ଯୁବତୀ ନିଖୋଜ ଥିବା ନେଇ ଖବର ଆସିଥିଲା। ତାଙ୍କ ନାଁ କୁଲସୁମ ନିଗାର। ତାଙ୍କ ଘର ବାରିପଦାରେ। ଏ ନେଇ ଓଡ଼ିଶା ପରିବାର ନୋଡାଲ ଅଧିକାରୀ ପ୍ରୀତୀଶ ପଣ୍ଡା ସୂଚନା ଦେଇଛନ୍ତି। ଏହା ସହିତ ନେପାଳ ଜଳ ପ୍ରଳୟ ଘଟଣାରେ ନିଖୋଜ ଓଡ଼ିଆଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ୨୦ ବର୍ଷୀୟା କୁଲସୁମ ନିଗାରଙ୍କ ଶେଷ ଲୋକେସନ୍ ଥିଲା ନେପାଳର ପୋଖରା। ଶେଷ ଥର ପାଇଁ ଅଗଷ୍ଟ ୨୫ ତାରିଖ ଦିନ ୧୧ଟା ବେଳେ ତାଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଗତକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସେ ଅନ୍‌ଲାଇନ୍‌ରେ ସକ୍ରିୟ ଥିଲେ। ତେବେ ବହୁତ ଖୋଜାଖୋଜି ପରେ ସେ ଏକ ଉଚ୍ଚ ସ୍ଥାନକୁ ଚଢ଼ି ସୁରକ୍ଷିତ ଭାବେ [illegible] ଜଣାପଡ଼ିଛି।

## ଖସି ପଡ଼ିଲା ଟ୍ରେନିଂ ଏୟାରକ୍ରାଫ୍ଟ : ୨ ପାଇଲଟ୍ ମୃତ



ଉତ୍ତରପ୍ରଦେଶ, ୨୯/୦୮ : ଉତ୍ତର ପ୍ରଦେଶର କାନପୁରରେ ଗଙ୍ଗାନଦୀ କୂଳରେ ଥିବା ଏକ ଜମିରେ ଏକ ଘରୋଇ ଟ୍ରେନିଂ ଏୟାରକ୍ରାଫ୍ଟ ଖସି ପଡ଼ିବାରୁ ପାଇଲଟ ଓ କୋ-ପାଇଲଟଙ୍କ ମୃତ୍ୟୁ ଘଟିଛି। ପାଇଲଟଙ୍କ ଘର ଗୁଜରାଟରେ ହୋଇଥିବା ବେଳେ କୋ-ପାଇଲଟ କର୍ଣ୍ଣାଟକାର ବାସିନ୍ଦା ଥିଲେ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ଏହି ଏୟାରକ୍ରାଫ୍ଟ କାନପୁର ସ୍ଥିତ ଗର୍ଗ ଏଭିଏସନ ପ୍ରଶିକ୍ଷଣ ପ୍ରତିଷ୍ଠାନର। ଗଙ୍ଗା ବ୍ୟାରେଜ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଏୟାରକ୍ରାଫ୍ଟଟି ଖସିପଡ଼ିବା ପରେ ସ୍ଥାନୀୟ ଲୋକେ ତୁରନ୍ତ ସେଠାକୁ ଧାଇଁ ଯାଇଥିଲେ। ସେମାନେ ପାଇଲଟ୍ ଓ କୋ-ପାଇଲଟଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ପୁଲିସ କହିଛି ଯେ ମୃତ ପାଇଲଟଙ୍କର ୩୦୦୦ ଘଣ୍ଟାର ବିମାନ ଉଡ଼ାଣ ଅଭିଜ୍ଞତା ରହିଥିଲା। ପୁଲିସ ଦୁର୍ଘଟଣାସ୍ଥଳକୁ ସିଲ୍ କରିବା ସହିତ ଡିଜିସିଏକୁ ଖବର ଦେଇଥିଲା। ଡିଜିସିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବେ ବୋଲି ପୁଲିସ କହିଛି। ଏୟାରକ୍ରାଫ୍ଟଟି କାହିଁକି ଖସି ପଡ଼ିଲା, ତା'ର ପ୍ରକୃତ କାରଣ ଜଣାପଡ଼ିନାହିଁ ବୋଲି ପୁଲିସ କହିଛି। ଏହି ଘଟଣାରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକ ଦ୍ୱୟଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ମୋହନ ଭାଗବତଙ୍କ ଭିଜା ରଦ୍ଦ ପାଇଁ ୟୁଏସ୍‌ସିଆଇଆର୍‌ଏଫ୍‌ର ଦାବି

ୱାଶିଂଟନ,୨୯ ।୮ (ପିଟିଆଇ): ନ୍ୟୁୟର୍କରେ ଆସନ୍ତା ମାସ ଦିନିଆ ଗସ୍ତରେ ଯାଉଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ ଭିଜା ରଦ୍ଦ କରିବାକୁ ଆମେରିକାର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ (ୟୁଏସ୍‌ସିଆଇଆର୍‌ଏଫ୍) ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ନିକଟରେ ଦାବି କରିଛି। ଆମେରିକା କଂଗ୍ରେସ ଦ୍ୱାରା ଉକ୍ତ କମିଶନ ଗଠନ କରାଯାଇଥିଲା। ଆସନ୍ତା ୨୯ରେ ମାଡିସନ ସ୍କୋୟାର ଗାର୍ଡେନ୍‌ର ଇନ୍‌ଫୋସିସ୍ ଥିଏଟରରେ ହେବାକୁ ଥିବା ବିଶ୍ୱ ଏକତା ଉତ୍ସବରେ ଭାଗବତଙ୍କର ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଏକ ସର୍ବଧର୍ମ ସମାବେଶ ଭାବେ ଘୋଷଣା କରାଯାଇଛି, ଯେଉଁଠି ଆରଏସ୍‌ଏସ୍ ପ୍ରମୁଖ ବିଭିନ୍ନ ଧର୍ମ, ବହୁ ସାଂସ୍କୃତିକ ଓ ବହୁ ଧର୍ମୀୟ ଶ୍ରୋତାମାନଙ୍କୁ ଉଦ୍‌ବୋଧନ ଦେବେ। ତେବେ ଭାଗବତଙ୍କ ଆମେରିକା ଗସ୍ତକୁ ନେଇ ୟୁଏସ୍‌ସିଆଇଆର୍‌ଏଫ୍ ଅତ୍ୟନ୍ତ ଚିନ୍ତିତ ବୋଲି କହିଛି। ଏହାର ଅଭିଯୋଗ ହେଲା ଆରଏସ୍‌ଏସ୍‌ର ଉପସଂଗଠନଗୁଡ଼ିକ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାତ୍ମକ ଆକ୍ରମଣରେ ସମ୍ପୃକ୍ତ। ଧର୍ମୀୟ ସ୍ୱାଧୀନତା ଉଲ୍ଲଘଂନରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ଲଗାଇବା ପାଇଁ ଉକ୍ତ ସଂଗଠନ ଆମେରିକା ସରକାରଙ୍କୁ ନିବେଦନ କରିଛି। ଭାଗବତଙ୍କ ଦିଆଯାଇଥିବା ଭିଜା ରଦ୍ଦ କରିବା ଦାବି ସେଥିରେ ରହିଛି। ଅଭିଯୋଗକୁ ଭାରତ ଖଣ୍ଡନ କରିଛି।

## ହିମାଳୟର ୨୨୧ ବରଫ ହ୍ରଦ ଭାରତ ପାଇଁ ବିପଦ

ନୂଆଦିଲ୍ଲୀ, ୨୯/୦୮: ନେପାଳ-ତିବ୍ବତ ସୀମାରେ ଅଚାନକ ବନ୍ୟା ମାଡ଼ି ଆସିବାରୁ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏହି ବିନାଶକାରୀ ଘଟଣାର ଦୃଶ୍ୟ ଛାତି ଥରେଇ ଦେଉଛି। କିଛି ସେକେଣ୍ଡ ମଧ୍ୟରେ ସବୁ କିଛିକୁ ଧୂଳିସାତ କରିଦେଇଛି। ପ୍ରଳୟ ଜଳ ଅନେକଙ୍କ ପ୍ରାଣ ଛଡ଼ାଇ ନେଇଛି। ଏହି ଘଟଣା ହିମାଳୟର ଗ୍ଲାସିୟର (ବିରାଟ ବରଫ ଖଣ୍ଡ) ଠାରୁ ଥିବା ବିପଦକୁ ନେଇ ପୁଣି ସତର୍କ କରାଇ ଦେଉଛି। ଏହା ମଧ୍ୟରେ ଡେରାଡୁନ ସ୍ଥିତ ୱାଡିଆ ହିମାଳୟ ଭୂବିଜ୍ଞାନ ପ୍ରତିଷ୍ଠାନ ସମେତ ତିନି ସଂସ୍ଥାର ନୂଆ ଅଧ୍ୟୟନ ସାମନାକୁ ଆସିଛି। ଏଥିରେ ହିମାଳୟ କ୍ଷେତ୍ରରେ ଥିବା ୨୨୧ଟି ବରଫ ହ୍ରଦ ଚିହ୍ନଟ କରାଯାଇଛି। ଏ ସବୁ ଭାଙ୍ଗିଗଲେ ଭାରତରେ ନେପାଳ ପରି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ବରଫ ହ୍ରଦ ଭାଙ୍ଗିଲେ ଅଚାନକ ବନ୍ୟା ତଥା ଗ୍ଲାସିଆଲ ଲେକ୍ ଆଉଟ ବ୍ରଷ୍ଟ ଫ୍ଲଡ (ଗ୍ଲୋଫ) ଆସିପାରେ।



ଏହି ଗବେଷଣାରେ କୋସି, ୟାଲୁଙ୍ଗ ଜାଙ୍ଗବୋ, ମାନସ ଓ ଉପର ସିନ୍ଧୁ ନଦୀ ଘାଟକୁ ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ର ଭାବେ ଚିହ୍ନଟ କରାଯାଇଛି। ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ସିକିମର ଅନେକ ନଦୀ ଘାଟ ସମ୍ବେଦନଶୀଳ ଜୋନରେ ରହିଛି। ଅଚାନକ ବନ୍ୟା ଆସିଲେ ୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୯ ଜିଲା ପ୍ରଭାବିତ ହୋଇପାରେ। ତେବେ ଉତ୍ତରାଖଣ୍ଡ ଅଧିକ ବିପଦପୂର୍ଣ୍ଣ ଜୋନରେ ରହିଛି। ଏହି ରାଜ୍ୟରେ କେବଳ ହ୍ରଦ ନୁହେଁ, ତୀକ୍ଷ୍ଣ ପାହାଡ଼ରେ ଥିବା ହ୍ୟାଙ୍ଗିଙ୍ଗ ଗ୍ଲାସିୟର ମଧ୍ୟ ବିପଦ ଆଣିପାରେ।

ଅଲକାନନ୍ଦା ଅବବାହିକାରେ ହୋଇଥିବା ଆଉ ଏକ ଅଧ୍ୟୟନରୁ ୨୧୯ଟି ହ୍ୟାଙ୍ଗିଙ୍ଗ ଗ୍ଲାସିୟର ଥିବା ଜଣାପଡ଼ିଛି। ଏ ସବୁ ଭାଙ୍ଗିଗଲେ ପଥରମାଟି ସହିତ ପାଣି ତଳକୁ ଆସି ବିପର୍ଯ୍ୟୟ ସୃଷ୍ଟି କରିପାରେ। ଏହା ଦ୍ୱାରା ବଦ୍ରିନାଥ-ମାନା ସମେତ ଚାମୋଲିର ତଳିଆ ଅଞ୍ଚଳ ପାଇଁ ବିପଦ ସୃଷ୍ଟି ହୋଇପାରେ। ରିପୋର୍ଟ ଅନୁଯାୟୀ, ଏବେ ହିମାଳୟରେ ୮,୩୫୭ରୁ ୯,୨୮୦ଟି ବରଫ ହ୍ରଦ ରହିଛି। ୧୯୯୦ ପରେ ୧୦୫୨ଟି ନୂଆ ହ୍ରଦ ସୃଷ୍ଟି ହୋଇଛି। ବରଫାବୃତ ଅଞ୍ଚଳ ହ୍ରାସ ପାଇବାରୁ ନୂଆ ହ୍ରଦ ସୃଷ୍ଟି ହୋଇଛି। କୋସି ଘାଟରେ ଥିବା ୧୧୨୫ ହ୍ରଦ ମଧ୍ୟରୁ ୪୭ଟି ସମ୍ବେଦନଶୀଳ। ତେବେ ଜାମ୍ମୁ-କାଶ୍ମୀରର ଚେନାବ ଓ ଝେଲମ, ହିମାଚଳ ପ୍ରଦେଶର ଚିନାବ ଓ ବ୍ୟାସ, ସିକିମର ତିସ୍ତା ନଦୀ ଘାଟ ସବୁଠୁ ଚିନ୍ତାଜନକ କ୍ଷେତ୍ରରେ ରହିଛି। ଗତ ୪୯୧ ବର୍ଷ ମଧ୍ୟରେ ୨୫୪ ଥର ବରଫ ହ୍ରଦ ଭାଙ୍ଗି ଯାଇଛି। ଏଥିରୁ ୧୮୪ଟି ଘଟଣା ସମ୍ବେଦନଶୀଳ ଅଞ୍ଚଳରେ ଘଟିଥିଲା। ପୂର୍ବ ଓ ମଧ୍ୟ ହିମାଳୟ କ୍ଷେତ୍ରରେ ସର୍ବାଧିକ ଥର ବରଫ ହ୍ରଦ୍ ଭାଙ୍ଗି ଥିଲା। ଏହି ସବୁ କ୍ଷେତ୍ରରେ ବରଫ ହ୍ରଦ ଅଧିକ ରହିଛି।

## ସରକାରଙ୍କ ବଡ଼ ନିଷ୍ପତ୍ତି — ବୃଦ୍ଧ ମାତାପିତାଙ୍କ ପ୍ରତି ଅତ୍ୟାଚାର କରୁଥିବା ପିଲାମାନଙ୍କୁ ମିଳିବ ନାହିଁ ସମ୍ପତ୍ତିରେ ଅଧିକାର



ଲକ୍ଷ୍ନୌ,୨୯ ।୮: ଉତ୍ତର ପ୍ରଦେଶରେ, ବୃଦ୍ଧ ମାତାପିତା ଏବେ ସେମାନଙ୍କୁ ଅବହେଳା କିମ୍ବା ଦୁର୍ବ୍ୟବହାର କରୁଥିବା ପିଲାମାନଙ୍କୁ ସହଜରେ ସମ୍ପତ୍ତିରୁ ବେଦଖଲ କରିପାରିବେ। ବରିଷ୍ଠ ନାଗରିକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସୁନିଶ୍ଚିତ କରିବା ପାଇଁ, ରାଜ୍ୟ ସରକାର ନିୟମ ୨୨-କ, ୨୨-ଖ, ଏବଂ ୨୨-ଗ ଯୋଡ଼ି 'ଉତ୍ତର ପ୍ରଦେଶ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ନିୟମ, ୨୦୧୪' ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ୟାବିନେଟ ମଙ୍ଗଳବାର ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। କେନ୍ଦ୍ର ସରକାରଙ୍କ 'ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭' ରାଜ୍ୟରେ ବଳବତ୍ତର ଅଛି; ଏହା ୨୦୧୨ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଏବଂ ୨୦୧୪ ମସିହାରେ ଅନୁରୂପ ନିୟମ ଜାରି କରାଯାଇଥିଲା। ପୂର୍ବରୁ, ରାଜ୍ୟର ସପ୍ତମ ଆଇନ କମିଶନ ୪ ଡିସେମ୍ବର, ୨୦୨୦ ରେ ଏହି ନିୟମରେ ତିନୋଟି ସଂଶୋଧନ ସୁପାରିଶ କରିଥିଲେ। ଆଇନ କମିଶନ ୨୦୧୪ ନିୟମକୁ କେନ୍ଦ୍ରୀୟ ଆଇନର ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ଭାବରେ ସାକାର କରିବା ପାଇଁ ଅପର୍ଯ୍ୟାପ୍ତ ବୋଲି ବିବେଚନା କରିଥିଲେ ଏବଂ ନିୟମ ୨୨-କ, ୨୨-ଖ ଏବଂ ୨୨-ଗ ଯୋଡିବାକୁ ସୁପାରିଶ କରିଥିଲେ।

କ୍ୟାବିନେଟ ଦ୍ୱାରା ଅନୁମୋଦିତ ନୂତନ ବ୍ୟବସ୍ଥା ଅନୁଯାୟୀ, ଯଦି ଜଣେ ବରିଷ୍ଠ ନାଗରିକଙ୍କ ପିଲାମାନେ କିମ୍ବା ଅନ୍ୟ ନିର୍ଭରଶୀଳ ସମ୍ପର୍କୀୟମାନେ ଭରଣପୋଷଣ ଯୋଗାଇବାରେ ବିଫଳ ହୁଅନ୍ତି କିମ୍ବା ସେମାନଙ୍କୁ କୌଣସି ପ୍ରକାରର ଦୁର୍ବ୍ୟବହାରର ଶିକାର ହୁଅନ୍ତି, ତେବେ ପୀଡିତ ବୃଦ୍ଧ ବ୍ୟକ୍ତି ସେମାନଙ୍କୁ ସେମାନଙ୍କ ସମ୍ପତ୍ତି (ବିଶେଷକରି, ସ୍ୱ-ଅର୍ଜିତ ସମ୍ପତ୍ତି) ରୁ ବାହାର କରିପାରିବେ। ଏହିପରି ମାମଲାରେ ଅଭିଯୋଗ ଜିଲାସ୍ତରୀୟ ଭରଣପୋଷଣ ଟ୍ରିବ୍ୟୁନାଲ ସମ୍ମୁଖରେ ଦାଖଲ କରାଯାଇପାରିବ, ଯାହାକୁ ସରକାରଙ୍କୁ ଏପରି ସମସ୍ତ ମାମଲାର ମାସିକ ରିପୋର୍ଟ ଦାଖଲ କରିବାକୁ ପଡିବ। ଅଭିଯୋଗଗୁଡ଼ିକର ଶୁଣାଣି ୩୦ ଦିନ ମଧ୍ୟରେ କରାଯିବ ଯାହା ଦ୍ୱାରା ବୃଦ୍ଧମାନଙ୍କୁ ନ୍ୟାୟ ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡିବ ନାହିଁ।

ଯଦି ଜଣେ ବରିଷ୍ଠ ନାଗରିକ ବ୍ୟକ୍ତିଗତ ଭାବରେ ଆବେଦନ କରିପାରିବେ ନାହିଁ, ତେବେ ଏକ ସଂଗଠନ ସେମାନଙ୍କ ପକ୍ଷରୁ ଏପରି ଆବେଦନ ଦାଖଲ କରିପାରିବେ। ଟ୍ରିବ୍ୟୁନାଲଙ୍କୁ ଉଚ୍ଛେଦ ନିର୍ଦ୍ଦେଶ ଜାରି କରିବାର ଅଧିକାର ରହିବ। ଯଦି ଜଣେ ବ୍ୟକ୍ତି ବରିଷ୍ଠ ନାଗରିକଙ୍କ ସମ୍ପତ୍ତି ସମ୍ବନ୍ଧୀୟ ଉଚ୍ଛେଦ ନିର୍ଦ୍ଦେଶ ଜାରି ହେବାର ୩୦ ଦିନ ମଧ୍ୟରେ ପାଳନ କରିବାରେ ବିଫଳ ହୁଅନ୍ତି, ତେବେ ଟ୍ରିବ୍ୟୁନାଲ ପୋଲିସ ସହାୟତାରେ ସମ୍ପତ୍ତିର ଦଖଲ ନେଇପାରିବେ। ସମ୍ପୃକ୍ତ ପୋଲିସ ବାହିନୀ ମଧ୍ୟ ଉଚ୍ଛେଦ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ବାଧ୍ୟ ହେବେ। ତା'ପରେ ଟ୍ରିବ୍ୟୁନାଲ ବୃଦ୍ଧ ବ୍ୟକ୍ତିଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବେ। ଜିଲା ମାଜିଷ୍ଟ୍ରେଟମାନେ ପରବର୍ତ୍ତୀ ମାସର ସପ୍ତମ ତାରିଖ ସୁଦ୍ଧା ସରକାରଙ୍କୁ ଏପରି ମାମଲା ଉପରେ ମାସିକ ରିପୋର୍ଟ ଦାଖଲ କରିବାକୁ ବାଧ୍ୟ। ଏହି ସମୟରେ, ବରିଷ୍ଠ ନାଗରିକମାନେ ଜିଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ଗଠିତ ଆପିଲେଟ ଟ୍ରିବ୍ୟୁନାଲ ନିକଟରେ ଟ୍ରିବ୍ୟୁନାଲଙ୍କ ଆଦେଶ ବିରୁଦ୍ଧରେ ଆବେଦନ କରିପାରିବେ। ଅର୍ଥମନ୍ତ୍ରୀ ସୁରେଶ ଖାନ୍ନା କହିଛନ୍ତି ଯେ ବୃଦ୍ଧମାନେ ଏହି ବ୍ୟବସ୍ଥାର ଲାଭ ସହଜରେ ପାଇପାରିବେ ତାହା ନିଶ୍ଚିତ କରିବା ପାଇଁ ଉଚ୍ଛେଦ ପ୍ରକ୍ରିୟା ସ୍ୱଷ୍ଟ ଏବଂ ସମୟସୀମା ମଧ୍ୟରେ କରାଯାଇଛି। ଅଭିଯୋଗ ଦାଖଲ କରିବାକୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରିପାରୁନଥିବା ବରିଷ୍ଠ ନାଗରିକମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ସରକାର ଖୁବ ଶୀଘ୍ର ଏକ ଟୋଲ-ଫ୍ରି ନମ୍ବର ମଧ୍ୟ ଆରମ୍ଭ କରିବେ।

## ଭିକ୍ଷା ମାଗି ଜମା କରିଥିଲେ ଲକ୍ଷ ଲକ୍ଷ ଟଙ୍କା

ବେଙ୍ଗାଲୁରୁ, ୨୯।୮: କର୍ନାଟକରୁ ସାମ୍ନାକୁ ଆସିଛି ଏକ ଆଶ୍ଚର୍ଯ୍ୟଜନକ ଘଟଣା। ସାରା ଜୀବନ ଭିକ୍ଷା ମାଗି ଜୀବନ ବିତାଇଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ପରେ ତାଙ୍କ ଘରୁ ମିଳିଛି ନୋଟ୍‌ଭର୍ତ୍ତି ୩୦ରୁ ଅଧିକ ବସ୍ତା। ଭିକ୍ଷା ମାଗି ଜୀବନ ଚଳାଉଥିଲେ। ପ୍ରାୟ ଦୁଇ ବର୍ଷ ପୂର୍ବେ ଉନ୍ନିସାଙ୍କ ଭଉଣୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ଏକାକୀ ରହୁଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଉନ୍ନିସାଙ୍କର ରବିବାର ମୃତ୍ୟୁ ହୋଇଥିଲା।

### ଘରୁ ମିଳିଲା ୩୦ରୁ ଅଧିକ ବସ୍ତା ନୋଟ୍, ଗଣିଗଣି ସବୁ ହାଲିଆ





ବସ୍ତାଗୁଡ଼ିକରେ ୧୦, ୨୦ ଓ ୫୦ ଟଙ୍କିଆ ହଜାର ହଜାର ନୋଟ୍ ଥିବା ଜଣାପଡ଼ିଛି। ଟଙ୍କା ଏତେ ଅଧିକ ଥିଲା ଯେ ଗଣିବା ପାଇଁ ମେସିନ୍ ମଗାଇବାକୁ ପଡ଼ିଥିଲା।

ଘଟଣାଟି କର୍ନାଟକ ମାଣ୍ଡ୍ୟା ଜିଲା ଗୁଥାଲୁ ଅଞ୍ଚଳର। ସେଠାରେ ହୁର ଉନ୍ନିସା ନାମକ ଜଣେ ବୃଦ୍ଧା ତାଙ୍କ ଭଉଣୀଙ୍କ ସହ ରହୁଥିଲେ। ଉଭୟ ଭଉଣୀ ବିବାହ କରିନଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ଘର ଯାଞ୍ଚ କରିଥିଲେ। ଏହି ସମୟରେ ଘରୁ ୩୦ରୁ ଅଧିକ ବସ୍ତା ମିଳିଥିଲା, ଯେଉଁଥିରେ ଭର୍ତ୍ତି ଥିଲା ନଗଦ ଟଙ୍କା।

ମିଳିଥିବା ଟଙ୍କା ମଧ୍ୟରୁ ଏପର୍ଯ୍ୟନ୍ତ ପ୍ରାୟ ୮ରୁ ୯ ଲକ୍ଷ ଟଙ୍କା ଗଣା ସରିଛି। ତେବେ ଆହୁରି ପ୍ରାୟ ୨୦ଟି ବସ୍ତାରେ ଥିବା ଟଙ୍କା ଗଣିବା ବାକି ରହିଛି। ଟଙ୍କା ଗଣିବା ପାଇଁ ମେସିନ୍ ମଧ୍ୟ ଅଣାଯାଇଛି। ଉନ୍ନିସାଙ୍କ ଘରୁ ମିଳିଥିବା ଟଙ୍କାକୁ ବର୍ତ୍ତମାନ ଗୁଥାଲୁ ଅଞ୍ଚଳର ଏକ ମସଜିଦ୍‌ର ହେପାଜତରେ ରଖାଯାଇଛି। ତାଙ୍କ ସମ୍ପର୍କୀୟମାନଙ୍କୁ ମଧ୍ୟ ଏହି ଟଙ୍କା ସମ୍ପର୍କରେ ଜଣାଇ ଦିଆଯାଇଛି। ଅବଶିଷ୍ଟ ବସ୍ତାଗୁଡ଼ିକର ଟଙ୍କା ସମ୍ପର୍କୀୟଙ୍କ ଉପସ୍ଥିତିରେ ଗଣାଯିବ। ଏହାପରେ ଉନ୍ନିସା ଜୀବନସାରା ଭିକ୍ଷା ମାଗି ଜମା କରିଥିବା ଟଙ୍କା କାହାକୁ ଦିଆଯିବ, ସେନେଇ ନିଷ୍ପତ୍ତି ନିଆଯିବ। ଏହି ଘଟଣାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଦ୍ରୁତଗତିରେ ଭାଇରାଲ ହେଉଛି।

## ହସ୍ପିଟାଲରେ ଜନ୍ମ ନେଲା ଅଦ୍ଭୁତ ଶିଶୁ





### ଦେଖିବାକୁ ହସ୍ପିଟାଲରେ ଭିଡ଼

ଭୋପାଳ,୨୯।୮: ମଧ୍ୟପ୍ରଦେଶର ଛତରପୁର ଜିଲାରୁ ଏକ ଅତ୍ୟନ୍ତ ବିରଳ ଘଟଣା ସାମ୍ନାକୁ ଆସିଛି। ଲବକୁଶ ନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ୪ଟି ହାତ ଓ ୪ଟି ଗୋଡ଼ ଥିବା ଶିଶୁକୁ ଜନ୍ମ ଦେଇଛନ୍ତି। ନବଜାତ ଶିଶୁକୁ ଦେଖି ଡାକ୍ତର ଓ ନର୍ସମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଖବର ପ୍ରଚାର ହେବା ପରେ ଶିଶୁଙ୍କୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

ସୂଚନା ଅନୁସାରେ, ରୀତା ଅହିରୱାରଙ୍କ ପ୍ରସବ ଯନ୍ତ୍ରଣା ହେବା ପରେ ତାଙ୍କ ସ୍ୱାମୀ ଶିବଚରଣ ଅହିରୱାର ତାଙ୍କୁ ଲବକୁଶ ନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଛତରପୁର ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ମହିଳାଙ୍କ ଅବସ୍ଥା ଦେଖି ନର୍ସ ତାଙ୍କୁ ତୁରନ୍ତ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଥିଲେ। କିଛି ସମୟ ପରେ ରୀତା ଶିଶୁଙ୍କୁ ଜନ୍ମ ଦେଇଥିଲେ। ଶିଶୁର ଶରୀରରେ ଅତିରିକ୍ତ ହାତ ଓ ଗୋଡ଼ ଥିବା ଦେଖି ନର୍ସ ତୁରନ୍ତ ବରିଷ୍ଠ ଡାକ୍ତର ତଥା ବ୍ଲକ୍ ମେଡିକାଲ ଅଫିସର ଡାକ୍ତର ଜଣାଇଥିଲେ। ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିଶୁର ପରୀକ୍ଷା କରିଥିଲେ। ଡାକ୍ତରଙ୍କ କହିବା ଅନୁସାରେ, ଏହା କନ୍‌ଜଏଣ୍ଟ ଟ୍ୱିନ୍ସ (ଯୋଡ଼ା ଯାଆଁଳା) ସହ ଜଡ଼ିତ ଏକ ଅତ୍ୟନ୍ତ ବିରଳ ମାମଲା। ଏଭଳି ଘଟଣା ପ୍ରାୟ ଏକ ମିଲିୟନ୍‌ରେ ଜଣଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ। ଡାକ୍ତରଙ୍କ କହିବା ଅନୁସାରେ, ଶିଶୁଟିକୁ ଉତ୍ତମ ଚିକିତ୍ସା ପାଇଁ ଜବଲପୁର ଜିଲା ହସ୍ପିଟାଲକୁ ରେଫର କରାଯାଇଛି। ଶିଶୁଙ୍କୁ ଏୟାରଲିଫ୍ଟ କରି ଜବଲପୁର ନେବା ପାଇଁ ପ୍ରସ୍ତୁତି ମଧ୍ୟ ଚାଲିଛି। ସବୁଠାରୁ ଆଶ୍ୱସ୍ତିର କଥା ହେଉଛି, ଏବେ ଉଭୟ ମାଆ ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଶିଶୁର ଜନ୍ମ ଖବର ଶୁଣି ତାଙ୍କ ବାପା ଶିବଚରଣ ତୁରନ୍ତ ଶିଶୁକୁ ଦେଖିବାକୁ ଆସିଥିଲେ। ସେ ଏହାକୁ ଭଗବାନଙ୍କ ଉପହାର ବୋଲି କହିଛନ୍ତି।

"ବଞ୍ଚିବା ପାଇଁ ମନେ ରଖିଥାଅ ମଣିଷ
ବିଚାର, ବ୍ୟବହାର ଓ ବିଶ୍ୱାସ
ତେବେ ଜୀବନ ହେବ ଉଶ୍ୱାସ
ଭକ୍ତି ମାର୍ଗରେ ସଦା କରୁଥାଅ ବିଶ୍ୱାସ"

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...



# ଭାରତରେ ଗଣତନ୍ତ୍ରର ଅର୍ଥ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ

ଭାରତରେ ଗଣତନ୍ତ୍ରର ଅର୍ଥ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନ ସାଧାରଣ ଜନତାଙ୍କୁ ବିସ୍ମିତ କରିଛି । ମୁଷ୍ଟିମେୟ ଶାସକ ଗୋଷ୍ଠୀ ପାଇଁ ଗଣତନ୍ତ୍ର ଆଜି ପାଲଟିଛି ଉପଭୋଗର କ୍ଷେତ୍ର । ଦେଶ ଆମର ସତ କିନ୍ତୁ ଦେଶକୁ ଆମେ ଚଳାଉନାହୁଁ । ଯେଉଁମାନେ ନାଉରି ସାଜି ଦେଶ ନାଆର କାତ ଧରିଲେ ସେମାନେ ନାଆକୁ ଏପରି ସ୍ଥିତିକୁ ଆଣିଛନ୍ତି ଯେ ମଝି ଦରିଆରେ ତାହା ଆଜି ଟଳମଳ । ନାଉରୀ ବାପୁଡା ଯାତ୍ରୀଙ୍କ ନିରାପତ୍ତାକୁ ଉପେକ୍ଷା କରି ନିଜ ସ୍ୱାର୍ଥ ରକ୍ଷାରେ ବ୍ୟସ୍ତ । ସେବକ ଆଉ ରକ୍ଷକ ନ ହୋଇ ଭକ୍ଷକ ସାଜିଲାଣି । ସେବକ ଭିଆଇପିରେ ରୂପାନ୍ତରିତ ହେଲେଣି । ଶାସକ ଓ ପ୍ରଶାସକଙ୍କ ନିଷ୍ଠୁରତା ଓ ସାଧାରଣଙ୍କ ପ୍ରତି ଉଦାସୀନତା ଲୋକଙ୍କ ମନରେ କ୍ଷୋଭ ସୃଷ୍ଟି କଲାଣି ।

କେବଳ ଜନସାଧାରଣଙ୍କ ପ୍ରତି ନୁହେଁ ଭିଆଇପିଙ୍କ ଅଧସ୍ତନଙ୍କ ପ୍ରତି ହୀନମନ୍ୟତା ମଧ୍ୟ କେଉଁ ଗୁଣରେ କମ୍ ନୁହେଁ । କିଛିଦିନ ତଳେ ଦିଲ୍ଲୀ ନିକଟସ୍ଥ ଗୁରୁଗ୍ରାମର ଅତିରିକ୍ତ ଦୌରାଜଜ୍‌ଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ମହୀପାଲ ସିଂ ବିଚାରପତିଙ୍କ ସ୍ତ୍ରୀ ଓ ନାବାଳକ ପୁତ୍ରକୁ ଗୁଳିକରି ଜଜ୍‌ଙ୍କୁ ଏହା ଫୋନ ଯୋଗେ ଜଣାଇ ଦେଲେ । ବିଚାରପତି କୃଷ୍ଣକାନ୍ତି ଶର୍ମା ଏବଂ ତାଙ୍କ ପରିବାର ପ୍ରତିକ୍ଷଣରେ ଓ ପ୍ରତିକଥାରେ ମହୀପାଲଙ୍କୁ ଗାଳିଗୁଲଜ କରୁଥିଲେ ଓ ଦିନଟିଏ ବି ତାଙ୍କୁ ଛୁଟି ଦେଉ ନ ଥିଲେ । ଦୀର୍ଘ ମାନସିକ ଅବସାଦର ଏ ଥିଲା ପ୍ରତିଫଳନ । ଭିଆଇପିଙ୍କର ପ୍ରତିଟି ଘରୋଇ କାମ ପାଇଁ ସରକାରୀ ବେତନଭୋଗୀ କର୍ମଚାରୀଙ୍କୁ ନିଯୁକ୍ତ କରାଯାଉଛି, ଯେଉଁମାନଙ୍କ ଭାଗ୍ୟବିଧାତା ସାଜନ୍ତି ଏହି ତଥାକଥିତ ଭିଆଇପିମାନେ । ଦେଶର ସ୍ୱାଧୀନତା ଯେତେ ପୁରୁଣା ହେଉଛି ଭିଆଇପିଙ୍କର ଅହମିକା ସେତେ ଅଧିକ ଅନୁଭୂତ ହେଉଛି । ସେବ୍ୟ ଓ ସେବକ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ସେବିତ ଏବେ ପ୍ରଶ୍ନ କରେ, ମୋ ଭୋଟ ଖଣ୍ଡକ ଯଦି ଏତେ ମୂଲ୍ୟବାନ ଓ ସେହି ଭୋଟ ଖଣ୍ଡକ ବିନିମୟରେ ଜଣେ ଯଦି ଉଚ୍ଚାସନ ପାଇ ସମସ୍ତ ସୁଖ ସୁବିଧା ଉପଭୋଗ କରି ପାରୁଛି, ତେବେ ଭୋଟ ପରେ ସେ ମୋତେ ତ ପୂଜା କରିବା କଥା । ବାସ୍ତବରେ ମୁଁ ହେଉଛି ଭିଆଇପି ଏବଂ କିଙ୍ଗମେକର । ପ୍ରସିଦ୍ଧ ଇଂଲିଶ ପ୍ରାବନ୍ଧିକ ଏ.ଏସ୍. ହମ୍‌ବିଙ୍କ ମତରେ, ଯେଉଁମାନେ ଦ୍ରବ୍ୟକୁ ଉପଭୋଗ କରନ୍ତି ସେମାନେ ସଭ୍ୟ କିମ୍ବା ଯୋଗ୍ୟ ନୁହନ୍ତି । ପ୍ରକୃତ ଯୋଗ୍ୟ ସେହିମାନେ ଯେଉଁମାନେ ଦ୍ରବ୍ୟ ଉପତ୍ାଦନ କରନ୍ତି । ଜୋତା ପିନ୍ଧିବା ଲୋକ ନୁହେଁ ଜୋତା ପ୍ରସ୍ତୁତ କରୁଥିବା ବ୍ୟକ୍ତିଟି ପ୍ରକୃତ ସଭ୍ୟ । କୃଷକ ଅକଥନୀୟ ଯନ୍ତ୍ରଣା ସହି, ସମସ୍ତ ପ୍ରାକୃତିକ ପ୍ରତିକୂଳତାକୁ ଆପଣେଇ ଯେଉଁ ଶସ୍ୟ ଗଣ୍ଡାକ ଉପନ୍ନ କରେ ତା'ର ଉପଭୋକ୍ତା ନିଜକୁ ସଭ୍ୟ ବା ଭିଆଇପି ବୋଲାଉଥିବା ବେଳେ ବିଚରା କୃଷକ ଚିର ଅବହେଳିତ । ଧନୀ ବାବୁମାନେ ଧନରେ କୁବେର ପାଲଟିଥିବା ବେଳେ ଗରିବ ଜନତା କ୍ରମେ ଦରିଦ୍ରରୁ ଦରିଦ୍ରତର ହେବାରେ ଲାଗିଛି ।

### ପ୍ରଶାସନର ନିଷ୍ଠୁରତା
### ଜନତାଙ୍କ ପାଇଁ ଉଦାସୀନତା

ଏ ସମ୍ବନ୍ଧରେ ଏକ ଗଳ୍ପ ପ୍ରାସଙ୍ଗିକ ମନେହୁଏ । ଥିଲେ ଜଣେ ଅତ୍ୟନ୍ତ ପ୍ରଜ୍ଞାଶୀଳ ବୃଦ୍ଧବ୍ରାହ୍ମଣ । ବାର୍ଦ୍ଧକ୍ୟରେ ଉପନୀତ ହୋଇ ସମ୍ପୂର୍ଣ୍ଣ ଧନହୀନ ଓ ରୋଗ କଷ୍ଟରେ ଜୀବନ ଜିଇବାକୁ ହେଲା । ଆଉ ବୟସ ନାହିଁ ଯେ କିଛି ଉପାର୍ଜନ କରି ସ୍ୱାମୀ ସ୍ତ୍ରୀ ଦୁଇଜଣ ନିଜ ଆବଶ୍ୟକତା ପୂରଣ କରିପାରିବେ । ଥରେ ବୃଦ୍ଧବ୍ରାହ୍ମଣଙ୍କ ସ୍ତ୍ରୀ କହିଲେ ତୁମେ ସିନା ବୃଦ୍ଧ ହୋଇଛ ହେଲେ ତୁମ ପ୍ରଜ୍ଞା ତ ଊଣା ହୋଇ ନାହିଁ । ତୁମେ ଥରେ ରାଜ୍ୟର ରାଜାଙ୍କୁ ସାକ୍ଷାତ କରି ତୁମ ପାଣ୍ଡିତ୍ୟ ପ୍ରଦର୍ଶନ କଲେ ସେ ହୁଏତ ପ୍ରସନ୍ନ ହୋଇ କିଛି ଆର୍ଥିକ ସହାୟତା ପ୍ରଦାନ କରିବେ । ଆମେ ହୁଏତ କିଛି ଦିନ ଚଳିଯାଇ ପାରିବା । ନିଜର ଛିନ୍ନ ବସ୍ତ୍ର ଓ ଜୀର୍ଣ୍ଣ ଶରୀରରେ ବୃଦ୍ଧ ରାଜଦ୍ୱାର ଅଭିମୁଖେ ଗମନ କଲେ । ରାଜ ପ୍ରାସାଦର ପ୍ରଥମ ଓ ଦ୍ୱିତୀୟ ଦ୍ୱାରପାଳଙ୍କୁ ନିଜ ବୁଦ୍ଧି ବଳରେ ବଶୀଭୂତ କରି ତୃତୀୟ ତଥା ଶେଷ ଦ୍ୱାରରେ ଉପନୀତ ହେଲେ । ତୃତୀୟ ଦ୍ୱାରପାଳ ଥିଲେ ଅତି କଠୋର । ବ୍ରାହ୍ମଣ ଦେଖିଲେ ଏଠାରୁ ପାରିହେବା ଏତେ ସହଜ ନୁହେଁ । ତେଣୁ ସେ ନିଜ ଶାଣିତ ପ୍ରଜ୍ଞାର ଆଶ୍ରୟ ନେଲେ । ସେ ତୃତୀୟ ଦ୍ୱାର ରକ୍ଷକଙ୍କୁ କହିଲେ ତୁମେ ଯାଇ ରାଜାଙ୍କୁ କୁହ ଯେ ତାଙ୍କ ମାଉସୀଙ୍କ ପୁଅ ଅର୍ଥାତ୍ ତାଙ୍କ ଜ୍ୟେଷ୍ଠ ଭ୍ରାତା ତାଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି । ବ୍ରାହ୍ମଣଙ୍କ କଥାରେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ତୃତୀୟ ଦ୍ୱାର ରକ୍ଷକ ରାଜାଙ୍କୁ ଏ ସନ୍ଦେଶ ଦେଲେ । ରାଜାଙ୍କର ବିସ୍ମୟର ସୀମା ରହିଲା ନାହିଁ । ତଥାପି କୌତୂହଳବଶତଃ ଆଗନ୍ତୁକଙ୍କୁ ଭିତରକୁ ଯିବାର ଅନୁମତି ମିଳିଲା । ବ୍ରାହ୍ମଣ ଯେତେବେଳେ ରାଜାଙ୍କ ସମ୍ମୁଖରେ ପହଞ୍ଚିଲେ ରାଜା ବିସ୍ମୟର ସହ କହିଲେ ଯେ ତାଙ୍କର ସେପରି କେହି ଭାଇ ନାହାନ୍ତି । ପୁନଶ୍ଚ ସେ ଜଣେ କ୍ଷତ୍ରିୟ । ତେଣୁ ଜଣେ ବ୍ରାହ୍ମଣ କିପରି ତାଙ୍କର ଭାଇ ହୋଇପାରିବ ? ବୃଦ୍ଧ ଅଳ୍ପ ହସି କହିଲେ, ଆପଣ ଏ ରାଜ୍ୟର ରାଜା । ଆପଣ କ'ଣ ସତରେ ମତେ ଚିହ୍ନି ପାରୁ ନାହାନ୍ତି ନା ନ ଚିହ୍ନି ପାରିବାର ଅଭିନୟ କରୁଛନ୍ତି ? ରାଜା କ୍ରୋଧିତ ହୋଇ କହିଲେ ଆପଣଙ୍କ ପରିଚୟ ଦିଅନ୍ତୁ; ନଚେତ୍ ଅବିଳମ୍ବେ ଏ ସ୍ଥାନ ତ୍ୟାଗ କରନ୍ତୁ ।

ବୃଦ୍ଧ ଉତ୍ତର ଦେଲେ ମୁଁ ଆପଣଙ୍କର ଭାଇ ଏହା ଚନ୍ଦ୍ର ସୂର୍ଯ୍ୟପରି ସତ୍ୟ । ଆପଣ ମୋତେ କେବେ ଖୋଜି ନ ଥିଲେ । ତେଣୁ ମୁଁ ଆସି ନ ଥିଲି । ଆପଣ ଏତେ ପଣ୍ଡିତଙ୍କ ଗହଣରେ ରହୁଛନ୍ତି । ଅଥଚ ଏ ସରଳ ସତ୍ୟଟି ବୁଝିପାରୁ ନାହାନ୍ତି । ଆପଣଙ୍କର ଜ୍ଞାନ ଚକ୍ଷୁ ଖୋଲି ଦିଅନ୍ତୁ । ମୋତେ ଚିହ୍ନି ପାରିବେ । ଆପଣଙ୍କ ମାଆ ଓ ମୋ ମା ଦୁଇ ଭଉଣୀ । ସୌଭାଗ୍ୟ ଦେବୀ ଓ ଦୁର୍ଭାଗ୍ୟ ଦେବୀ ଦୁଇ ଭଉଣୀ । ସୌଭାଗ୍ୟ ମା'ଙ୍କ ପୁତ୍ର ହୋଇଥିବାରୁ ଆପଣ ରାଜା ଓ ସକଳ ଐଶ୍ୱର୍ଯ୍ୟର ଅଧିକାରୀ ଓ ଦୁର୍ଭାଗ୍ୟ ଦେବୀଙ୍କ ପୁତ୍ର ହୋଇଥିବାରୁ ମୁଁ ଧନହୀନ, ଦାରିଦ୍ର୍ୟ ପ୍ରପୀଡିତ ଓ ଅବହେଳିତ । ମୋ କଥାରେ ସତ୍ୟତା ଜ୍ଞାତ ହେବା ପାଇଁ ଆପଣଙ୍କ ରାଜସଭାର ଜ୍ଞାନୀ, ଗୁଣୀ ଓ ପଣ୍ଡିତମାନଙ୍କର ମତ ନିଆଯାଇପାରେ । ରାଜପଣ୍ଡିତମାନେ ସମସ୍ୱରରେ ବୃଦ୍ଧଙ୍କ ଯୁକ୍ତିକୁ ସମର୍ଥନ କଲେ । ରାଜାଙ୍କର ଜ୍ଞାନୋଦୟ ହେଲା, ସେ ନିଜର ଭୁଲ ବୁଝିପାରିଲେ ଯେ ରାଜକୀୟତାର ଆଡମ୍ବର ମଧ୍ୟରେ ରହି ସେ ରାଜ୍ୟର ଗରିବ ତଥା ଅବହେଳିତଙ୍କ ପାଇଁ କିଛି ପଦକ୍ଷେପ ନ ନେବା ବାସ୍ତବିକ ଏକ ଭୁଲ୍ । ପଣ୍ଡିତଙ୍କୁ ପର୍ଯ୍ୟାପ୍ତ ଅର୍ଥଦାନ ଦେବା ସହ ନିଜ ପ୍ରାସାଦ ସନ୍ନିକଟରେ ରହିବାର ବ୍ୟବସ୍ଥା କରାଗଲା ଓ ରାଜା ରାଜ୍ୟର ସମସ୍ତ ଦୁଃଖୀ ଜନତାଙ୍କ ଦୁଃଖ ଦୂର କରିବାର ଶପଥ ନେଲେ । ଏହା ଏକ କାହାଣୀ ହୋଇପାରେ । ମାତ୍ର ପ୍ରତ୍ୟେକ ଉଚ୍ଚସ୍ତରର ବ୍ୟକ୍ତି ଟିକେ ତଳକୁ ଦୃଷ୍ଟି ନିକ୍ଷେପ କଲେ ଏ ଗଳ୍ପର ସତ୍ୟତା ଅନୁଭବ କରିପାରିବେ । ନେତା ଭିଆଇପିମାନେ ନିଜ ଅହଙ୍କାରକୁ ତ୍ୟାଗ କରି ଟିକେ ତଳକୁ ଚାହିଁଲେ ଏ ଦେଶର ଅନେକ କୋଟି ଜନତାଙ୍କର ମଙ୍ଗଳ ହେବ । ଧନୀ ଦରିଦ୍ର ସମସ୍ତେ ଭାଇ ଭାଇ । ଟିକେ ତଳକୁ ଚାହିଁବାର ଆବଶ୍ୟକତା ଅଛି ।

# 'ଭୋଟ ମାଫିଆ' ଗଣତନ୍ତ୍ର ପାଇଁ ଏକ ନୀରବ ବିପଦ



ବିଦ୍ୟାଧର ନାୟକ
ପୂର୍ବତନ ବରିଷ୍ଠ ନୌସୈନିକ
ଦୂରଭାଷ- ୯୭୫୮୮୫୯୪୭୪

### ସାମାଜିକ ଅନ୍ୱେଷଣ

ଆମେ ପ୍ରାୟତଃ ଜମି ମାଫିଆ, ବାଲି ମାଫିଆ, ଖଣି ମାଫିଆ, ଜଙ୍ଗଲ ମାଫିଆ କିମ୍ବା ଶ୍ରମିକ ମାଫିଆ ବିଷୟରେ ଶୁଣିଥାଉ । କିନ୍ତୁ ଏହାଠାରୁ ମଧ୍ୟ ଅଧିକ କ୍ଷତିକାରକ ଏକ ପ୍ରବୃତ୍ତି ରହିଛି, ଯାହାକୁ ମୁଁ 'ଭୋଟ ମାଫିଆ' ବୋଲି କହିବାକୁ ଚାହେଁ । ଏହା କୌଣସି ଆଇନଗତ ପରିଭାଷା ନୁହେଁ, ବରଂ ଏକ ସାମାଜିକ ଉପମା । ଏହା ସେହି ପ୍ରବୃତ୍ତିକୁ ବୁଝାଏ ଯେଉଁଠାରେ କିଛି ବ୍ୟକ୍ତି ରାଜନୀତିକୁ ଜନସେବାର ମାଧ୍ୟମ ନୁହେଁ, ବରଂ ଅର୍ଥ ଉପାର୍ଜନର ସହଜ ଉପାୟ ଭାବରେ ଦେଖନ୍ତି ।

ଆରମ୍ଭରେ ସେମାନେ ଛୋଟ ବ୍ୟବସାୟ କିମ୍ବା ଅନ୍ୟ କାମରେ ନିଜର ପରିଚୟ ସୃଷ୍ଟି କରନ୍ତି । ଧୀରେ ଧୀରେ ଅର୍ଥ ଓ ଲୋକସମ୍ପର୍କ ବଢ଼ିବା ପରେ ସେମାନେ ରାଜନୀତିରେ ସକ୍ରିୟ ହୁଅନ୍ତି । ଉଦ୍ଦେଶ୍ୟ ଜନସେବା ନୁହେଁ, ବରଂ ନିର୍ବାଚନ ସମୟରେ ନିଜ ପ୍ରଭାବକୁ ବ୍ୟବହାର କରି ଲାଭ ହାସଲ କରିବା । ଏପରି ବ୍ୟକ୍ତିମାନେ କୌଣସି ଗୋଟିଏ ଆଦର୍ଶ କିମ୍ବା ଦଳ ପ୍ରତି ପ୍ରତିବଦ୍ଧ ନ ଥାଇ, ସୁଯୋଗ ଦେଖି ବିଭିନ୍ନ ଦଳ ସହ ସମ୍ପର୍କ ରଖନ୍ତି । ସେମାନଙ୍କ ପାଇଁ ଦଳର ବିଜୟ କିମ୍ବା ପରାଜୟଠାରୁ ବ୍ୟକ୍ତିଗତ ଲାଭ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ନିର୍ବାଚନ ଶେଷ ହେବା ପରେ ମଧ୍ୟ ସେମାନଙ୍କ ପ୍ରଭାବ କମେ ନାହିଁ । ଅର୍ଥବଳ ଓ ଗୋଷ୍ଠୀବଳକୁ ଆଧାର କରି ସମାଜରେ ନିଜର ପ୍ରଭାବ ବଢ଼ାଇବାର ଚେଷ୍ଟା କରନ୍ତି । ଲୋକମାନେ ଅନେକ ସମୟରେ ଭୟ କିମ୍ବା ସ୍ୱାର୍ଥବଶତଃ ସେମାନଙ୍କୁ ସମର୍ଥନ କରୁଥିବା ପରି ଦେଖାଯାନ୍ତି, କିନ୍ତୁ ଏହା ପ୍ରକୃତ ସମ୍ମାନ ନୁହେଁ । ସମୟ ଆସିଲେ ପୁଣି ନିର୍ବାଚନ ହୁଏ ଏବଂ ସେହି ଚକ୍ର ପୁଣି ଆରମ୍ଭ ହୋଇଯାଏ । ଏହାର ପରିଣାମରେ ରାଜନୀତିରେ ସତ୍ୟନିଷ୍ଠ, ସେବାମନୋଭାବୀ ଓ ଆଦର୍ଶବାଦୀ ଲୋକଙ୍କ ପାଇଁ ସ୍ଥାନ ସଙ୍କୁଚିତ ହେବାର ଆଶଙ୍କା ସୃଷ୍ଟି ହୁଏ । ଗଣତନ୍ତ୍ରର ଶକ୍ତି ଟଙ୍କା କିମ୍ବା ପ୍ରଭାବରେ ନୁହେଁ, ଏହା ସଚେତନ ମତଦାତାଙ୍କ ବିବେକରେ ନିହିତ । ଯେତେବେଳେ ଭୋଟ ବିଚାର, ସତ୍ୟନିଷ୍ଠା ଓ ଜନସେବାକୁ ଦେଖି ଦିଆଯିବ, ସେତେବେଳେ ଏହିପରି କୁପ୍ରବୃତ୍ତି ସ୍ୱାଭାବିକ ଭାବେ ଦୁର୍ବଳ ହୋଇଯିବ ।

**ଆମର କର୍ତ୍ତବ୍ୟ**

ଭୋଟକୁ କେବେ ବି କିଣାବିକାର ବସ୍ତୁ ହେବାକୁ ଦିଅନ୍ତୁ ନାହିଁ । ପ୍ରାର୍ଥୀଙ୍କ ଚରିତ୍ର, କାର୍ଯ୍ୟ ଓ ଜନସେବାକୁ ମୂଲ୍ୟାୟନ କରନ୍ତୁ । ଅର୍ଥବଳ କିମ୍ବା ଭୟରେ ପ୍ରଭାବିତ ନ ହୋଇ ସ୍ୱାଧୀନ ଭାବେ ଭୋଟ ଦିଅନ୍ତୁ । ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସ୍ୱଚ୍ଛ ଓ ନୈତିକ ରାଜନୀତିକୁ ସମର୍ଥନ କରନ୍ତୁ । ମନେରଖନ୍ତୁ 'ଭୋଟ ବିକିଗଲେ ଗଣତନ୍ତ୍ର ଦୁର୍ବଳ ହୁଏ । ଭୋଟ ବିବେକରେ ପଡ଼ିଲେ ଦେଶ ଶକ୍ତିଶାଳୀ ହୁଏ ।' ଆସନ୍ତୁ, ଆମେ ସମସ୍ତେ ମିଶି ଏପରି କୁସଂସ୍କାରକୁ ପ୍ରତ୍ୟାଖ୍ୟାନ କରିବା ଏବଂ ସ୍ୱଚ୍ଛ, ନୈତିକ ଓ ଆଦର୍ଶ ଗଣତନ୍ତ୍ର ଗଢ଼ିବାରେ ନିଜର ଅବଦାନ ରଖିବା ।

"ଏହା କାହା ବିରୋଧରେ ନୁହେଁ; ସମାଜର ବିବେକକୁ ଜାଗ୍ରତ କରିବାର ଏକ ବିନମ୍ର ପ୍ରୟାସ ।"

# ଛୁଟି କରିଦେଲେ କ'ଣ ସମସ୍ୟା ସରିଯାଏ ?



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୂରଭାଷ- ୮୧୪୪୮ ୭୦୭୨୯

### ବନ୍ୟା, ବର୍ଷା ଓ ଶିକ୍ଷା ବ୍ୟବସ୍ଥାର ଅସହାୟତା

ପ୍ରକୃତିର ପ୍ରତିକୂଳତାକୁ ରୋକିବା ମଣିଷର ହାତରେ ନାହିଁ । ପ୍ରବଳ ବର୍ଷା, ବନ୍ୟା, ଅତ୍ୟଧିକ ତାପମାତ୍ରା ଭଳି ପରିସ୍ଥିତି ଯେତେବେଳେ ଜନଜୀବନକୁ ବିପର୍ଯ୍ୟସ୍ତ କରେ, ସେତେବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ବନ୍ଦ କରିବା ପ୍ରଶାସନ ପାଇଁ ଏକ ବାଧ୍ୟତାମୂଳକ ପଦକ୍ଷେପ ହୋଇପାରେ । କିନ୍ତୁ ପ୍ରଶ୍ନ ହେଉଛି—ପ୍ରତିଥର ବିଦ୍ୟାଳୟ ବନ୍ଦ କରିଦେବା ହିଁ କ'ଣ ସମସ୍ୟାର ସମାଧାନ ?

ବାସ୍ତବରେ ଏଠାରେ ସମସ୍ୟା କେବଳ ବିଦ୍ୟାଳୟର ନୁହେଁ । ବିଦ୍ୟାଳୟ ବନ୍ଦ କରିବା ପାଇଁ ସରକାର ବାଧ୍ୟ ହେଉଛନ୍ତି ଏକ ବଡ଼ ପ୍ରଶାସନିକ ଓ ଭିତ୍ତିଭୂମିଗତ ସମସ୍ୟା କାରଣରୁ । ପ୍ରବଳ ବର୍ଷା ହେଲେ ନଦୀ, ନାଳ ଓ ଜଳାଶୟର ଜଳସ୍ତର ବଢ଼ିଯାଏ । ବନ୍ୟାଜଳ ଗାଁ ଅଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରବେଶ କରେ । ରାସ୍ତାଘାଟ ଜଳମଗ୍ନ ହୁଏ, ଯାତାୟାତ ବ୍ୟାହତ ହୁଏ ଏବଂ ଅନେକ ସ୍ଥାନରେ ଲୋକମାନଙ୍କ ପାଇଁ ଘରୁ ବାହାରିବା ମଧ୍ୟ କଷ୍ଟକର ହୋଇପଡ଼େ । ଏପରି ସ୍ଥିତିରେ ବିଦ୍ୟାଳୟ ଖୋଲା ରଖିବା କିପରି ସମ୍ଭବ ?

ତେଣୁ ସରକାରଙ୍କ ସମ୍ମୁଖରେ ପ୍ରଶ୍ନଟି ହେବା ଉଚିତ—ବର୍ଷା ହେଲେ ପ୍ରତିଥର ବିଦ୍ୟାଳୟ ବନ୍ଦ କରିବା ନା ଏପରି ପରିସ୍ଥିତିର ସ୍ଥାୟୀ ପ୍ରତିକାର କରିବା ?

ବର୍ଷା ଆସିବା ନୂଆ କଥା ନୁହେଁ । ବନ୍ୟା ମଧ୍ୟ ଓଡ଼ିଶା ପାଇଁ ଅପରିଚିତ ନୁହେଁ । ରାଜ୍ୟର ଅନେକ ନଦୀ ଓ ନଦୀଖାତ ସହ ଜନଜୀବନର ଦୀର୍ଘ ସମ୍ପର୍କ ରହିଛି । ତଥାପି ଆଜି ପର୍ଯ୍ୟନ୍ତ ଯଦି ଅନେକ ଅଞ୍ଚଳରେ ସାମାନ୍ୟ ଅଧିକ ବର୍ଷା ହେଲେ ଯାତାୟାତ ବନ୍ଦ ହୋଇଯାଏ, ରାସ୍ତା ଜଳମଗ୍ନ ହୁଏ ଏବଂ ଜନଜୀବନ ଠପ୍ ହୋଇଯାଏ, ତେବେ ଏହାକୁ କେବଳ ପ୍ରକୃତିର ଦୋଷ ବୋଲି କହି ଦାୟିତ୍ୱ ଏଡ଼ାଇବା ଠିକ୍ ହେବ ନାହିଁ ।

ପ୍ରଶ୍ନ ହେଉଛି, ବନ୍ୟା ପରିଚାଳନା ପାଇଁ ଆମର ଦୀର୍ଘକାଳୀନ ପ୍ରସ୍ତୁତି କେଉଁଠି ? ଜଳ ନିଷ୍କାସନ ବ୍ୟବସ୍ଥା, ନଦୀ-ନାଳର ପରିଚାଳନା, ଜଳଧାରଣ କ୍ଷମତା ବୃଦ୍ଧି, ସହରାଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥା, ନିମ୍ନାଞ୍ଚଳର ସୁରକ୍ଷା ଏବଂ ବନ୍ୟାପ୍ରବଣ ଅଞ୍ଚଳ ପାଇଁ ପୂର୍ବ ପ୍ରସ୍ତୁତି—ଏସବୁ ଦିଗରେ ଯଦି ଆବଶ୍ୟକ ଭିତ୍ତିଭୂମି ଓ ଯୋଜନା ରହିଥାନ୍ତା, ତେବେ ପ୍ରତିଥର ବର୍ଷାକୁ ନେଇ ଏତେ ବଡ଼ ଅଚଳାବସ୍ଥା ସୃଷ୍ଟି ହୋଇଥାନ୍ତା କି ?

ବିଦ୍ୟାଳୟ ଛୁଟି ଘୋଷଣା କରିବା ସରକାରଙ୍କ ଦାୟିତ୍ୱର ଶେଷ ପଦକ୍ଷେପ ହୋଇପାରେ କିନ୍ତୁ ଏହାକୁ ଦାୟିତ୍ୱର ସମାପ୍ତି ଭାବେ ଗ୍ରହଣ କରାଯାଇପାରେ ନାହିଁ । ବିଦ୍ୟାଳୟ ବନ୍ଦ କରିଦେଲେ ହୁଏତ ପିଲାମାନେ ବିପଦପୂର୍ଣ୍ଣ ଯାତାୟାତରୁ ରକ୍ଷା ପାଇବେ, କିନ୍ତୁ ବନ୍ୟା ସମସ୍ୟା ଦୂର ହେବ ନାହିଁ । ରାସ୍ତା ସ୍ୱାଭାବିକ ହେବ ନାହିଁ, ଜଳ ନିଷ୍କାସନ ହେବ ନାହିଁ, ଲୋକଙ୍କ ଯାତାୟାତ ସୁଗମ ହେବ ନାହିଁ । ବରଂ ତାହା ସହ ଯୋଡ଼ି ହୋଇଯିବ ଶିକ୍ଷାର ଆଉ ଏକ କ୍ଷତି ।

ଏହି କ୍ଷତି ସବୁ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ନୁହେଁ । ଗୋଟିଏ ଜିଲ୍ଲାରେ ବିଦ୍ୟାଳୟ ଅନେକ ଦିନ ବନ୍ଦ ରହିଲା, ଅନ୍ୟ ଜିଲ୍ଲାରେ ପାଠପଢ଼ା ସ୍ୱାଭାବିକ ଭାବେ ଚାଲିଲା—ତେବେ ଦୁଇ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାଗତ ବ୍ୟବଧାନ ସୃଷ୍ଟି ହେବା ସ୍ୱାଭାବିକ । ସର୍ବଭାରତୀୟ ସ୍ତରର ପରୀକ୍ଷା ଓ ପ୍ରତିଯୋଗିତାରେ ଏହି ବ୍ୟବଧାନର ପ୍ରଭାବ ଆହୁରି ଗଭୀର ହୋଇପାରେ । ହରାଇଥିବା ଶିକ୍ଷା ସମୟକୁ ପରେ ପୂରଣ କରିବା ସବୁବେଳେ ସହଜ ନୁହେଁ ।

ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ମାନସିକ ସ୍ତରରେ ମଧ୍ୟ ପଡ଼ିଥାଏ । ପାଠ୍ୟକ୍ରମ ଅସମ୍ପୂର୍ଣ୍ଣ ରହିବା, ପରୀକ୍ଷା ନିକଟତର ହେବା ଓ ଅଳ୍ପ ସମୟରେ ଅଧିକ ପଢ଼ିବାର ଚାପ ସେମାନଙ୍କ ଉପରେ ଅତିରିକ୍ତ ମାନସିକ ଚାପ ସୃଷ୍ଟି କରିପାରେ । ତେଣୁ ଗୋଟିଏ ସମସ୍ୟାରୁ ସୁରକ୍ଷା ଦେବାକୁ ଯାଇ ଆଉ ଏକ ସମସ୍ୟା ସୃଷ୍ଟି ହେଉନାହିଁ କି ? ତାହା ମଧ୍ୟ ନୀତି ନିର୍ଦ୍ଧାରକମାନଙ୍କୁ ଭାବିବାକୁ ପଡ଼ିବ ।

ସେଥିପାଇଁ ଏବେ ଆବଶ୍ୟକ 'ଛୁଟି ପରିଚାଳନା' ନୁହେଁ, 'ବିପଦ ପରିଚାଳନା' । ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକର ନିରନ୍ତର ଚିହ୍ନଟ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଦୃଢ଼ୀକରଣ, ରାସ୍ତା ଓ ସେତୁଗୁଡ଼ିକର ଉନ୍ନତି, ସହରର ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା, ନଦୀ-ନାଳର ସ୍ୱାଭାବିକ ଜଳପ୍ରବାହ ରକ୍ଷା ଏବଂ ବନ୍ୟା ପୂର୍ବାନୁମାନ ଆଧାରିତ ଦ୍ୱରିତ ପଦକ୍ଷେପ—ଏସବୁକୁ ଏକ ସମନ୍ୱିତ ଯୋଜନାରେ ଆଣିବା ଆବଶ୍ୟକ ।

ବିଦ୍ୟାଳୟ ବନ୍ଦ କରିବାର ନିଷ୍ପତ୍ତି ଯେତେବେଳେ ଅପରିହାର୍ଯ୍ୟ, ସେତେବେଳେ ହରାଇଥିବା ଶିକ୍ଷାଦିନ ପୂରଣ ପାଇଁ ମଧ୍ୟ ସ୍ପଷ୍ଟ ବିକଳ୍ପ ଯୋଜନା ରହିବା ଦରକାର । ଅତିରିକ୍ତ ଶ୍ରେଣୀ, ପୁନରାବୃତ୍ତି ପାଠ, ଅଧ୍ୟୟନ ସାମଗ୍ରୀ ଓ ସମ୍ଭବ ଥିବା ସ୍ଥାନରେ ଡିଜିଟାଲ୍ ମାଧ୍ୟମର ସହାୟତା ନିଆଯାଇପାରେ । କିନ୍ତୁ ଏସବୁ ମୂଳ ସମସ୍ୟାର ସ୍ଥାୟୀ ପ୍ରତିକାର ନୁହେଁ; ଏଗୁଡ଼ିକ କେବଳ କ୍ଷତି କମାଇବାର ବ୍ୟବସ୍ଥା ।

ଆଜି ଆବଶ୍ୟକ ହେଉଛି ଶାସନ ବ୍ୟବସ୍ଥା ନିଜକୁ ଏକ ସରଳ ପ୍ରଶ୍ନ କରିବା—ବର୍ଷା ହେଲେ ଆମେ କେବଳ ଛୁଟି ଘୋଷଣା କରିବୁ, ନା ବର୍ଷା ଓ ବନ୍ୟାକୁ ସମ୍ଭାଳିବାର କ୍ଷମତା ମଧ୍ୟ ଗଢ଼ିବୁ?

ପ୍ରକୃତିକୁ ଦୋଷ ଦେବା ସହଜ । କିନ୍ତୁ ଏକ ଦାୟିତ୍ୱଶୀଳ ଶାସନର କାମ ହେଉଛି ପ୍ରକୃତିର ପ୍ରତିକୂଳତାକୁ ଅନୁମାନ କରି ତାହାର ପ୍ରଭାବକୁ ସର୍ବନିମ୍ନ କରିବା । ବିଦ୍ୟାଳୟ ବନ୍ଦ କରିବା ଯଦି ପ୍ରତିଥର ଶେଷ ଉପାୟ ହେଉଛି, ତେବେ ତାହା ପଛରେ ଥିବା ଭିତ୍ତିଭୂମି ଓ ବିପଦ ପରିଚାଳନାର ଦୁର୍ବଳତାକୁ ମଧ୍ୟ ଗମ୍ଭୀରତାର ସହ ସମୀକ୍ଷା କରିବାକୁ ହେବ ।

କାରଣ ବିଦ୍ୟାଳୟର ତାଲା କେବଳ ଏକ କୋଠାର ଦ୍ୱାରରେ ପଡ଼େ ନାହିଁ; ତାହା ସହିତ ଗୋଟିଏ ଦିନର ଶିକ୍ଷା, ଗୋଟିଏ ଦିନର ସ୍ୱପ୍ନ ଓ ଗୋଟିଏ ଦିନର ଭବିଷ୍ୟତ ମଧ୍ୟ ଅଟକିଯାଏ । ତେଣୁ ଛୁଟିକୁ ସମାଧାନ ଭାବେ ନୁହେଁ, ଏକ ଅସାଧାରଣ ପରିସ୍ଥିତିର ଅସ୍ଥାୟୀ ପଦକ୍ଷେପ ଭାବେ ଦେଖି, ବନ୍ୟା ଓ ପ୍ରାକୃତିକ ବିପଦର ସ୍ଥାୟୀ ପରିଚାଳନା ପାଇଁ ଏବେଠାରୁ ଦୃଢ଼ ପଦକ୍ଷେପ ନେବା ହିଁ ସମୟର ଆହ୍ୱାନ ।

# ଏଫ ସି ଆର ଏ : ନିୟନ୍ତ୍ରଣ, ଜାତୀୟ ସ୍ୱାର୍ଥ ଏବଂ ନାଗରିକ ସମାଜର ପରିସର



ଇଂ ଲକି ସ୍ୱାଇଁ
ଭୁବନେଶ୍ୱର
ଦୂରଭାଷ- ୯୭୭୬୨୦୬୩୩

ବିଦେଶୀ ଅର୍ଥାୟନ ନା ସ୍ୱତଃସିଦ୍ଧ ଭାବେ ଭଲ, ନା ସ୍ୱତଃସିଦ୍ଧ ଭାବେ ବିପଜ୍ଜନକ । ଭାରତ ଭଳି ବିଶାଳ, ବିବିଧତାପୂର୍ଣ୍ଣ ଏବଂ ବିଶ୍ୱ ସହ ଦିନକୁ ଦିନ ଅଧିକ ସଂଯୋଜିତ ଦେଶ ପାଇଁ ମୂଳ ପ୍ରଶ୍ନ ହେଉଛି— ଜନସାଧାରଣଙ୍କ ଅଂଶଗ୍ରହଣ, ସାମାଜିକ କାର୍ଯ୍ୟ ଓ ସଂସ୍ଥାଗତ ସ୍ୱାଧୀନତାକୁ ଦୁର୍ବଳ ନ କରି ବିଦେଶରୁ ଆସୁଥିବା ଅର୍ଥକୁ କିପରି ନିୟନ୍ତ୍ରଣ କରାଯିବ ?

ଏହି ଆଲୋଚନାର କେନ୍ଦ୍ରବିନ୍ଦୁରେ ରହିଛି Foreign Contribution (Regulation) Act—FCRA ବା ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ । ଏହି ଆଇନର କୌଣସି ନା କୌଣସି ରୂପ ୧୯୭୬ ମସିହାରୁ ରହିଆସିଛି ଏବଂ ୨୦୧୦ରେ ଏହାକୁ ନୂତନ ଆଇନ ଦ୍ୱାରା ପ୍ରତିସ୍ଥାପିତ କରାଯାଇଥିଲା । FCRAର ଘୋଷିତ ଉଦ୍ଦେଶ୍ୟ ହେଉଛି—ବିଦେଶୀ ଅନୁଦାନ ଭାରତର ସାର୍ବଭୌମତ୍ୱ, ସୁରକ୍ଷା, ସାଧାରଣ ସ୍ୱାର୍ଥ କିମ୍ବା ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ବିପରୀତ ପ୍ରଭାବ ନ ପକାଉ । ଗୃହ ମନ୍ତ୍ରଣାଳୟ ଅନୁସାରେ, FCRA ବିଦେଶୀ ଅନୁଦାନ ଏବଂ ବିଦେଶୀ ଆତିଥ୍ୟକୁ ନିୟନ୍ତ୍ରଣ କରିବାର ଏକ ଆଇନଗତ ବ୍ୟବସ୍ଥା; ଏହା ବିଦେଶୀ ଅନୁଦାନ ଉପରେ ସାଧାରଣ ନିଷେଧ ନୁହେଁ ।

**ସାଧାରଣ ନାଗରିକଙ୍କ ପାଇଁ FCRA କାହିଁକି ଗୁରୁତ୍ୱପୂର୍ଣ୍ଣ ?**

ସାଧାରଣ ନାଗରିକଙ୍କ ଦୃଷ୍ଟିରେ FCRA ହୁଏତ କେବଳ NGO ବା ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କିତ ଏକ ଆଇନ ଭଳି ଲାଗିପାରେ । କିନ୍ତୁ ଏହା ତାହାଠାରୁ ଅଧିକ ବ୍ୟାପକ । ବିଦେଶୀ ଅର୍ଥ ପାଉଥିବା ସଂଗଠନଗୁଡ଼ିକ ଶିକ୍ଷା, ସ୍ୱାସ୍ଥ୍ୟସେବା, ବିପର୍ଯ୍ୟୟ ସହାୟତା, ପରିବେଶ ସୁରକ୍ଷା, ବୈଜ୍ଞାନିକ ଗବେଷଣା, ଦାରିଦ୍ର୍ୟ ହ୍ରାସ ଏବଂ ସାମାଜିକ ବିକାଶ ଭଳି କ୍ଷେତ୍ରରେ କାମ କରନ୍ତି । ଏପରି ସଂଗଠନ ଗୁଡ଼ିକ ବିଦେଶୀ ଅର୍ଥରୁ ବଞ୍ଚିତ ହେଲେ ତାହାର ପ୍ରଭାବ ଶେଷ ପର୍ଯ୍ୟନ୍ତ ସେମାନଙ୍କ ଉପରେ ନିର୍ଭରଶୀଳ ଲୋକମାନଙ୍କ ଉପରେ ପଡ଼ିପାରେ । ଅନ୍ୟପଟେ ବିଦେଶୀ ଅର୍ଥାୟନ ସମ୍ପର୍କରେ ଯଥାର୍ଥ ପ୍ରଶ୍ନ ମଧ୍ୟ ରହିଛି । ଅର୍ଥ କିଏ ଦେଉଛି ? କେଉଁ ଉଦ୍ଦେଶ୍ୟରେ ଦେଉଛି ? ଘୋଷିତ କାର୍ଯ୍ୟ ପ୍ରକୃତରେ ହେଉଛି କି ? ଅର୍ଥ ଲାଭାର୍ଥୀଙ୍କ ପାଖରେ ପହଞ୍ଚୁଛି କିମ୍ବା ଅନ୍ୟତ୍ର ବ୍ୟବହୃତ ହେଉଛି? ବିଦେଶୀ ଅର୍ଥ ସାମାଜିକ, ବିଚାରଧାରାଗତ କିମ୍ବା ରଣନୀତିକ ପ୍ରଭାବ ସୃଷ୍ଟିର ମାଧ୍ୟମ ହୋଇପାରେ କି? ଏଗୁଡ଼ିକ କେବଳ ଭାରତର ପ୍ରଶ୍ନ ନୁହେଁ । ବିଶ୍ୱର ବିଭିନ୍ନ ଗଣତାନ୍ତ୍ରିକ ଦେଶ ବିଦେଶୀ ଅର୍ଥାୟନ ଓ ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ନିଜସ୍ୱ ବ୍ୟବସ୍ଥା କରିଛନ୍ତି । ତେଣୁ ଭାରତ ପାଇଁ ପ୍ରକୃତ ପ୍ରଶ୍ନ ହେଉଛି—ବିଦେଶୀ ଅର୍ଥକୁ ନିୟନ୍ତ୍ରଣ କରାଯିବ କି ନାହିଁ ନୁହେଁ; ବରଂ ଜାତୀୟ ସ୍ୱାର୍ଥର ସୁରକ୍ଷା ସହିତ ନିୟନ୍ତ୍ରଣ କିପରି ଅନୁପାତିକ, ସ୍ୱଚ୍ଛ ଏବଂ ନିର୍ଦ୍ଧାରିତ ନିୟମ ଆଧାରିତ ହେବ ।

**କ'ଣ ପରିବର୍ତ୍ତନ ହୋଇଛି ?**

୨୦୨୦ର FCRA ସଂଶୋଧନ ଏହି ବ୍ୟବସ୍ଥାକୁ ଅଧିକ କଠୋର କରିଥିଲା । ବିଦେଶୀ ଅନୁଦାନ ପାଉଥିବା ସଂଗଠନଗୁଡ଼ିକ ମଧ୍ୟରେ ଏପରି ଅର୍ଥ ହସ୍ତାନ୍ତର ଉପରେ ରୋକ ଲଗାଯାଇଥିଲା । ଏହା ସହିତ ନୂଆଦିଲ୍ଲୀସ୍ଥିତ SBIର Main Branch ମାଧ୍ୟମରେ FCRA ଖାତା ଖୋଲିବା ବାଧ୍ୟତାମୂଳକ କରାଯାଇଥିଲା ଏବଂ ପ୍ରଶାସନିକ ଖର୍ଚ୍ଚର ସର୍ବାଧିକ ସୀମା ୫୦ ପ୍ରତିଶତରୁ ୨୦ ପ୍ରତିଶତକୁ ହ୍ରାସ କରାଯାଇଥିଲା ।

ଏହାର ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା—ବିଦେଶୀ ଅର୍ଥର ଅଧିକ ଅଂଶ ଘୋଷିତ ସାମାଜିକ କାର୍ଯ୍ୟରେ ବ୍ୟବହୃତ ହେଉ ଏବଂ ଅର୍ଥର ପ୍ରବାହ ଉପରେ ଅଧିକ ସ୍ପଷ୍ଟ ନଜର ରହୁ । ତଥାପି ଏହା ସହିତ ଅନୁପାଳନର ଭାର ମଧ୍ୟ ବଢ଼ିଛି । ଗୃହ ମନ୍ତ୍ରଣାଳୟର ୨୦୨୩-୨୪ ବାର୍ଷିକ ରିପୋର୍ଟ ଅନୁସାରେ ୬,୨୯୩ଟି ନବୀକରଣ ଆବେଦନ ମଞ୍ଜୁର ହୋଇଥିବାବେଳେ ୨,୦୧୩ଟି ଆବେଦନ ନାମଞ୍ଜୁର ହୋଇଥିଲା । ନୂତନ ପଞ୍ଜୀକରଣ କ୍ଷେତ୍ରରେ ୧,୨୦୯ଟି ମଞ୍ଜୁର ଏବଂ ୯୪୫ଟି ନାମଞ୍ଜୁର ହୋଇଥିଲା । FCRA ପୋର୍ଟାଲରେ ବର୍ତ୍ତମାନ ୧୪,୦୦୦ରୁ ଅଧିକ ସକ୍ରିୟ ପଞ୍ଜୀକରଣ, ୨୨,୦୦୦ରୁ ଅଧିକ ବାତିଲ ପଞ୍ଜୀକରଣ ଏବଂ ପ୍ରାୟ ୧୫,୦୦୦ ସମୟସୀମା ଶେଷ ହୋଇଥିବା ପଞ୍ଜୀକରଣ ଦର୍ଶାଯାଇଛି । ଏହି ସଂଖ୍ୟାଗୁଡ଼ିକ ନିୟାମକ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନକୁ ଦର୍ଶାଏ । ତେବେ କୌଣସି ପଞ୍ଜୀକରଣ ବାତିଲ କିମ୍ବା ସମୟସୀମା ଶେଷ ହେବା ମାତ୍ରରୁ ଅନିୟମିତତା ପ୍ରମାଣିତ ହୁଏ ନାହିଁ ।

**ନାଗରିକଙ୍କ ଦ୍ୱନ୍ଦ୍ୱ : -**

ଏଠାରେ ଦୁଇଟି ପ୍ରମୁଖ ସାର୍ବଜନୀନ ସ୍ୱାର୍ଥ ପରସ୍ପର ସମ୍ମୁଖୀନ ହେଉଛି ।




ପ୍ରଥମଟି ହେଉଛି ଜାତୀୟ ଉତ୍ତରଦାୟିତ୍ୱ । ଏକ ସାର୍ବଭୌମ ଦେଶ ନିଶ୍ଚିତ ଭାବେ ଚାହିବ ଯେ ଅସୀମିତ ଏବଂ ଅସ୍ୱଚ୍ଛ ଅର୍ଥ ପ୍ରବାହ ତାହାର ସାର୍ବଜନୀନ ସଂସ୍ଥା, ସାମାଜିକ ଆନ୍ଦୋଳନ କିମ୍ବା ରାଜନୈତିକ ପ୍ରକ୍ରିୟାକୁ ପ୍ରଭାବିତ ନ କରୁ । ତେଣୁ ବିଦେଶୀ ଅର୍ଥରେ ସ୍ୱଚ୍ଛତା ଏକ ଯଥାର୍ଥ ଆବଶ୍ୟକତା । ଦ୍ୱିତୀୟଟି ହେଉଛି ନାଗରିକ ସମାଜର ସ୍ୱାଧୀନତା । NGOମାନେ ପ୍ରାୟତଃ ସେହି କ୍ଷେତ୍ରରେ କାମ କରନ୍ତି, ଯେଉଁଠାରେ ସରକାର କିମ୍ବା ବଜାର ବ୍ୟବସ୍ଥା ପର୍ଯ୍ୟାପ୍ତ ଭାବେ ପହଞ୍ଚିପାରେ ନାହିଁ । ଅତ୍ୟଧିକ ପ୍ରଶାସନିକ ବିବେଚନାଧୀନ କ୍ଷମତା, ଦୀର୍ଘ ସମୟ ଧରି ନବୀକରଣର ଅନିଶ୍ଚିତତା କିମ୍ବା ଅନୁପାତହୀନ ଦଣ୍ଡ ବୈଧ ସାମାଜିକ କାର୍ଯ୍ୟ କରୁଥିବା ସଂଗଠନଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ । ସମାଧାନ ଏହା ହୋଇପାରେ ନାହିଁ ଯେ ପ୍ରତ୍ୟେକ ଘଏଙ୍କୁ ସ୍ୱତଃସିଦ୍ଧ ଭାବେ ନିର୍ଦ୍ଦୋଷ ଧରିନିଆଯିବ । ସେହିପରି ପ୍ରତ୍ୟେକ ବିଦେଶୀ ଅର୍ଥପ୍ରାପ୍ତ ସଂଗଠନକୁ ସନ୍ଦେହର ଦୃଷ୍ଟିରେ ଦେଖିବା ମଧ୍ୟ ଯୁକ୍ତିସଙ୍ଗତ ନୁହେଁ ।

ବିରୋଧୀ ଦଳଗୁଡ଼ିକ ୨୦୨୬ର ବିଲ୍‌କୁ କାହିଁକି ବିରୋଧ କରୁଛନ୍ତି?

ବର୍ତ୍ତମାନର ରାଜନୈତିକ ବିବାଦ Foreign Contribution (Regulation) Amendment Bill, ୨୦୨୬କୁ ନେଇ । ଏହି ବିଲ୍ ୨୦୨୬ ମାର୍ଚ୍ଚ ୨୫ରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା ଏବଂ ବର୍ତ୍ତମାନ ଏହା ଏକ ଯୁଗ୍ମ ସଂସଦୀୟ କମିଟିର ବିଚାରାଧୀନ ଅଛି । ସରକାରଙ୍କ ଯୁକ୍ତି ହେଉଛି—କୌଣସି ସଂଗଠନର FCRA ସ୍ଥିତି ବାତିଲ ହେବା କିମ୍ବା ପଞ୍ଜୀକରଣ ନବୀକରଣ ନହେବା ପରେ ବିଦେଶୀ ଅର୍ଥରେ ଅର୍ଜିତ ସମ୍ପତ୍ତିର ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ବ୍ୟବସ୍ଥାପନ ସମ୍ପର୍କିତ ଆଇନଗତ ଶୂନ୍ୟତାକୁ ଦୂର କରିବା ଆବଶ୍ୟକ । ସରକାରଙ୍କ ମତରେ ଏହାର ଉଦ୍ଦେଶ୍ୟ ସ୍ୱଚ୍ଛତା ଏବଂ ଅନିୟମିତତା ରୋକିବା । ବିରୋଧୀ ଦଳଗୁଡ଼ିକ ଏହାକୁ ଭିନ୍ନ ଭାବେ ଦେଖୁଛନ୍ତି । କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳର ଯୁକ୍ତି ହେଉଛି ଯେ ବଢ଼ିଥିବା ପ୍ରଶାସନିକ କ୍ଷମତା ସ୍ୱାଧୀନ ଘଏଙ୍ଗ ଏବଂ ନାଗରିକ ସମାଜର ସଂସ୍ଥାଗୁଡ଼ିକ ବିରୋଧରେ ବ୍ୟବହୃତ ହୋଇପାରେ । ବିଶେଷ କରି ପଞ୍ଜୀକରଣ ବାତିଲ କିମ୍ବା ନବୀକରଣ ନହେବା ପରେ ସମ୍ପତ୍ତି ସମ୍ପର୍କିତ ବ୍ୟବସ୍ଥାକୁ ନେଇ ସେମାନଙ୍କ ଆପତ୍ତି ରହିଛି ।

ଏହି ବିରୋଧକୁ କେବଳ 'ସରକାର ବନାମ NGO' ଭାବେ ଦେଖିବା ଉଚିତ ନୁହେଁ । ମୂଳ ପ୍ରଶ୍ନ ହେଉଛି କାର୍ଯ୍ୟନିର୍ବାହୀ କ୍ଷମତାର ସୀମା କେଉଁଠି ରହିବ?

**ଏକ କେସ୍ ଷ୍ଟଡି: ୨୦୨୦ ପରବର୍ତ୍ତୀ ପରିବେଶ :-**

ଯେଉଁ ସଂଗଠନଗୁଡ଼ିକର ଋଉଜଇ ପଞ୍ଜୀକରଣ ବାତିଲ ହୋଇଛି କିମ୍ବା ନବୀକରଣ ହୋଇପାରିନାହିଁ, ସେମାନଙ୍କ ଅଭିଜ୍ଞତା ଏହି ବିତର୍କର ଗୁରୁତ୍ୱକୁ ଦର୍ଶାଏ । ସରକାର ସଂସଦରେ ଦେଇଥିବା ତଥ୍ୟ ଅନୁସାରେ, ୨୦୨୦ରୁ ପରବର୍ତ୍ତୀ ଉଲ୍ଲେଖିତ ସମୟ ପର୍ଯ୍ୟନ୍ତ ୧,୮୨୮ଟି FCRA ପଞ୍ଜୀକରଣ ଆଇନ ଏବଂ ନିୟମ ଉଲ୍ଲଂଘନ କାରଣରୁ ବାତିଲ କରାଯାଇଥିଲା । ଏହା ପୂର୍ବରୁ ମଧ୍ୟ ସରକାରୀ ତଥ୍ୟରେ ହଜାର ହଜାର ନବୀକରଣ ନାମଞ୍ଜୁର, ବାତିଲ ଏବଂ ସ୍ଥଗିତକରଣର ଘଟଣା ଦର୍ଶାଯାଇଥିଲା । ଯେଉଁଠାରେ ଆର୍ଥିକ ଅନିୟମିତତା, ଅର୍ଥର ଅପବ୍ୟବହାର କିମ୍ବା ଆଇନ ଉଲ୍ଲଂଘନ ପ୍ରମାଣିତ ହୋଇଛି, ସେଠାରେ ଏପରି କାର୍ଯ୍ୟାନୁଷ୍ଠାନ ଯଥାର୍ଥ । କିନ୍ତୁ ଏହା ସହିତ ଏକ ବ୍ୟାପକ ସଂସ୍ଥାଗତ ପ୍ରଶ୍ନ ରହିଯାଏ—କୌଣସି ସଂଗଠନର କାର୍ଯ୍ୟକ୍ଷମତା ପ୍ରାୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେବା ପୂର୍ବରୁ ଏହି ବ୍ୟବସ୍ଥାରେ ପର୍ଯ୍ୟାପ୍ତ ସ୍ୱଚ୍ଛତା, ସମୟୋଚିତ ଶୁଣାଣି ଏବଂ ପ୍ରଭାବଶାଳୀ ଅପିଲ୍‌ର ବ୍ୟବସ୍ଥା ଅଛି କି? ଏହି ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ । କାରଣ ଏହାର ପ୍ରଭାବ କେବଳ ସଂଗଠନ ମଧ୍ୟରେ ସୀମିତ ରହେ ନାହିଁ । ଏହା ହସ୍ପିଟାଲ, ବିଦ୍ୟାଳୟ, ଗବେଷକ, ବିପର୍ଯ୍ୟୟ ସହାୟତା କାର୍ଯ୍ୟକ୍ରମ ଏବଂ ଏପରି ସେବା ଉପରେ ନିର୍ଭରଶୀଳ ସମୁଦାୟକୁ ମଧ୍ୟ ପ୍ରଭାବିତ କରିପାରେ ।

**ଜାତୀୟ ପ୍ରଭାବ :-**

ତଥାପି ଏହାର ଅନ୍ୟ ଏକ ପାର୍ଶ୍ୱକୁ ମଧ୍ୟ ଅଣଦେଖା କରାଯାଇପାରେ ନାହିଁ । ସରକାରଙ୍କ ୨୦୨୬ FCRA ତଥ୍ୟପତ୍ର ଅନୁସାରେ, ୨୦୨୪-୨୫ରେ ପ୍ରାୟ ୧୬,୨୦୦ ସକ୍ରିୟ ପଞ୍ଜୀକୃତ ସଂଗଠନ ମାଧ୍ୟମରେ ଭାରତ ପ୍ରାୟ ୨୨,୯୬୩ କୋଟିର ବିଦେଶୀ ଅନୁଦାନ ପାଇଥିଲା । ଏହି ତଥ୍ୟ ଏକ କଥା ସ୍ପଷ୍ଟ କରେ—FCRA ଭାରତରୁ ବିଦେଶୀ ଦାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିନାହିଁ । ବରଂ ଏହା ଏକ ନିୟନ୍ତ୍ରିତ ବ୍ୟବସ୍ଥା ମାଧ୍ୟମରେ ବିଦେଶୀ ସମ୍ବଳକୁ ଭାରତକୁ ଆସିବାର ସୁଯୋଗ ଦେଇଛି । ତେଣୁ ଜାତୀୟ ସ୍ୱାର୍ଥ ତିନୋଟି ଲକ୍ଷ୍ୟର ସମନ୍ୱୟରେ ରହିଛି—ଆର୍ଥିକ ସ୍ୱଚ୍ଛତା, ଅବୈଧ ବିଦେଶୀ ପ୍ରଭାବରୁ ସୁରକ୍ଷା ଏବଂ ବୈଧ ସାମାଜିକ କ୍ଷେତ୍ରର ସୁରକ୍ଷା ।

**ଭାରତକୁ କ'ଣ ଆବଶ୍ୟକ :-**

ସର୍ବୋତ୍ତମ FCRA ବ୍ୟବସ୍ଥା ନା ଅତ୍ୟଧିକ ଉଦାର ହେବା ଉଚିତ, ନା ଦଣ୍ଡମୂଳକ ।

ଏଥିରେ ସ୍ପଷ୍ଟ ଭାବେ ନିର୍ଦ୍ଧାରିତ ଉଲ୍ଲଂଘନ, ବସ୍ତୁନିଷ୍ଠ ନବୀକରଣ ମାନଦଣ୍ଡ, ସମୟସୀମା ମଧ୍ୟରେ ନିଷ୍ପତ୍ତି, ପ୍ରତିକୂଳ ନିଷ୍ପତ୍ତିର ସ୍ୱଚ୍ଛ କାରଣ, ପ୍ରଭାବଶାଳୀ ଅପିଲ୍ ବ୍ୟବସ୍ଥା ଏବଂ ସ୍ୱାଧୀନ ନିରୀକ୍ଷଣ ରହିବା ଆବଶ୍ୟକ ।

ଯେଉଁ ସଂଗଠନ ବିଦେଶୀ ଅର୍ଥର ଅପବ୍ୟବହାର କରନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର । କିନ୍ତୁ ଯେଉଁ ସଂଗଠନ ଆଇନ ଅନୁସାରେ କାମ କରୁଛନ୍ତି, ସେମାନଙ୍କୁ ଅନନ୍ତ ଅନିଶ୍ଚିତତା ମଧ୍ୟରେ କାମ କରିବାକୁ ପଡ଼ିବା ଉଚିତ ନୁହେଁ । ବିରୋଧୀ ଦଳଗୁଡ଼ିକ କାର୍ଯ୍ୟନିର୍ବାହୀ କ୍ଷମତାର ସୀମା ଏବଂ ତାହାର ଯାଞ୍ଚ ଦାବି କରିବାରେ ଯୁକ୍ତି ସଙ୍ଗତ । ସରକାର ମଧ୍ୟ ଏହା ଉପରେ ଜୋର ଦେବାରେ ଯୁକ୍ତି ସଙ୍ଗତ ଯେ ବିଦେଶୀ ଅର୍ଥ ଅନିୟନ୍ତ୍ରିତ ପ୍ରଭାବ ସୃଷ୍ଟିର ମାଧ୍ୟମ ହୋଇପାରିବ ନାହିଁ । କୌଣସି ପକ୍ଷର ମତକୁ ରାଜନୈତିକ ପ୍ରଚାରର ଅବସରରେ ପରିଣତ କରିବା ଉଚିତ ନୁହେଁ । ଶେଷ ପର୍ଯ୍ୟନ୍ତ FCRAର ମୂଲ୍ୟାୟନ ଏହା ଆଧାରରେ ହେବା ଉଚିତ ନୁହେଁ ଯେ କେତେ ସଂଗଠନ ବନ୍ଦ ହେଲେ କିମ୍ବା କେତେ ବିଦେଶୀ ଅର୍ଥପ୍ରାପ୍ତ ସଂଗଠନକୁ ଅନୁମତି ମିଳିଲା । ଏହାର ପ୍ରକୃତ ମାପଦଣ୍ଡ ହେଉଛି—ଏହା କି ଭାରତର ସାର୍ବଭୌମତ୍ୱ ଓ ଜାତୀୟ ସ୍ୱାର୍ଥକୁ ସୁରକ୍ଷା କରିବା ସହିତ ସଚ୍ଚୋଟ ନାଗରିକ ଏବଂ ସଂସ୍ଥାଗୁଡ଼ିକୁ ସମାଜସେବା ପାଇଁ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ଦେଉଛି କି ନାହିଁ । ଏହି ସନ୍ତୁଳନ ହିଁ ଏକ ପରିପକ୍ୱ ଗଣତନ୍ତ୍ରର ପ୍ରକୃତ ଆବଶ୍ୟକତା ।





## MMDR ସଂଶୋଧନ ବିଲ୍

# ଓଡ଼ିଶା ହରାଇବ ୧ ଲକ୍ଷ କୋଟିର ଖଣି ରାଜସ୍ୱ

### ପୁଣି ଋଣ ଭାରରେ ବୁଡ଼ିବେ ରାଜ୍ୟ ସରକାର



**କଳା ଆଇନ ବୋଲି କହିଲା ବିଜେଡି-କଂଗ୍ରେସ**

ଭୁବନେଶ୍ୱର,୨୯/୦୮ (ଜେଏନ୍‌ଏସ୍): ଏମଏମ୍‌ଡିଆର୍ ସଂଶୋଧନ ବିଲ୍, ୨୦୨୬ ସଂସଦରେ ପାରିତ ହେବା ପରେ ଓଡ଼ିଶା ରାଜନୀତିରେ ଏକ ବଡ଼ ଝଡ଼ ସୃଷ୍ଟି ହୋଇଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବକେୟା ରାଜସ୍ୱ ହରାଇବାର ଆଶଙ୍କା ରହିଛି। ବିଶେଷ କରି ଖଣିଜ ସମ୍ପଦ ଉପରେ ରାଜ୍ୟର ଟିକସ ଆଦାୟ କ୍ଷମତା ସୀମିତ ହେଉଥିବାରୁ ଏହାକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ତୀବ୍ର ବାଦ ବିବାଦ ଦେଖାଦେଇଛି। ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ୨୦୦୫ରୁ ପିଛିଲା ଭାବେ ଖଣିଜ ଟିକସ/ସେସ୍ ଆଦାୟ କରିବାକୁ ଅନୁମତି ଦେଇଥିଲେ। ମାତ୍ର ନୂଆ ବିଲ୍‌ର ଧାରା ୯ଉ ଅନୁଯାୟୀ, ପୁରୁଣା ବକେୟା ଆଦାୟ ପ୍ରକ୍ରିୟା ଅବୈଧ ହୋଇଯିବ, ଯାହାଫଳରେ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ଆର୍ଥିକ କ୍ଷତି ସହିବ। ସ୍ଥାନୀୟ ସ୍ତରରେ ଖଣି ଉପରେ ଅତିରିକ୍ତ ସେସ୍ କିମ୍ବା ଟିକସ ଲଗାଇବା କ୍ଷମତା ହ୍ରାସ ପାଇବା ଯୋଗୁଁ ରାଜ୍ୟ ପ୍ରତିବର୍ଷ ପ୍ରାୟ ୧୨,୦୦୦ କୋଟିର ରାଜସ୍ୱ ହରାଇପାରେ। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ, ଖଣିଜ ସମ୍ପଦ ଉପରେ ରାଜ୍ୟର ସାମ୍ବିଧାନିକ ଓ ଆର୍ଥିକ ସ୍ୱାଧୀନତା ଦୁର୍ବଳ ହେବ। ପୂର୍ବତନ ମୁଖ୍ୟମନ୍ତ୍ରୀ ଏହି ବିଲକୁ ଦୃଢ଼ ବିରୋଧ କରି କହିଛନ୍ତି ଯେ, ଏହା ଓଡ଼ିଶାର ଅର୍ଥନୀତିକୁ ବିପଦକୁ ଠେଲି ଦେବ ଏବଂ ଭବିଷ୍ୟତରେ ଓଡ଼ିଶା କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ବାଧ୍ୟ ହେବ। ସେ ଏହାକୁ ରାଜ୍ୟ ବିରୋଧୀ ଚକ୍ରାନ୍ତ ବୋଲି ଦର୍ଶାଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ହକ ପାଇଁ ଲଢ଼େଇ କରିବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟସଭାରେ ବିଜେଡି ଏହାକୁ ବିରୋଧ କରିବା ସହ ବିଲକୁ ସେଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଥିଲା। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ଯେ ରାଜ୍ୟର ୨୦ ଜଣ ବିଜେପି ସାଂସଦ ଏହି ପ୍ରସଙ୍ଗରେ ଚୁପ୍ ରହି ରାଜ୍ୟ ସ୍ୱାର୍ଥ ବଳି ଦେଇଛନ୍ତି। କଂଗ୍ରେସ ଏହି ନୂତନ ଆଇନକୁ ଏକ 'କଳା ଆଇନ' ବୋଲି ଆଖ୍ୟା ଦେଇଛି। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ କଂଗ୍ରେସ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବି କରିଛନ୍ତି। କେନ୍ଦ୍ର ସରକାର ଏହି ବିଲ୍ ପ୍ରତ୍ୟାହାର ନକରିବା ପର୍ଯ୍ୟନ୍ତ କଂଗ୍ରେସ ରାଜପଥକୁ ଓହ୍ଲାଇବ ଏବଂ ଖଣି ଅଞ୍ଚଳରେ ଅର୍ଥନୈତିକ ଅବରୋଧ କରିବ ବୋଲି ଚେତାବନୀ ଦେଇଛି। ବିରୋଧୀ ବିଶେଷ କରି ନବୀନ ପଟ୍ଟନାୟକଙ୍କ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି ଯେ ବିରୋଧୀ ଦଳ ଲୋକଙ୍କୁ ଭ୍ରମିତ କରୁଛନ୍ତି। ୨୦୧୫ ସଂଶୋଧନ ପରେ ଓଡ଼ିଶାର ଖଣି ରାଜସ୍ୱ ୫,୦୦୦ କୋଟିରୁ ୫୦,୦୦୦ କୋଟିକୁ ବୃଦ୍ଧି ପାଇଛି। ଏହି ନୂଆ ସଂଶୋଧନ ମଧ୍ୟ ରାଜ୍ୟର ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବ ଏବଂ ନିଲାମ ପ୍ରିମିୟମ ଓ ରୟାଲଟିର ଶହେ ପ୍ରତିଶତ ଅଂଶ ରାଜ୍ୟ ପାଖରେ ହିଁ ରହିବ। ବିଜେପି ନେତାମାନେ ସ୍ପଷ୍ଟ କରିଛନ୍ତି ଯେ ଏହାଦ୍ୱାରା ଓଡ଼ିଶାର ଟଙ୍କାଟିଏ ବି କ୍ଷତି ହେବ ନାହିଁ। ଓଲଟା ଏହା ଏକ ସ୍ୱଚ୍ଛ ନିୟାମକ ବ୍ୟବସ୍ଥା ତିଆରି କରିବ, ଯାହା ନୂତନ ପୁଞ୍ଜିନିବେଶ ଆକର୍ଷିତ କରିବା ସହ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

---



ଏମଏମ୍‌ଡିଆର୍ (ଗଗଉଜ) ସଂଶୋଧନ ବିଲ୍, ୨୦୨୬ ଓଡ଼ିଶା ପାଇଁ ଲାଭଦାୟକ ନା କ୍ଷତିକାରକ, ସେନେଇ ଦୁଇଟି ଭିନ୍ନ ପକ୍ଷ ବା ଦୃଷ୍ଟିକୋଣ ରହିଛି। ଶାସକ ଦଳ (ବିଜେପି ଏବଂ କେନ୍ଦ୍ର ସରକାର) ଏହାକୁ ରାଜ୍ୟର ଦୀର୍ଘମିଆଦି ବିକାଶ ପାଇଁ ଲାଭଦାୟକ ଦର୍ଶାଉଥିବା ବେଳେ ବିରୋଧୀ ଦଳ (ବିଜେଡି ଓ କଂଗ୍ରେସ) ଏହାକୁ ରାଜ୍ୟ ପାଇଁ ଏକ ବଡ଼ ଆର୍ଥିକ କ୍ଷତି ବୋଲି ଅଭିଯୋଗ କରୁଛନ୍ତି। ଖଣିଜ ଉତ୍ପାଦନରୁ ମିଳୁଥିବା ୯୦% ରୁ ଅଧିକ ନିୟମିତ ରାଜସ୍ୱ (ରୟାଲଟି ଓ ନିଲାମ ପ୍ରିମିୟମ) ପୂର୍ବଭଳି ସିଧାସଳଖ ରାଜ୍ୟ ପାଖକୁ ଆସିବ। ଜୁଲାଇ ୨୦୨୪ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଓଡ଼ିଶା ପାଇବାକୁ ଥିବା ପ୍ରାୟ ୧ ଲକ୍ଷ କୋଟିର ପିଛିଲା ବକୟା ଟିକସ ଆଇନଗତ ଭାବେ ଅବୈଧ ହୋଇଯିବ। ସାରା ଦେଶରେ ଗୋଟିଏ ସମାନ ଓ ସ୍ଥିର ଟିକସ ବ୍ୟବସ୍ଥା ଲାଗୁ ହେବ, ଯାହା ଶିଳ୍ପଗୁଡ଼ିକୁ ବନ୍ଦ ହେବାରୁ ରକ୍ଷା କରିବ। ଖଣିଜ ସମ୍ପଦ ଓ ଖଣି ଜମି ଉପରେ ସ୍ୱତନ୍ତ୍ର ସେସ୍ ବା ଅତିରିକ୍ତ ଟିକସ ଲଗାଇବା ପାଇଁ ରାଜ୍ୟର ସାମ୍ବିଧାନିକ ଅଧିକାର ଶେଷ ହେବ। ଟିକସର ସ୍ୱଚ୍ଛତା ଯୋଗୁଁ ଓଡ଼ିଶାରେ ନୂଆ ପୁଞ୍ଜିନିବେଶ ବଢ଼ିବ ଏବଂ ଖଣି ଅଞ୍ଚଳରେ ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅତିରିକ୍ତ

## ରଣ ମୁକ୍ତ ହୋଇଥାନ୍ତା ଓଡ଼ିଶା !

ରାଜସ୍ୱ ହରାଇବା ଯୋଗୁଁ ରାଜ୍ୟ ଆଗାମୀ ଦିନରେ ପ୍ରତିବର୍ଷ ପ୍ରାୟ ୧୨,୦୦୦ କୋଟିର ଆୟ ହରାଇବ, ଯାହା ବିକାଶମୂଳକ କାର୍ଯ୍ୟକୁ ପ୍ରଭାବିତ କରିବ। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏବଂ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଅଧୀନରେ ଆଦାୟ ହେଉଥିବା ସମସ୍ତ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ରାଜ୍ୟର ଆର୍ଥିକ ସ୍ୱାଧୀନତା ହ୍ରାସ ପାଇବା ଦ୍ୱାରା ଖଣି ପ୍ରଭାବିତ ଅଞ୍ଚଳରେ ହେବାକୁ ଥିବା ସ୍କୁଲ, ଡାକ୍ତରଖାନା ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ଧିମେଇ ଯାଇପାରେ। ସଂକ୍ଷେପରେ କହିବାକୁ ଗଲେ, ଯଦି ଉଦ୍ୟୋଗୀକରଣ ଏବଂ ସାରା ଦେଶରେ ସମାନ ବଜାର ବ୍ୟବସ୍ଥା ଦୃଷ୍ଟିରୁ ଦେଖାଯାଏ, ତେବେ ଏହି ବିଲ୍ ବ୍ୟବସାୟ ଅନୁକୂଳ ପରିବେଶ ତିଆରି କରୁଥିବାରୁ ଏହାକୁ ଲାଭଦାୟକ କୁହାଯାଉଛି। ମାତ୍ର ରାଜ୍ୟର ସ୍ୱୟଂଶାସନ ଏବଂ ତତ୍କାଳୀନ ଆର୍ଥିକ ଲାଭ ଦୃଷ୍ଟିରୁ ଦେଖିଲେ, ୧ ଲକ୍ଷ କୋଟିରୁ ଅଧିକ ବକୟା ହରାଇବା ଏବଂ ନୂଆ ଟିକସ ଲଗାଇବା କ୍ଷମତା ସୀମିତ ହେବା ଓଡ଼ିଶା ପାଇଁ ଏକ ବଡ଼ ଝଟ୍‌କା ବୋଲି ବିବେଚନା କରାଯାଉଛି।

ଓଡ଼ିଶାର ଋଣଭାର ବିଗତ କିଛି ବର୍ଷ ହେବ ନିୟନ୍ତ୍ରଣ ମଧ୍ୟରେ ରହିଥିଲେ ସୁଦ୍ଧା ବିକାଶମୂଳକ କାର୍ଯ୍ୟ ଏବଂ ସାମାଜିକ ଯୋଜନା ପାଇଁ ଏହା ଧୀରେ ଧୀରେ ବୃଦ୍ଧି ପାଉଛି। ଆର୍ଥିକ ବର୍ଷ ୨୦୨୪-୨୫ ର ବଜେଟ୍ ଏବଂ ସରକାରୀ ତଥ୍ୟ ଅନୁଯାୟୀ, ଓଡ଼ିଶାର ମୋଟ ବକୟା ଋଣଭାର ପ୍ରାୟ ୧.୧୨ ଲକ୍ଷ କୋଟିରୁ ୧.୧୮ ଲକ୍ଷ କୋଟି ମଧ୍ୟରେ ଥିଲା। ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦର ପ୍ରାୟ ୧୨.୭% ଥିଲା, ଯାହାକି ଆଇନଗତ ସୀମା (୨୫%) ଠାରୁ ବହୁତ କମ୍ ଏବଂ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ଥିଲା। ୨୦୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ଉପରେ ସେହି ସମୟରେ ପ୍ରାୟ ୨୫,୯୮୯ ର ମୁଣ୍ଡପିଛା ଋଣଭାର ରହିଥିଲା। ଫେବୃଆରୀ ୨୦୨୬ରେ ଉପସ୍ଥାପିତ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ଆଗାମୀ ବଜେଟ୍ ଆକଳନ ଅନୁଯାୟୀ, ଓଡ଼ିଶାର ସାମ୍ପ୍ରତିକ ମୋଟ ପବ୍ଲିକ ଡେବ୍ଟ (ଟଙ୍କଭକ୍ଷସମ ଉରଭଗ୍ତ) ବୃଦ୍ଧି ପାଇ ପ୍ରାୟ ୧.୨୧ ଲକ୍ଷ କୋଟିରୁ ୧.୩୪ ଲକ୍ଷ କୋଟି ମଧ୍ୟରେ ପହଞ୍ଚିଛି। ବର୍ତ୍ତମାନ ଏହି ଋଣଭାର ଏଝଉଚ ର ପ୍ରାୟ ୧୩.୧% ରୁ ୧୩.୬% କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ନୂଆ ଜନକଲ୍ୟାଣକାରୀ ଯୋଜନା, ଭିତ୍ତିଭୂମି ନିର୍ମାଣ (ରାସ୍ତାଘାଟ, ମେଟ୍ରୋ, ମେଡିକାଲ) ଏବଂ ସାମାଜିକ କ୍ଷେତ୍ରରେ କ୍ୟାପିଟାଲ୍ ଖର୍ଚ୍ଚ ବଢ଼ିବା ଯୋଗୁଁ ଋଣ ପରିମାଣ ବଢ଼ିଛି। ମାତ୍ର ଭାରତର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ଏବେ ବି ଆର୍ଥିକ ଅନୁଶାସନ ରକ୍ଷା କରିବାରେ ଶୀର୍ଷରେ ରହିଛି। ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍, ୨୦୨୬ ସଂସଦରେ ପାରିତ ହେବା ପରେ ଏହା ଓଡ଼ିଶାର ଆଗାମୀ ଆର୍ଥିକ ସ୍ଥିତି ଏବଂ ଋଣ ନେବା ପ୍ରକ୍ରିୟା ଉପରେ ଏକ ପରୋକ୍ଷ କିମ୍ବା ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ରହିଛି। ସୁପ୍ରିମକୋର୍ଟଙ୍କ ଜୁଲାଇ ୨୦୨୪ ରାୟ ଅନୁଯାୟୀ, ଓଡ଼ିଶା ଖଣି କମ୍ପାନୀଗୁଡ଼ିକଠାରୁ ପିଛିଲା ଭାବେ ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ବକୟା ଟିକସ ଆଦାୟ କରିବାକୁ ଯାଉଥିଲା। ମାତ୍ର ନୂଆ ବିଲ୍ ର ଧାରା ୯ଉ ବଳରେ ଏହି ବକୟା ଆଦାୟ ଅବୈଧ ହୋଇଗଲା। ଯଦି ରାଜ୍ୟକୁ ଏହି ୧ ଲକ୍ଷ କୋଟିର ଅତିରିକ୍ତ ପାଣ୍ଠି ମିଳିଥାନ୍ତା, ତେବେ ରାଜ୍ୟ ସରକାର ନିଜର ଚାଲୁ ରହିଥିବା ସମସ୍ତ ପୁରୁଣା ବଜାର ଋଣ ଶୁଝିପାରିଥାନ୍ତେ ଏବଂ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଋଣମୁକ୍ତ ରାଜ୍ୟ' ହେବାର ସୁଯୋଗ ପାଇଥାନ୍ତା। ଏହି ବିଲ୍ ଯୋଗୁଁ ରାଜ୍ୟର ନିଜସ୍ୱ ସେସ୍ ଆଦାୟ କ୍ଷମତା ସୀମିତ ହୋଇଯିବ। ଫଳରେ ବଜେଟ୍ ରେ ରାଜସ୍ୱ ହ୍ରାସ ପାଇଲେ, ବିକାଶମୂଳକ କାର୍ଯ୍ୟ ଓ ନୂଆ ଯୋଜନାଗୁଡ଼ିକୁ ଚାଲୁ ରଖିବା ପାଇଁ ରାଜ୍ୟ ସରକାରଙ୍କୁ ଆଗାମୀ ବର୍ଷଗୁଡ଼ିକରେ କେନ୍ଦ୍ର ସରକାର କିମ୍ବା ଓପନ୍ ମାର୍କେଟରୁ ଅଧିକ ପରିମାଣର ଋଣ ଆଣିବାକୁ ପଡ଼ିପାରେ। ଓଡ଼ିଶାର ଅର୍ଥନୈତିକ ସର୍ଭେ ମଧ୍ୟ ଆକଳନ କରିଛି ଯେ, ଆଗାମୀ ୫ ବର୍ଷରେ ରାଜ୍ୟର ସାର୍ବଜନୀନ ଋଣଭାର ପ୍ରାୟ ୧୫.୭% କୁ ବୃଦ୍ଧି ପାଇପାରେ।



## ଖଣି ସଂଶୋଧନକୁ ନେଇ ଓଡ଼ିଶା ରାଜନୀତି ଗରମ

ଓଡ଼ିଶାରେ କେଉଁ ନିର୍ଦ୍ଦିଷ୍ଟ ଖଣି ମାଲିକ ବା କମ୍ପାନୀର କେତେ ଟଙ୍କା ବକୟା ରହିଛି, ସେନେଇ ସରକାରୀ ସ୍ତରରେ କୌଣସି ଅଡିଟେଡ୍ ବା କମ୍ପାନୀ-ୱାରୀ ସମ୍ପୂର୍ଣ୍ଣ ତାଲିକା ସାଧାରଣରେ ପ୍ରକାଶ କରାଯାଇ ନାହିଁ। ମାତ୍ର ବିଭିନ୍ନ ସରକାରୀ ରିପୋର୍ଟ, ସିଏଜି ଅଡିଟ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ମୋଟ ବକୟା ରାଜସ୍ୱ ଏବଂ ଜରିମାନାର ଏକ ବଡ଼ ଚିତ୍ର ସାମ୍ନାକୁ ଆସିଛି। ୨୦୨୪ ଜୁଲାଇରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ରାଜ୍ୟ ସରକାର ୨୦୦୫ ମସିହାରୁ ପିଛିଲା ଭାବେ ଖଣିଜ ସମ୍ପଦ ଉପରେ ଟିକସ/ସେସ୍ ଆଦାୟ କରିପାରିବେ। ବିଭିନ୍ନ ଶିଳ୍ପ ସଂଗଠନ ଏବଂ ରାଜନୈତିକ ଦଳଗୁଡ଼ିକର ଆକଳନ ଅନୁଯାୟୀ ଓଡ଼ିଶାରେ ଏହି ବକୟା ରାଶିର ପରିମାଣ ୧ ଲକ୍ଷ କୋଟିରୁ ଅଧିକ। ଏହି ବକୟା ଟିକସର ବୋଝ ଉଭୟ ସରକାରୀ ଓ ବେସରକାରୀ ବଡ଼ ଖଣି କମ୍ପାନୀଗୁଡ଼ିକ ଉପରେ ରହିଛି। ଜାତୀୟ ସ୍ତରରେ ସେଲ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ) ଉପରେ ସର୍ବାଧିକ ୭୦,୦୦୦ ରୁ ୮୦,୦୦୦ କୋଟିର ବକୟା ରହିଥିବା ବେଳେ ଓଡ଼ିଶାରେ ସକ୍ରିୟ ଥିବା ପ୍ରମୁଖ ଘରୋଇ କମ୍ପାନୀ ଯେପରିକି ଟାଟା ଷ୍ଟିଲ୍ ଏବଂ ବେଦାନ୍ତ ମଧ୍ୟ ଏହି ଆର୍ଥିକ ପ୍ରଭାବ ପରିସରଭୁକ୍ତ। ମାତ୍ର MMDR ସଂଶୋଧନ ବିଲ୍ ୨୦୨୬ ଆସିବା ପରେ ଏହି ସବୁ ପୁରୁଣା ବକୟା ଆଦାୟ ଆଇନଗତ ଭାବେ ଅବୈଧ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ (ଜଷ୍ଟିସ୍ ଏମ.ବି. ଶାହା କମିଟି ରିପୋର୍ଟ ଆଧାରରେ) ଅନୁଯାୟୀ, ପରିବେଶ ମଞ୍ଜୁରୀ ଓ ଜଙ୍ଗଲ ମଞ୍ଜୁରୀ ବିନା ଅତ୍ୟଧିକ ଖଣି ଉତ୍ତୋଳନ କରିଥିବା ମାଲିକମାନଙ୍କ ଉପରେ ଜରିମାନା ଲଗାଯାଇଥିଲା। ନିକଟରେ ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାର ବେଆଇନ ଭାବେ ଲୁହାପଥର ଓ ମାଙ୍ଗାନିଜ୍ ଉତ୍ତୋଳନ କରିଥିବା ଖଣି ମାଲିକମାନଙ୍କଠାରୁ ପ୍ରାୟ ୪,୦୦୦ କୋଟି (ନିର୍ଦ୍ଦିଷ୍ଟ ଭାବେ ୩,୯୮୮ କୋଟିରୁ ଅଧିକ) ର ଜରିମାନା ବକୟା ଆଦାୟ କରିବାରେ ବିଫଳ ହୋଇଛନ୍ତି। ପୂର୍ବରୁ ୧୩୧ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ପ୍ରାୟ ୧୯,୧୭୪ କୋଟିର ଦାବି କରାଯାଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୭,୩୭୧ (ପ୍ରାୟ ୭,୩୭୧ କୋଟି) ଆଦାୟ ହୋଇପାରିଥିଲା। ବାକି ଟଙ୍କା କେତେକ ଖଣି ମାଲିକ କୋର୍ଟରୁ ସ୍ଥଗିତାଦେଶ ଆଣିଥିବାରୁ ଅଟକି ରହିଛି। ସୁପ୍ରିମକୋର୍ଟ ଏହି ମାମଲାଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ଓଡ଼ିଶା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




---

# କେନ୍ଦୁଝର-ସୁନ୍ଦରଗଡ଼ର ଖଣି ମାଲିକଙ୍କୁ ଆଶ୍ୱାସନା

ଓଡ଼ିଶାର ସର୍ବାଧିକ ଖଣି ସମୃଦ୍ଧ ଜିଲ୍ଲା କେନ୍ଦୁଝର (ବିଶେଷ କରି ଯୋଡ଼ା ଏବଂ ବଡ଼ବିଲ୍ ଖଣି ମଣ୍ଡଳ) ରେ ବେଆଇନ ଖଣି ଖନନ ଏବଂ ଅଧିକ ଉତ୍ତୋଳନ ଯୋଗୁଁ ବିଭିନ୍ନ କମ୍ପାନୀ ଉପରେ ବହୁତ ବଡ଼ ପରିମାଣର ଜରିମାନା ଓ ବକୟା ରହିଛି। ସୁପ୍ରିମକୋର୍ଟଙ୍କ ଐତିହାସିକ ୨୦୧୭ ରାୟ ଏବଂ ଜଷ୍ଟିସ୍ ଏମ୍.ବି. ଶାହା କମିଟିର ରିପୋର୍ଟ ଆଧାରରେ ଏହିସବୁ ଦାବି କରାଯାଇଛି। ରାଜ୍ୟ ଖଣି ବିଭାଗ ଓ ଶାହା କମିଟିର ଆକଳନ ଅନୁଯାୟୀ, ବିନା ପରିବେଶ ମଞ୍ଜୁରୀରେ ବେଆଇନ ଭାବେ ଲୁହାପଥର ଓ ମାଙ୍ଗାନିଜ୍ ଉତ୍ତୋଳନ କରିଥିବା କମ୍ପାନୀଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ନୋଟିସ୍ ଜାରି କରାଯାଇଥିଲା। ସେଥିମଧ୍ୟରୁ କେନ୍ଦୁଝରର ଯୋଡ଼ା ଅଞ୍ଚଳରେ ଥିବା ଟାଟା ଷ୍ଟିଲ୍ ଭଳି ବଡ଼ କମ୍ପାନୀ ଉପରେ ସର୍ବାଧିକ ପ୍ରାୟ ୩୩,୦୦୦ କୋଟି ରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିଲା। ଏହା ମଧ୍ୟରୁ କିଛି ଅଂଶ କମ୍ପାନୀ ପୈଠ କରିଥିବା ବେଳେ ବାକି ରାଶି ଆଇନଗତ ବିବାଦ ମଧ୍ୟରେ ରହିଛି। ସେହିପରି କେନ୍ଦୁଝରରେ ସକ୍ରିୟ ଥିବା ଏସେଲ୍ ମାଇନିଂ ସଂସ୍ଥା ଉପରେ ପ୍ରାୟ ୪,୩୦୮ କୋଟି ର ଜରିମାନା ଲାଗିଥିଲା। ଜିନ୍ଦଲ ଗ୍ରୁପ୍ ଶିଳ୍ପ ସଂସ୍ଥା ଉପରେ ପ୍ରାୟ ୨,୮୪୫ କୋଟି ର ଜରିମାନା ଦାବି କରାଯାଇଥିଲା। ଏହାଛଡ଼ା ଏମ୍.ଜେ. କାଲପୁର, ବି.ଡି. ପଟ୍ଟନାୟକ, ଏସ୍. ପ୍ରଧାନ (ପ୍ରାୟ ୧୨୩ କୋଟି) ଏବଂ କେତେକ ଛୋଟ-ବଡ଼ ଘରୋଇ ଖଣି ମାଲିକଙ୍କ ଉପରେ ମଧ୍ୟ ଶହ ଶହ କୋଟିର ଜରିମାନା ବକୟା ରହିଛି। ସରକାରୀ ତଥ୍ୟ ଅନୁଯାୟୀ, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୧୦୨ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ଏବେ ସୁଦ୍ଧା ୨,୭୨୧ କୋଟିରୁ ଅଧିକ ବେଆଇନ ଖଣି ଜରିମାନା



ଆଦାୟ ହୋଇପାରି ନାହିଁ। କେତେକ ଖଣି ମାଲିକ କୋର୍ଟରୁ ସ୍ଥଗିତାଦେଶ ଆଣିଥିବାରୁ ଏହି ଆଦାୟ ପ୍ରକ୍ରିୟା ଅଟକି ରହିଥିଲା। ସୁପ୍ରିମକୋର୍ଟ ଏହି ମାମଲାଗୁଡ଼ିକର ଶୀଘ୍ର ଶୁଣାଣି କରି ମାର୍ଚ୍ଚ ୨୦୨୬ ସୁଦ୍ଧା ଏହି ସମସ୍ତ ବକୟା ଆଦାୟ ପ୍ରକ୍ରିୟା ଶେଷ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବକୟା ଜରିମାନା ବ୍ୟତୀତ, ନିୟମିତ ଖଣି କାରବାର ବାବଦକୁ କମ୍ପାନୀଗୁଡ଼ିକ ଦେଉଥିବା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସଂଗ୍ରହରେ ମଧ୍ୟ କେନ୍ଦୁଝର ସାରା ଦେଶରେ ଶୀର୍ଷରେ ରହିଛି। କେନ୍ଦୁଝର ଜିଲ୍ଲା ଏବେ ସୁଦ୍ଧା ୧୩,୧୫୪ କୋଟିରୁ ଅଧିକ ଡଗର୍ ପାଣ୍ଠି ସଂଗ୍ରହ କରିସାରିଛି।

କେନ୍ଦୁଝର ଭଳି ସୁନ୍ଦରଗଡ଼ ଜିଲ୍ଲା (ବିଶେଷ କରି କୋଇଡ଼ା ଖଣି ମଣ୍ଡଳ ଓ ହେମଗିରି ଅଞ୍ଚଳ) ମଧ୍ୟ ଓଡ଼ିଶାର ଏକ ପ୍ରମୁଖ ଖଣିଜ ହବ୍। ଏଠାରେ ବେଆଇନ ଖଣି ଖନନ, ସୀମାରୁ ଅଧିକ ଲୁହାପଥର ଓ ମାଙ୍ଗାନିଜ୍ ଉତ୍ତୋଳନ ଏବଂ କୋଇଲା ସ୍କାମ୍‌କୁ ନେଇ ବିଭିନ୍ନ କମ୍ପାନୀ ଉପରେ କୋଟି କୋଟି ଟଙ୍କାର ବକୟା ଜରିମାନା ରହିଛି। ସୁପ୍ରିମକୋର୍ଟଙ୍କ ୨୦୧୭ ନିର୍ଦ୍ଦେଶକ୍ରମେ, ଖଣି ବିଭାଗ ସୁନ୍ଦରଗଡ଼ର କୋଇଡ଼ା ଖଣି ମଣ୍ଡଳର ୪୭ ଜଣ ଖଣି ଲିଜ୍‌ଧାରୀଙ୍କ ଉପରେ ପ୍ରାୟ ୧୭,୫୦୦ କୋଟିରୁ ଅଧିକ ଟଙ୍କାର ଜରିମାନା ନୋଟିସ୍ ଜାରି କରିଥିଲା। ସେଥିମଧ୍ୟରୁ ଓଡ଼ିଶା ମାଇନିଂ କର୍ପୋରେସନ ସରକାରୀ ସଂସ୍ଥା ହୋଇଥିଲେ ସୁଦ୍ଧା ସୁନ୍ଦରଗଡ଼ର କୁର୍ମିତର ଭଳି କେତେକ ବଡ଼ ଖଣିରେ ଅଧିକ ଉତ୍ତୋଳନ ପାଇଁ OMC ଉପରେ ଶହ ଶହ କୋଟିର ଜରିମାନା ବକୟା ରହିଛି। ସୁନ୍ଦରଗଡ଼ ଅଞ୍ଚଳରେ ରୁଙ୍ଗଟା ମାଇନ୍ସ ଗ୍ରୁପ୍‌ର ଏକାଧିକ ଖଣି ରହିଛି। ପରିବେଶ ନିୟମ ଉଲ୍ଲଂଘନ ପାଇଁ ଏହି ସଂସ୍ଥା ଉପରେ ପ୍ରାୟ ୧,୦୦୦ କୋଟିରୁ ଅଧିକ ଟଙ୍କାର ଜରିମାନା ଲାଗିଥିଲା। ସୁନ୍ଦରଗଡ଼ର ଟେନସା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲୁହାପଥର ଖଣିରେ ନିର୍ଦ୍ଧାରିତ ସୀମା ବାହାରେ ଉତ୍ତୋଳନ ଅଭିଯୋଗରେ କମ୍ପାନୀ ଉପରେ ମଧ୍ୟ ବଡ଼ ଅଙ୍କର ଜରିମାନା ଦାବି କରାଯାଇଛି। ଏହାଛଡ଼ା ଜି.ଆର. ମହାନ୍ତି (Geetarani Mines), ମଙ୍ଗଳା ଆସୋସିଏଟ୍ସ ଏବଂ ଅନ୍ୟ କେତେକ ବେସରକାରୀ ଲିଜ୍‌ଧାରୀଙ୍କ ନାମରେ ମଧ୍ୟ କୋଟି କୋଟି ଟଙ୍କାର ବକୟା ରହିଛି, ଯାହା ମଧ୍ୟରୁ କିଛି ମାମଲା ଏବେ ବି କୋର୍ଟରେ ବିଚାରାଧୀ। ସୁନ୍ଦରଗଡ଼ ଜିଲ୍ଲାରେ ନିକଟରେ କେତେକ ନୂଆ ବେଆଇନ ଖଣି କାରବାର ସାମ୍ନାକୁ ଆସିଛି, ଯେଉଁଥିରେ ସରକାରୀ ରାଜସ୍ୱ କ୍ଷତି ହୋଇଛି ଏବଂ ବକୟା ଆଦାୟ ପ୍ରକ୍ରିୟା ଚାଲିଛି। ହେମଗିରି ତହସିଲ୍‌ର ୨୨ଟି କୋଇଲା ଖଣିରୁ ବେଆଇନ ଭାବେ ପ୍ରାୟ ୯,୮୪୩ ମେଟ୍ରିକ୍ ଟନ୍ କୋଇଲା (ଯାହାର ମୂଲ୍ୟ ପ୍ରାୟ ୨ କୋଟି) ଚୋରା ଚାଲାଣ ଅଭିଯୋଗରେ ରାଜ୍ୟ ଭିଜିଲାନ୍ସ ବିଭାଗ ତଦନ୍ତ କରୁଛି। କୋଇଡ଼ା ଅଞ୍ଚଳରେ ଜଙ୍ଗଲ ଜମିରୁ ପ୍ରାୟ ୨୦,୦୦୦ ଟନ୍ ମାଙ୍ଗାନିଜ୍ ଏବଂ ୧,୨୦୦ ଟନ୍ ଲୁହାପଥର ବେଆଇନ ଭାବେ ଉଠାଯାଇଥିବା ସାମ୍ନାକୁ ଆସିଛି, ଯେଉଁଥିରେ ପ୍ରାୟ ୩୭ କୋଟି ର ସରକାରୀ ରାଜସ୍ୱ ହାନି ହୋଇଛି। ସୁନ୍ଦରଗଡ଼ର ଗର୍ଜନବାହାଲ ଓ କୁଲଡ଼ା ଓପନକାଷ୍ଟ ଏମ୍‌ସିଏଲ୍ କୋଇଲା ଖଣିରେ ବେଆଇନ କୋଇଲା ପରିବହନ ଅଭିଯୋଗକୁ ନେଇ CBI (ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ) ଚଢ଼ାଉ କରି ତଦନ୍ତ ଚଳାଇଛି। ବକୟା ଜରିମାନା ବ୍ୟତୀତ, ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସଂଗ୍ରହରେ ଦେଶର ଅନ୍ୟତମ ଅଗ୍ରଣୀ ଜିଲ୍ଲା, ଯେଉଁଠାରେ ପ୍ରାୟ ୯,୨୩୪ କୋଟିରୁ ଅଧିକ ପାଣ୍ଠି ଜମା ହୋଇଛି। ମାତ୍ର ନିକଟରେ ଆସିଥିବା ସିଏଜି ଡ୍ରାଫ୍ଟ ରିପୋର୍ଟ ଅନୁଯାୟୀ, ଏହି ପାଣ୍ଠିର ବ୍ୟବହାରରେ ବ୍ୟାପକ ଅନିୟମିତତା ହୋଇଛି। ଖଣି ପ୍ରଭାବିତ ପ୍ରକୃତ ଗ୍ରାମଗୁଡ଼ିକରେ ଟଙ୍କା ଖର୍ଚ୍ଚ ନହୋଇ ଅଣ-ଖଣି ପ୍ରଭାବିତ ଅଞ୍ଚଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ CAG ପ୍ରଶ୍ନ ଉଠାଇଛି।

**ଚାପି ହୋଇଯିବ କି ? ଶାହା କମିଶନ ରିପୋର୍ଟ**

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସେପ୍ଟେମ୍ବର ୨୨ରୁ ଆରମ୍ଭ ହେବ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ




- ଅକ୍ଟୋବର ୩ ପର୍ଯ୍ୟନ୍ତ ଚାଲିବ ଗୃହ
- ମୋଟ ୯ଟି କାର୍ଯ୍ୟ ଦିବସ ରହିବ
- ଖଣି ବିଲ୍ ଓ ବନ୍ୟା ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ବିରୋଧୀ

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍):ଓଡ଼ିଶା ସପ୍ତଦଶ ବିଧାନସଭାର ସପ୍ତମ ତଥା ମୌସୁମୀ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହେବ. ବିଧାନସଭା ସଚିବାଳୟ ପକ୍ଷରୁ ପ୍ରସ୍ତାବିତ ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱଳ୍ପକାଳୀନ ଅଧିବେଶନ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି । ଏହି ସମ୍ପୂର୍ଣ୍ଣ ଅଧିବେଶନ ମଧ୍ୟରେ ମୋଟ ୯ଟି କାର୍ଯ୍ୟଦିବସ ରହିବ. ଏହା ସହିତ ଗୃହରେ ଗୋଟିଏ ସରକାରୀ ଛୁଟି ଏବଂ ଦୁଇଟି ନନ୍-ମିଟିଂ ଡେ' (ବୈଠକ ନଥିବା ଦିନ) ସାମିଲ ଅଛି । ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏହି ପ୍ରସ୍ତାବିତ କ୍ୟାଲେଣ୍ଡର ସଂସଦୀୟ ବ୍ୟାପାର ବିଭାଗକୁ ପଠାଇଛନ୍ତି. ସରକାରଙ୍କ ସହମତି ପରେ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଆନୁଷ୍ଠାନିକ ଭାବେ ଗୃହ ଆହ୍ୱାନ କରାଯିବ । ଚଳିତ ଅଧିବେଶନରେ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଉଛି. ମୁଖ୍ୟତଃ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଗୃହରେ ହଙ୍ଗାମା ସୃଷ୍ଟି କରିପାରେ । କେନ୍ଦ୍ର ସରକାରଙ୍କ ଖଣି ସଂଶୋଧନ ଆକ୍ଟକୁ ନେଇ କଂଗ୍ରେସ ଏବଂ ବିଜେଡି ସରକାରଙ୍କୁ ଜବାବ ମାଗିବେ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲଗାତାର ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, ସହାୟତା ଏବଂ ପ୍ରଶାସନିକ ସଫଳତା-ବିଫଳତା ଉପରେ ଚର୍ଚ୍ଚା ହେବ । ସରକାରୀ ସ୍କୁଲ ପାଠ୍ୟପୁସ୍ତକରେ ରହିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଭୁଲ୍ ତଥ୍ୟକୁ ନେଇ ଶାସକ ଦଳକୁ ବିରୋଧୀ ଟାର୍ଗେଟ୍ କରିପାରନ୍ତି । ରାଜ୍ୟର ସାମ୍ପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ପ୍ରସଙ୍ଗ ମଧ୍ୟ ଗୃହରେ ଉଠିବ ।

## ନିଜ ସରକାର ଉପରେ ବର୍ଷିଲେ ବିଜେପି ସାଂସଦ

### ଦକ୍ଷିଣ ଓଡ଼ିଶାର ଅବହେଳାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୨୯/୦୮ (ଜେଏନ୍ଏସ୍): ବ୍ରହ୍ମପୁର ବିଜେପି ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦକ୍ଷିଣ ଓଡ଼ିଶାର ବିକାଶ ପ୍ରସଙ୍ଗରେ ଏକ ଅଗୁରୁତ୍ୱପୂର୍ଣ୍ଣ ଚିଠି ଲେଖିବା ପରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି । ନିଜ ଦଳର ସରକାର ଥାଇ ମଧ୍ୟ ସାଂସଦ ଗଞ୍ଜାମ, ଗଜପତି ଏବଂ ସମଗ୍ର ଦକ୍ଷିଣ ଓଡ଼ିଶାର ବିକାଶକୁ ପ୍ରଶାସନିକ ସ୍ତରରେ ଅବହେଳା କରାଯାଉଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ବିକାଶ ଯୋଜନାରୁ ଦକ୍ଷିଣ ଓଡ଼ିଶାର ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ବାଦ୍ ଦିଆଯାଇଥିବା ନେଇ ସାଂସଦ ପ୍ରଶ୍ନ ଉଠାଇଛନ୍ତି । ଏହି ଦୁଇ ଶିକ୍ଷାନୁଷ୍ଠାନକୁ ତୁରନ୍ତ ଉନ୍ନତିକରଣ ଯୋଜନାରେ ସାମିଲ କରିବାକୁ ସେ ଦାବି କରିଛନ୍ତି । ବ୍ରହ୍ମପୁର ରେଲୱେ ମେଲ୍ ସର୍ଭିସ୍ ଡିଭିଜନକୁ କଟକ ସହ ମିଶ୍ରଣ କରିବା ପାଇଁ ଚାଲିଥିବା ପ୍ରଶାସନିକ ପ୍ରସ୍ତାବକୁ ସାଂସଦ ଦୃଢ଼ ବିରୋଧ କରିଛନ୍ତି । ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ଡାକ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହେବ, ତେଣୁ ଏହାର ସ୍ୱତନ୍ତ୍ର ପରିଚୟ ବଜାୟ ରଖିବା ଜରୁରୀ ବୋଲି ସେ ଚିଠିରେ ଲେଖିଛନ୍ତି । ସାଂସଦ ଅଭିଯୋଗ କରିଛନ୍ତି ଯେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ଆଲୋଚନାରେ ସ୍ଥାନୀୟ ସାଂସଦ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ସଠିକ୍ ଭାବେ ସାମିଲ କରାଯାଉନାହିଁ । ଫଳରେ ସ୍ଥାନୀୟ ଲୋକଙ୍କ ସମସ୍ୟା ସରକାରଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚିପାରୁ ନାହିଁ । ଗଞ୍ଜାମ ଓ ଗଜପତି ଜିଲ୍ଲାର ବହୁ ପ୍ରତିକ୍ଷିତ ଫ୍ଲାଇଓଭର, ପ୍ରମୁଖ ରାସ୍ତା ନିର୍ମାଣ, ବନ୍ଦର ଭିତ୍ତିକ ଶିଳ୍ପ, ନଦୀ ସଂରକ୍ଷଣ ଏବଂ ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆଗେଇ ପାରୁନାହିଁ । ଜନସାଧାରଣଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ସମସ୍ତ ବିଭାଗର ସଚିବମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକନ୍ତୁ ଏବଂ ଦକ୍ଷିଣ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ସାଂସଦ ଅନୁରୋଧ କରିଛନ୍ତି ।

**ଓଡ଼ିଶା ରାଜନୀତିରେ ହଲଚଲ**

# ଖୁବ୍‌ଶୀଘ୍ର ହେବ ମନ୍ତ୍ରୀମଣ୍ଡଳ ଅଦଳବଦଳ !

## ଦିଲ୍ଲୀ ଦରବାରରୁ ମିଳିଲା ସବୁଜ ସଙ୍କେତ : ନୂଆ ଚେହେରାଙ୍କୁ ମିଳିବ ସୁଯୋଗ

- ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ନେଇ ଜୋର୍ ଧରିଲା ଚର୍ଚ୍ଚା
- କ୍ୟାବିନେଟ୍‌ରେ ଖାଲିଥିବା ୬ଟି ପଦବୀ ପୂରଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରର ଥମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଏବଂ ଅଦଳବଦଳକୁ ନେଇ ଓଡ଼ିଶା ରାଜନୀତିରେ ଚର୍ଚ୍ଚା ଏବେ ଚରମ ସୀମାରେ ପହଞ୍ଚିଛି । ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପୃଥ୍ୱୀରାଜ ହରିଚନ୍ଦନଙ୍କ ସୂଚନା ମୁତାବକ, ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ଏବଂ ପ୍ରଶାସନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଓଡ଼ିଶା ସରକାରଙ୍କ ନିୟମ ଅନୁସାରେ ମୋଟ୍ ୨୨ ଜଣ ମନ୍ତ୍ରୀ ରହିପାରିବେ । ମାତ୍ର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ୍ ୧୬ ଜଣ ମନ୍ତ୍ରୀ ଅଛନ୍ତି । ଫଳରେ ଏବେ ମଧ୍ୟ ୬ଟି ମନ୍ତ୍ରୀ ପଦବୀ ଖାଲି ଅଛି, ଯାହାକୁ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଚର୍ଚ୍ଚା ହେଉଛି । କେତେକ ମନ୍ତ୍ରୀଙ୍କ ଆଶାନୁରୂପ କାର୍ଯ୍ୟଦକ୍ଷତା ନଥିବାରୁ, ସେମାନଙ୍କ ବିଭାଗ ବଦଳାଯାଇପାରେ କିମ୍ବା ସେମାନଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍ ଦିଆଯାଇପାରେ । ପ୍ରଥମ ଥର ବିଧାୟକ ହୋଇଥିବା କିଛି ଯୋଗ୍ୟ ଓ ଆଗଧାଡ଼ିର ନେତାଙ୍କୁ ଏହି ସମ୍ପ୍ରସାରଣରେ ମନ୍ତ୍ରୀ ପଦ ମିଳିବାର ସମ୍ଭାବନା ଅଧିକ ରହିଛି । ବର୍ତ୍ତମାନର ମନ୍ତ୍ରୀମଣ୍ଡଳରେ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାକୁ ଅଧିକ ପ୍ରତିନିଧିତ୍ୱ ମିଳିଥିବା ବେଳେ, ଅବହେଳିତ ଅଞ୍ଚଳଗୁଡ଼ିକୁ ସନ୍ତୁଷ୍ଟ କରିବା ପାଇଁ ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ ଦିଆଯିବ । ଆଗାମୀ ନିର୍ବାଚନ ଓ ସଂଗଠନକୁ ସୁଦୃଢ଼ କରିବା ପାଇଁ ଏସସି, ଏସଟି ଏବଂ ମହିଳା ପ୍ରତିନିଧିଙ୍କ ସଂଖ୍ୟା ବଢ଼ାଯାଇପାରେ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ନୂଆଦିଲ୍ଲୀ ଗସ୍ତ କରି କେନ୍ଦ୍ରୀୟ ନେତୃତ୍ୱ (ଅମିତ ଶାହ ଓ ଜେପି ନଡ୍ଡା)ଙ୍କ ସହ ଏହି ସମ୍ଭାବ୍ୟ ତାଲିକା ଉପରେ ଚୂଡ଼ାନ୍ତ ଆଲୋଚନା କରିସାରିଥିବା ସୂଚନା ମିଳିଛି । ସେହିପରି ବିଭିନ୍ନ ସରକାରୀ ନିଗମ ଏବଂ ବୋର୍ଡଗୁଡ଼ିକରେ ରାଜନୈତିକ ନିଯୁକ୍ତି ମଧ୍ୟ ଏହି ସମୟରେ କରାଯିବ । ଏହା ସହିତ ସରକାର ପ୍ରଶାସନିକ ସ୍ତରରେ ମଧ୍ୟ ବଡ଼ ଧରଣର ଅଦଳବଦଳ ଆରମ୍ଭ କରିଦେଇଛନ୍ତି, ଯେଉଁଥିରେ ନିକଟରେ ୭ ଜଣ ଆଇଏଏସ୍ ଏବଂ ୧୧ ଜଣ ଓଏଏସ୍ ଅଫିସରଙ୍କୁ ବଦଳି କରାଯାଇଛି । ରାଜନୈତିକ ସମୀକ୍ଷକଙ୍କ ମତରେ, ଆସନ୍ତା କିଛି ଦିନ ମଧ୍ୟରେ ରାଜ୍ୟ ଭବନରେ ନୂଆ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ଉତ୍ସବ ଦେଖିବାକୁ ମିଳିପାରେ ।

# କଲେଜ ପିଲାଙ୍କ ପାଇଁ ବାୟୋମେଟ୍ରିକ ବାଧ୍ୟତାମୂଳକ



- ଉଚ୍ଚଶିକ୍ଷା କ୍ଷେତ୍ରରେ ମେଗା ସଂସ୍କାର
- ପରୀକ୍ଷା ଦେବାକୁ ହେଲେ ୭୫% ଆଟେଣ୍ଡାନ୍ସ
- ପ୍ରଫେସରଙ୍କ ପାଇଁ ଦୈନିକ ୭ ଘଣ୍ଟା କଲେଜରେ ରହିବା ନିୟମ କଡ଼ାକଡ଼ି
- ୟୁନିଫାଇଡ୍ ସିଷ୍ଟମରେ ମିଳିବ ସବୁ ସରକାରୀ ସେବା

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ଗୁଣବତ୍ତା ଆଣିବା ପାଇଁ କେତେକ ବଡ଼ ଧରଣର ନୂଆ ନିୟମ ଓ ସଂସ୍କାର ଲାଗୁ କରାଯାଇଛି । କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବା ଏହି ନିୟମଗୁଡ଼ିକର ମୁଖ୍ୟ ଲକ୍ଷ୍ୟ । ଏବେ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜରେ ଛାତ୍ରଛାତ୍ରୀଙ୍କ ପାଇଁ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା ଲାଗୁ କରାଯାଇଛି । ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ୭୫% ଉପସ୍ଥାନ ରହିବା ବାଧ୍ୟତାମୂଳକ କରାଯାଇଛି । କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ କଲେଜ ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ଦୈନିକ ୭ ଘଣ୍ଟା କଲେଜରେ ରହିବା ସହ ବାୟୋମେଟ୍ରିକ ମାଧ୍ୟମରେ ସେମାନଙ୍କ ଆଗମନ ଓ ପ୍ରସ୍ଥାନ ସମୟ ରେକର୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ସମସ୍ତ ପବ୍ଲିକ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଡିଜିଟାଲ୍ ପ୍ଲାଟଫର୍ମ ଅଧୀନକୁ ଅଣାଯାଇଛି । ଛାତ୍ରଛାତ୍ରୀମାନେ ନାମଲେଖା, ପରୀକ୍ଷା ଫର୍ମ ପୂରଣ, ପ୍ରବେଶ ପତ୍ର ଏବଂ ସେମାନଙ୍କ ମାର୍କସିଟ୍ ତଥା ସାର୍ଟିଫିକେଟ୍ ଏହି ପୋର୍ଟାଲ୍ ମାଧ୍ୟମରେ ଅତି ସହଜରେ ଡାଉନଲୋଡ୍ କରିପାରିବେ । ନୂଆ ନିୟମ ଅନୁଯାୟୀ, ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆଧୁନିକ ଓ ରୋଜଗାରଭିତ୍ତିକ କରାଯାଇଛି । ଛାତ୍ରଛାତ୍ରୀମାନେ ନିଜ ମୂଳ ବିଷୟ ବ୍ୟତୀତ ଅନ୍ୟ କଳା କିମ୍ବା ବିଜ୍ଞାନ ବିଷୟକୁ ମଧ୍ୟ ପସନ୍ଦ ଅନୁସାରେ ପଢ଼ିପାରିବେ । କଲେଜ ପଢ଼ା ସମୟରେ ହିଁ ପିଲାମାନେ ଯେପରି ବ୍ୟାବହାରିକ ଜ୍ଞାନ ପାଇପାରିବେ, ସେଥିପାଇଁ ବିଭିନ୍ନ ଶିଳ୍ପ ସଂସ୍ଥା ସହ ମିଶି ଇଣ୍ଟର୍ନସିପ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି । 'ଇ-ମେଧାବୃତ୍ତି' ଏବଂ ଅନ୍ୟାନ୍ୟ ସରକାରୀ ସ୍କଲାରସିପ୍ ଆବେଦନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅନଲାଇନ୍ କରାଯାଇଛି । ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ DBT ମାଧ୍ୟମରେ ସିଧାସଳଖ ସହାୟତା ରାଶି ପଠାଯାଉଛି, ଯାହାଦ୍ୱାରା ଦଲାଲି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଛି ।

## କ୍ୟାବିନେଟ୍‌ରେ ଐତିହାସିକ 'AI ପଲିସି ୨୦୨୫'କୁ ମଞ୍ଜୁରୀ

# ଯୁବପିଢ଼ିଙ୍କ ପାଇଁ ସୃଷ୍ଟି ହେବ ନୂଆ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ଓଡ଼ିଶା କ୍ୟାବିନେଟ୍‌ର ସବୁଠାରୁ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତିଗୁଡ଼ିକ ମଧ୍ୟରୁ 'ଓଡ଼ିଶା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପଲିସି ୨୦୨୫' ଅନ୍ୟତମ । ରାଜ୍ୟକୁ ଡିଜିଟାଲ୍ ଯୁଗରେ ଆଗୁଆ ରଖିବା ଏବଂ ଶାସନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଦ୍ରୁତ କରିବା ପାଇଁ ଏହି ନୂତନ ନୀତିକୁ ମଞ୍ଜୁରୀ ଦିଆଯାଇଛି । ସରକାରୀ ସେବା ପ୍ରଦାନ ପ୍ରକ୍ରିୟାରେ AIର ବ୍ୟବହାର କରି ସାଧାରଣ ଜନତାଙ୍କ ନିକଟରେ ସେବାଗୁଡ଼ିକୁ ଶୀଘ୍ର ଏବଂ ସହଜରେ ପହଞ୍ଚାଇବା । ନିଯୁକ୍ତି ଏବଂ ଦକ୍ଷତା ବିକାଶ: ରାଜ୍ୟର ଯୁବପିଢ଼ିଙ୍କୁ AI, ଡାଟା ସାଇନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କରି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ଓଡ଼ିଶାକୁ ଦେଶର ଏକ ପ୍ରମୁଖ AI ଏବଂ ଟେକ୍ନୋଲୋଜି ହବ୍ ଭାବେ ଗଢ଼ିତୋଳିବା ସହ ବଡ଼ ବଡ଼ ଆଇଟି କମ୍ପାନୀଗୁଡ଼ିକୁ ଆକର୍ଷିତ କରିବା । ଚାଷୀମାନଙ୍କୁ ପାଣିପାଗର ସଠିକ୍ ପୂର୍ବାନୁମାନ, ମାଟିର ଗୁଣବତ୍ତା ଏବଂ ଫସଲରେ ଲାଗୁଥିବା ରୋଗ ବିଷୟରେ ଆଗୁଆ ସୂଚନା ଦେବା ପାଇଁ AI ଟୁଲ୍ସ ବ୍ୟବହାର କରାଯିବ । ସରକାରୀ ମେଡିକାଲଗୁଡ଼ିକରେ ରୋଗର ସଠିକ୍ ଚିହ୍ନଟ, ଉନ୍ନତ ରୋଗୀ ସେବା ଏବଂ ଉପାନ୍ତ ଅଞ୍ଚଳରେ ଟେଲି-ମେଡିସିନ୍ ବ୍ୟବସ୍ଥାକୁ AI ଦ୍ୱାରା ଅଧିକ ମଜବୁତ କରାଯିବ । ବିଦ୍ୟାଳୟ ଏବଂ କଲେଜ ସ୍ତରରେ ଛାତ୍ରଛାତ୍ରୀଙ୍କ ପାଇଁ AI-ଆଧାରିତ ବ୍ୟକ୍ତିଗତ ଶିକ୍ଷା ବ୍ୟବସ୍ଥା ଲାଗୁ କରାଯିବ । ଓଡ଼ିଶା ଏକ ବାତ୍ୟା ପ୍ରବଣ ରାଜ୍ୟ ହୋଇଥିବାରୁ, ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଏବଂ ସଠିକ୍ ଆକଳନ ପାଇଁ AI ବ୍ୟବସ୍ଥା କାର୍ଯ୍ୟ କରିବ । ରାଜ୍ୟରେ ଉନ୍ନତ ଗବେଷଣା ଓ ଉଦ୍ଭାବନ ପାଇଁ ସ୍ୱତନ୍ତ୍ର AI ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଜନସାଧାରଣଙ୍କ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ପାଇଁ ଏହି ପଲିସିରେ କଠୋର ନିୟମାବଳୀ ରହିଛି, ଯାହାଦ୍ୱାରା AIର କୌଣସି ଅପବ୍ୟବହାର ହେବ ନାହିଁ ।

> ଚାଷ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବ୍ୟବହାର ହେବ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ

# ବିଭିନ୍ନ ସରକାରୀ ସଂସ୍ଥାରୁ ସବୁ ରାଜନୈତିକ ନିଯୁକ୍ତି ରଦ୍ଦ !

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ରାଜ୍ୟରେ ପ୍ରଶାସନିକ ସ୍ୱଚ୍ଛତା ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଏକ ବଡ଼ ନିଷ୍ପତ୍ତି କ୍ରମରେ ପୂର୍ବ ସରକାର ସମୟରେ ହୋଇଥିବା ସମସ୍ତ ରାଜନୈତିକ ନିଯୁକ୍ତିକୁ ରଦ୍ଦ କରିଛନ୍ତି । ବିଶେଷ କରି ରାଜ୍ୟର ବିଭିନ୍ନ ସହରାଞ୍ଚଳ ବିକାଶ ସଂସ୍ଥା ଏବଂ ଅନ୍ୟାନ୍ୟ ସରକାରୀ ନିଗମରେ ଥଇଥାନ କରାଯାଇଥିବା ଅଣ-ସରକାରୀ ବ୍ୟକ୍ତିମାନଙ୍କୁ ସେମାନଙ୍କ ପଦବୀରୁ ହଟାଇ ଦିଆଯାଇଛି । ଭୁବନେଶ୍ୱର (ବିଡିଏ), କଟକ (ସିଡିଏ), ବ୍ରହ୍ମପୁର (ବିଇଡିଏ), ସମ୍ବଲପୁର (ଏସ୍‌ଡିଏ), ପୁରୀ-କୋଣାର୍କ (ପିକେଡିଏ) ଏବଂ ରାଉରକେଲା (ଆର୍‌ଡିଏ) ଭଳି ପ୍ରମୁଖ ସହରାଞ୍ଚଳ ବିକାଶ ସଂସ୍ଥାରେ ଅଧ୍ୟକ୍ଷ ପଦରେ ଥିବା ରାଜନୈତିକ ବ୍ୟକ୍ତିମାନଙ୍କ ନିଯୁକ୍ତିକୁ ତୁରନ୍ତ ପ୍ରଭାବରୁ ରଦ୍ଦ କରାଯାଇଛି । ଏହି ସବୁ ସଂସ୍ଥାର ଚେୟାରମ୍ୟାନ୍ ପଦବୀ ଏବେ ସଂପୃକ୍ତ ବିଭାଗର ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ । କୋଟି କୋଟି ଟଙ୍କାର ରାଜସ୍ୱ ସଞ୍ଚୟ ପୂର୍ବରୁ ଏହି ପଦବୀଗୁଡ଼ିକରେ ଥଇଥାନ ହୋଇଥିବା ନେତାମାନଙ୍କ ଗାଡ଼ି, ବାସଭବନ, ଅଫିସ ଏବଂ ଅନ୍ୟାନ୍ୟ ଭତ୍ତା ବାବଦରେ ରାଜ୍ୟ ସରକାରଙ୍କ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିଲା, ତାହା ଏବେ ବନ୍ଦ ହେବ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସ୍ୱଚ୍ଛତା ଆଣିବା ଏବଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଉଚ୍ଚପଦସ୍ଥ ଆଇଏଏସ ଏବଂ ଓଏଏସ ଅଫିସରମାନଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି । କେତେକ ଜିଲ୍ଲାର ଜିଲ୍ଲାପାଳ ଓ ମ୍ୟୁନିସିପାଲ୍ କମିଶନରଙ୍କୁ ମଧ୍ୟ ବଦଳି କରାଯାଇଛି, ଯେଉଁଥିରେ ସ୍ଥାନୀୟ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି । ଶାସକ ବିଜେପି ଦଳ ଏହି ସଂସ୍କାରକୁ ସ୍ୱାଗତ କରି କହିଛି ଯେ ପୂର୍ବ ବିଜେଡି ସରକାର ନିଜ ଦଳୀୟ ନେତାଙ୍କୁ ସରକାରୀ ଅର୍ଥରେ ସନ୍ତୁଷ୍ଟ କରିବା ପାଇଁ ଏହି ସବୁ ସଂସ୍ଥାରେ ଅଧ୍ୟକ୍ଷ କରି ରଖିଥିଲେ, ଯାହା ଶାସନକୁ ଦୁର୍ବଳ କରୁଥିଲା । ଏହି ନିଷ୍ପତ୍ତି ଦ୍ୱାରା ପ୍ରଶାସନିକ ବ୍ୟବସ୍ଥା ଅଧିକ ଲୋକାଭିମୁଖୀ ହେବ । ବିରୋଧୀ ବିଜେଡି ଏହାକୁ ଏକ 'ରାଜନୈତିକ ଆକ୍ରୋଶମୂଳକ' ପଦକ୍ଷେପ ବୋଲି ଦର୍ଶାଇଛି ।

# ଜମି ଜାଲିଆତି ମାମଲାରେ କୋମନା ତହସିଲଦାର ଓ ଏଆରଆଇ ନିଲମ୍ବିତ

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ଓଡ଼ିଶା ସରକାରଙ୍କ ଦ୍ୱାରା ଜମି ଜାଲିଆତି ଓ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗରେ ନୂଆପଡ଼ା ଜିଲ୍ଲା କୋମନା ତହସିଲଦାର (ତଥା ସବ୍-ରେଜିଷ୍ଟ୍ରାର୍) ସର୍ବେଶ୍ୱର ଜାଲ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ ରମାନାଥ ମିଶ୍ରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ଜଣେ ଚାଷୀଙ୍କ ସହମତି ବିନା ତାଙ୍କ ଜମିକୁ ଜାଲିଆତି କରି ବିକ୍ରି ଏବଂ ରେଜିଷ୍ଟ୍ରେସନ କରାଯାଇଥିବା ଅଭିଯୋଗ ପରେ ସରକାର ଏହି କଠୋର ଆକ୍ସନ ନେଇଛନ୍ତି । କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ମୌଜାରେ ଥିବା ପ୍ରାୟ ୪.୪୦ ଏକର ରେକର୍ଡଭୁକ୍ତ ଜମିକୁ ଭ୍ରାମକ ଓ ଜାଲ୍ ଦଲିଲ୍ ମାଧ୍ୟମରେ ହେରଫେର କରାଯାଇଥିଲା । ଏହି ବେଆଇନ କାରବାରଟି ପ୍ରାୟ ୬୮ ଲକ୍ଷ ଟଙ୍କାର ଥିବା ଜଣାପଡ଼ିଛି । ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତଙ୍କ ନେତୃତ୍ୱରେ ଏକ ବିସ୍ତୃତ ତଦନ୍ତ କରାଯାଇଥିଲା । ADMଙ୍କ ରିପୋର୍ଟରେ ତହସିଲଦାର ଏବଂ ଏଆର୍ଆଇଙ୍କ ପକ୍ଷରୁ ଚରମ ଅବହେଳା ଓ କର୍ତ୍ତବ୍ୟରେ ତ୍ରୁଟି ଦର୍ଶାଯାଇଥିଲା । ନିଲମ୍ବନ ସମୟରେ ତହସିଲଦାର ସର୍ବେଶ୍ୱର ଜାଲଙ୍କ ମୁଖ୍ୟାଳୟକୁ ସମ୍ବଲପୁରସ୍ଥିତ ଆରଡିସି କାର୍ଯ୍ୟାଳୟକୁ ବଦଳି କରାଯାଇଛି ।

# ବଙ୍ଗୋପସାଗରରେ ବୁଡ଼ିଲା ମାଲବାହୀ ଜାହାଜ



> ୨ ଉଦ୍ଧାର, ୨୨ ଜଣ କ୍ରୁ ସଦସ୍ୟ ଏବେ ବି ନିଖୋଜ

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ବଙ୍ଗୋପସାଗରରେ ପାନାମା ପତାକାଧାରୀ ମାଲବାହୀ ଜାହାଜ 'ଏମଭି ଓସେନ ୱିନର' ବୁଡ଼ିଯିବା ଘଟଣା ଥଓଡ଼ିଶା ଉପକୂଳରେ ଏକ ବଡ଼ ସାମୁଦ୍ରିକ ବିପର୍ଯ୍ୟୟ ସୃଷ୍ଟି କରିଛି । ପାରାଦୀପ ଉପକୂଳରୁ ପ୍ରାୟ ୨୪୦ ନଟିକାଲ ମାଇଲ (୪୪୪ କିଲୋମିଟର) ଦୂର ସମୁଦ୍ର ମଝିରେ ଏହି ଦୁର୍ଘଟଣା ଘଟିଛି । ଜାହାଜଟି ଗତ ଅଗଷ୍ଟ ୨୦ ତାରିଖ ରାତିରେ ଓଡ଼ିଶାର ପାରାଦୀପ ବନ୍ଦରରୁ ପ୍ରାୟ ୭୨,୧୦୦ ମେଟ୍ରିକ ଟନ ଲୁହାପଥର ଧରି ସିଙ୍ଗାପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଜାହାଜରେ ମୋଟ ୨୪ ଜଣ କ୍ରୁ ସଦସ୍ୟ ଥିଲେ । ସେମାନଙ୍କ ମଧ୍ୟରେ ୨୦ ଜଣ ଚୀନ, ୩ ଜଣ ମ୍ୟାନ୍‌ମାର ଏବଂ ଜଣେ ବାଂଲାଦେଶର ନାଗରିକ ସାମିଲ ଅଛନ୍ତି । ଅଗଷ୍ଟ ୨୧ ତାରିଖ ଅପରାହ୍ନରେ ଜାହାଜରୁ ଏକ ଜରୁରୀକାଳୀନ ସଙ୍କେତ ଆସିବା ପରେ ହଠାତ ଏହାର ସିଗନାଲ୍ ଟ୍ରାକିଂ ସିଷ୍ଟମରୁ ଗାୟବ ହୋଇଯାଇଥିଲା । ଲୁହାପଥର ପାଣି ଅବଶୋଷଣ କରି ତରଳ ହୋଇଯିବା ଯୋଗୁଁ ଜାହାଜଟି ମାତ୍ର ୮ ମିନିଟ୍ ମଧ୍ୟରେ ସମୁଦ୍ରରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି । ଭାରତୀୟ ନୌସେନାର ପାଟ୍ରୋଲିଂ ବିମାନ ସହାୟତାରେ ସମୁଦ୍ରରେ ଭାସୁଥିବା ଲାଇଫ୍‌ରାଫ୍ଟରୁ ୨ ଜଣ ଚୀନ ନାଗରିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି । ଏକ ବାଣିଜ୍ୟିକ ଜାହାଜ 'ଏମଟି ଆଇସୋପୋସ' ସେମାନଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲା । ଜାହାଜର ଅବଶିଷ୍ଟ ୨୨ ଜଣ କ୍ରୁ ସଦସ୍ୟ ଏବେ ସୁଦ୍ଧା ନିଖୋଜ ଅଛନ୍ତି । ସମୁଦ୍ର ମଝିରେ ଏକ ଖାଲି ଲାଇଫ୍‌ବୋଟ୍ ଏବଂ ଜରୁରୀକାଳୀନ ବୀକନ୍ ମିଳିଛି, ମାତ୍ର ସେଥିରେ କେହି ନଥିଲେ । ଭାରତୀୟ କୋଷ୍ଟଗାର୍ଡର ପ୍ରମୁଖ ଜାହାଜ ସମେତ ଭାରତୀୟ ନୌସେନାର ଅତ୍ୟାଧୁନିକ ଅଟା୮ଓ ସାମୁଦ୍ରିକ ସର୍ଭେଲାନ୍ସ ବିମାନ ସମୁଦ୍ରରେ ବ୍ୟାପକ ସର୍ଚ୍ଚ ଅପରେସନ ଚଳାଇଛନ୍ତି । ଚୀନ ମଧ୍ୟ ଏହି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି । ସମୁଦ୍ରର ସେହି ଅଞ୍ଚଳରେ ପାଣି ଅତ୍ୟନ୍ତ ଗଭୀର (ପ୍ରାୟ ୪.୫ କିଲୋମିଟର ଗଭୀର) ହୋଇଥିବାରୁ ଏବଂ ସାମ୍ପ୍ରତିକ ଲଘୁଚାପ ଯୋଗୁଁ ଅଶାନ୍ତ ସମୁଦ୍ର ଓ ଖରାପ ପାଣିପାଗ ଉଦ୍ଧାର କାର୍ଯ୍ୟକୁ ଅଧିକ ଜଟିଳ କରିଦେଇଛି । ସମୟ ବିତିବା ସହ ନିଖୋଜ ସଦସ୍ୟମାନେ ଜୀବିତ ଥିବା ଆଶା ଧୀରେ ଧୀରେ କମିବାରେ ଲାଗିଛି ।

# ଓଡ଼ିଶା ଖଣି ଅଧିକାରକୁ ନେଇ ମୁହାଁମୁହିଁ ଶାସକ-ବିରୋଧୀ

## "ବର୍ଷକୁ ହେବ ୧୨ ହଜାର କୋଟିର କ୍ଷତି" କହିଲା କଂଗ୍ରେସ; ଭ୍ରମ ସୃଷ୍ଟି ନକରିବାକୁ କହିଲା ବିଜେପି



- କଂଗ୍ରେସ ଓ 'ଇଣ୍ଡିଆ' ମେଣ୍ଟର ମେଗା ପ୍ରତିବାଦ
- ଖୋର୍ଦ୍ଧାରେ ମଶାଲ ଶୋଭାଯାତ୍ରା ଓ ଭୁବନେଶ୍ୱରରେ ବିଶାଳ ରାଲି
- ବିଲ୍ ପ୍ରତ୍ୟାହାର ନହେଲେ 'ଓଡ଼ିଶା ବନ୍ଦ' ଚେତାବନୀ

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ 'ଖଣି ଓ ଖଣିଜ ସଂଶୋଧନ ବିଲକୁ ନେଇ ଓଡ଼ିଶାରେ ରାଜନୈତିକ ବାତାବରଣ ସରଗରମ ରହିଛି । ଏହି କ୍ରମରେ ଗତକାଲି (୨୫ ଅଗଷ୍ଟ ୨୦୨୬) କଂଗ୍ରେସ ଏବଂ 'ଇଣ୍ଡିଆ' ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ସାରା ରାଜ୍ୟରେ 'ରାଜ୍ୟସ୍ତରୀୟ ପ୍ରତିବାଦ ଦିବସ' ପାଳନ କରାଯାଇଛି । ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଏକ ବିଶାଳ ରାଲି କରାଯିବା ସହ ଖୋର୍ଦ୍ଧାରେ କଂଗ୍ରେସ ପକ୍ଷରୁ ଏକ ଥମଶାଲ ଶୋଭାଯାତ୍ରା ମଧ୍ୟ କଢ଼ାଯାଇଛି । କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ ଏବଂ ସନ୍ତୋଷ ସିଂ ସାଲୁଜାଙ୍କ କହିବା ଅନୁସାରେ, ଏହି ନୂଆ ଆଇନ ଦ୍ୱାରା ରାଜ୍ୟ ସରକାର ଖଣି ମାଲିକମାନଙ୍କ ଉପରେ ଅତିରିକ୍ତ ଟ୍ୟାକ୍ସ ବା ଲେଭି ଲଗାଇପାରିବେ ନାହିଁ । ଏହାଦ୍ୱାରା ଓଡ଼ିଶା ପ୍ରତିବର୍ଷ ପ୍ରାୟ ୧୦,୦୦୦ ରୁ ୧୨,୦୨୦୦ କୋଟି ଟଙ୍କାର ରାଜସ୍ୱ ହରାଇବ । କଂଗ୍ରେସ ଦର୍ଶାଇଛି ଯେ ଏହି ବିଲ୍ ସଂଘୀୟ ବ୍ୟବସ୍ଥା ଏବଂ ଖଣି ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ । କେନ୍ଦ୍ର ସରକାର 'ଓଡ଼ିଆ ଅସ୍ମିତା' ନାଁରେ ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଉପରେ କର୍ତ୍ତୃତ୍ୱ ଜାହିର କରିବାକୁ ଚେଷ୍ଟା କରୁଛନ୍ତି । କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କଦମଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଏହି ବିଲ୍ ଉପରେ ଆଲୋଚନା ପାଇଁ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକିବାକୁ ଦାବି କରାଯାଇଥିଲା, ଯାହାକୁ ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି । କଂଗ୍ରେସ ଏବଂ 'ଇଣ୍ଡିଆ' ମେଣ୍ଟ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ ଯଦି କେନ୍ଦ୍ର ସରକାର ଏହି ବିଲ୍ ପ୍ରତ୍ୟାହାର ନକରନ୍ତି, ତେବେ ଆନ୍ଦୋଳନ ଆହୁରି ତେଜିବ । ସେପ୍ଟେମ୍ବର ୯ରେ ଏକ ବୃହତ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଆଗାମୀ ଦିନରେ ବିଜେପି ସାଂସଦମାନଙ୍କ ବାସଭବନ ଘେରାଉ ସହ ଅର୍ଥନୈତିକ ଅବରୋଧ ଏବଂ ଓଡ଼ିଶା ବନ୍ଦ ଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧୀଙ୍କ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭ୍ରମାତ୍ମକ ବୋଲି କୁହାଯାଇଛି । ସେମାନଙ୍କ କହିବା ଅନୁସାରେ, ଏହି ବିଲ୍ ଦ୍ୱାରା ଡ଼ିଶାର ଖଣି ରାଜସ୍ୱ କମିବ ନାହିଁ, ବରଂ ନିଲାମ ପ୍ରିମିୟମ, ରୟାଲଟି ଏବଂ ଡିଏମଏଫ (ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ) ର ୧୦୦% ଅର୍ଥ ରାଜ୍ୟ ସରକାରଙ୍କ ପାଖକୁ ହିଁ ଆସିବ ।

# ରୂପାନ୍ତରିତ ହେବ ବିଶ୍ୱପ୍ରସିଦ୍ଧ ମହିମା ଗାଦି



- ଯୋରନ୍ଦା ଗାଦି ପାଇଁ ମାଝୀ ସରକାରଙ୍କ ବଡ଼ ଘୋଷଣା
- ନିର୍ମାଣ ହେବ 'ଭବ୍ୟ ଶୂନ୍ୟ ମଣ୍ଡପ'
- ବଦଳିଯିବ ଯୋରନ୍ଦା ମହିମା ଗାଦିର ଚେହେରା
- କ୍ୟାବିନେଟ୍ ବୈଠକରେ ବଡ଼ ମୋହର

ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍): ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଇତିହାସରେ ଢେଙ୍କାନାଳର ଯୋରନ୍ଦା ମହିମା ଗାଦି ଏକ ସ୍ୱତନ୍ତ୍ର ପୀଠ । ଏହା ବିଶ୍ୱପ୍ରସିଦ୍ଧ 'ମହିମା ଧର୍ମ'ର ମୁଖ୍ୟ ପୀଠ ବା ପ୍ରାଣକେନ୍ଦ୍ର ଅଟେ । ସମ୍ପ୍ରତି ଓଡ଼ିଶା କ୍ୟାବିନେଟ୍ ଏହି ପୀଠର ରୂପାନ୍ତରଣ ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ୧୯ଶ ଶତାବ୍ଦୀରେ ମହିମା ଗୋସାଇଁଙ୍କ ଦ୍ୱାରା ଓଡ଼ିଶାରେ ମହିମା ଧର୍ମ (ବା ଅଲେଖ ଧର୍ମ)ର ପ୍ରସାର ହୋଇଥିଲା । ଏହି ଧର୍ମ ଶୂନ୍ୟ ବ୍ରହ୍ମଙ୍କ ଉପାସନା ଉପରେ ଆଧାରିତ । ଯୋରନ୍ଦା ହେଉଛି ମହିମା ଗୋସାଇଁଙ୍କ ମହାସମାଧି ପୀଠ । ଏଠାରେ ସନ୍ନ୍ୟାସୀମାନେ କଠୋର ନିୟମ ପାଳନ କରି ନିରାକାର ପ୍ରଭୁଙ୍କ ଆରାଧନା କରନ୍ତି । ଯୋରନ୍ଦା ପୀଠ ପରିସରରେ ଶୂନ୍ୟ ମନ୍ଦିର, ଧୂନି ମନ୍ଦିର, ଏବଂ ଗାଦି ମନ୍ଦିର ରହିଛି, ଯେଉଁଠାରେ ପ୍ରତିଦିନ ପବିତ୍ର ଅଗ୍ନି (ଧୂନି) ପ୍ରଜ୍ୱଳିତ ହୋଇ ରହେ । ପ୍ରତିବର୍ଷ ମାଘ ମାସ ପୂର୍ଣ୍ଣିମା ତିଥିରେ ଏଠାରେ ଏକ ବୃହତ ମେଳା ଅନୁଷ୍ଠିତ ହୁଏ । ଏହି ଅବସରରେ ମହିମା ଗାଦିରେ ବଡ଼ ବଡ଼ ସୁଉଚ୍ଚ ଖଡ଼ ଦୀପ ପ୍ରଜ୍ୱଳିତ କରାଯାଏ, ଯାହାକୁ ଦର୍ଶନ କରିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ଓ ସାଧୁସନ୍ଥ ଏଠାକୁ ଆସନ୍ତି । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ସନ୍ଥ କବି ଭୀମ ଭୋଇଙ୍କ ଏହି ମହାନ ବାଣୀ ଅନୁସାରେ ଏଠାରେ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଏ । ରାଜ୍ୟ ସରକାର ଏହି ଆଧ୍ୟାତ୍ମିକ ପୀଠକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରିଛନ୍ତି । 'ଭବ୍ୟ ଶୂନ୍ୟ ମଣ୍ଡପ' ନିର୍ମାଣ: କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁସାରେ ଏଠାରେ ଏକ ଆଧୁନିକ ତଥା ଶାନ୍ତ ପରିବେଶ ବିଶିଷ୍ଟ 'ଶୂନ୍ୟ ମଣ୍ଡପ' ନିର୍ମାଣ କରାଯିବ । ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ବଡ଼ ଆକାରର ଭକ୍ତ ନିବାସ, ବିଶ୍ରାମାଗାର, ଏବଂ ପାନୀୟ ଜଳର ସୁବିଧା କରାଯାଉଛି । ସମଗ୍ର ପୀଠର ଚତୁଃପାର୍ଶ୍ୱକୁ ସବୁଜିମା, ଆଲୋକୀକରଣ ଏବଂ ଆଧ୍ୟାତ୍ମିକ ପରିବେଶ ଅନୁକୂଳ ପାଚେରୀ ଦ୍ୱାରା ସୁସଜ୍ଜିତ କରାଯାଉଛି, ଯାହାଫଳରେ ପର୍ଯ୍ୟଟକମାନେ ଏକ ଭିନ୍ନ ଅନୁଭୂତି ପାଇପାରିବେ ।




ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳିତ

## ଭାରତର ମହାକାଶ ସଫଳତା ଓ ବୈଜ୍ଞାନିକ ନବସୃଜନ ଉପରେ ଗୁରୁତ୍ୱାରୋପ




ନୀଳଗିରି, ୨୯/୦୮ (ଜେଏନ୍ଏସ୍) : ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ମହାକାଶ ଦିବସ-୨୦୨୬ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ଭାରତର ମହାକାଶ ଅନୁସନ୍ଧାନର ଉଲ୍ଲେଖନୀୟ ସଫଳତା ଏବଂ ବିକଶିତ ଭାରତ ରାଷ୍ଟ୍ର ଗଠନରେ ବୈଜ୍ଞାନିକ ନବସୃଜନର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ବୈଜ୍ଞାନିକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଭାରତର ମହାକାଶ କ୍ଷେତ୍ରର ସଫଳତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ବିକାଶ ଉପରେ ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରି ଗବେଷଣା, ଶିକ୍ଷା ଓ ନିରନ୍ତର ବିକାଶରେ ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନକାରୀ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଜିଜ୍ଞାସା ବୃଦ୍ଧି କରି ଭାରତକୁ ବିଶ୍ୱ ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବାରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମହାକାଶ ପ୍ରୟୋଗ କେନ୍ଦ୍ରର ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ପ୍ରମୋଦ କୁମାର ପରିଡ଼ା ଯୋଗଦେଇ, ଭାରତର ବିସ୍ତାରିତ ମହାକାଶ କାର୍ଯ୍ୟକ୍ରମ ସହ କୃଷି, ବିପର୍ଯ୍ୟୟ ପରିଚାଳନା, ପରିବେଶ ନିରୀକ୍ଷଣ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହାକାଶ ଗବେଷଣା ଓ ନବସୃଜନ କ୍ଷେତ୍ରରେ ଉପଲବ୍ଧ ସୁଯୋଗକୁ ସକ୍ରିୟ ଭାବେ ଗ୍ରହଣ କରିବାକୁ ସେ ଛାତ୍ର/ଛାତ୍ରୀଙ୍କୁ ପ୍ରେରିତ କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ରାଜୀବ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଜାତୀୟ ମହାକାଶ ଦିବସ ଉପଲକ୍ଷେ ଭାରତର ମହାକାଶ ଯାତ୍ରା ଅଗ୍ରଗତିର ପ୍ରେରଣାଦାୟକ ମୁହୂର୍ତ୍ତଗୁଡ଼ିକୁ ନେଇ ଏକ ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବିଭିନ୍ନ ବିଷୟର ସମନ୍ୱିତ ଗବେଷଣାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରି କହିଥିଲେ ଯେ, ମହାକାଶ ବିଜ୍ଞାନ ଶିକ୍ଷାଗତ ଉତ୍କର୍ଷ ଓ ପ୍ରଯୁକ୍ତିଗତ ଅଗ୍ରଗତି ପାଇଁ ନୂତନ ଦିଗ ଉନ୍ମୋଚନ କରୁଛି। ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ହିମାଂଶୁ ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବାୟୁମଣ୍ଡଳ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ବିବେକାନନ୍ଦ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ।

## ଡୁମୁଡୁମା ଆଶ୍ରୟ ଆଶ୍ରମରେ ଭରସା ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ରାଖୀ ପୂର୍ଣ୍ଣିମା ପାଳିତ



ଅସହାୟ ପିଲାଙ୍କ ମୁହଁରେ ଫୁଟିଲା ହସ

ଭୁବନେଶ୍ୱର, ୨୯/୦୮ (ଜେଏନ୍ଏସ୍) : ରାଜଧାନୀ ଭୁବନେଶ୍ୱରସ୍ଥିତ ଡୁମୁଡୁମା ଅଞ୍ଚଳରେ ଥିବା ଆଶ୍ରୟ ଆଶ୍ରମର ଅନ୍ତେବାସୀ ପିଲାମାନଙ୍କ ସହ ସ୍ନେହ, ଆଦର ଓ ଶ୍ରଦ୍ଧାର ସହ ରାଖୀ ପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି। 'ଭରସା ଫାଉଣ୍ଡେସନ୍ ଟ୍ରଷ୍ଟ'ର ଭଉଣୀମାନେ ଆଶ୍ରମର ପିଲାମାନଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କ ଦୀର୍ଘାୟୁ କାମନା କରିବା ସହ ଅସହାୟ ପିଲାମାନଙ୍କ ମୁହଁରେ ହସ ଫୁଟାଇଥିଲେ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭରସା ଫାଉଣ୍ଡେସନ୍ ଟ୍ରଷ୍ଟର ସଭାପତି ମୁକ୍ତିକାନ୍ତ ବାରିକ ଏବଂ ମହିଳା ସଭାପତି ହିରନ୍ ସାହୁ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ପଦ୍ମିନୀ ଜେନା, ମଧୁସ୍ମିତା ସାହୁ, କୁନି ସମାଜସେବୀ ଅନନ୍ତିନି ବାରିକ ଏବଂ କୁନିକିଆ ଅଙ୍କିତା ବାରିକ ପ୍ରମୁଖ ଉପସ୍ଥିତ ରହି ଏହି ସାମାଜିକ ସେବା ନିଶ୍ଚିତ ଭାବେ ଶ୍ରେଷ୍ଠ କାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ଟ୍ରଷ୍ଟର ସଦସ୍ୟମାନଙ୍କ ଏହି ନିସ୍ୱାର୍ଥ ସେବା ଓ ଭଲପାଇବା ଆଶ୍ରମର ଅନ୍ତେବାସୀଙ୍କ ମନରେ ଏକ ନୂତନ ଉତ୍ସାହ ଭରିଦେଇଛି। ଉପସ୍ଥିତ ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳତାପୂର୍ବକ ସାଙ୍ଗ ହୋଇଛି।

# ବୁର୍ଲାରେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ

## ମାଂସ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା, ମୁଖ୍ୟ ଅଭିଯୁକ୍ତ ଗିରଫ





ସମ୍ବଲପୁର, ୨୯/୦୮ (ଜେଏନ୍ଏସ୍):ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ କିର୍ବା ଛକ ନିକଟରେ ଶନିବାର ଦିନ ଦ୍ୱିପ୍ରହରରେ ଏକ ସେନ୍ସେସନାଲ ଗୁଳିକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ମାଂସ ବ୍ୟବସାୟୀଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ବୁର୍ଲା ଅଞ୍ଚଳର ଏମଡି ଅନିଶ (୩୬)। ପୋଲିସ ଘଟଣାର ମାତ୍ର କେଇ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି।ମିଳିଥିବା ସୂଚନା ମୁତାବକ, ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଅନିଶ କିର୍ବା ଛକ ନିକଟରେ ଥିବା ବେଳେ ହଠାତ୍ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଅଭିଯୁକ୍ତ ଜଣକ ଏକ ଦେଶୀ ପିସ୍ତଲରୁ ପ୍ରାୟ ୩ ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳିଗୁଡ଼ିକ ଅନିଶଙ୍କ ଶରୀରର ମର୍ମସ୍ଥଳରେ ବାଜିଥିବାରୁ ସେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଦିନ ଦ୍ୱିପ୍ରହରରେ ଏଭଳି ସାଂଘାତିକ କାଣ୍ଡ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆତଙ୍କ ଖେଳିଯାଇଥିଲା।ଘଟଣାର ଖବର ପାଇ ସମ୍ବଲପୁର ଅତିରିକ୍ତ ଏସପିଙ୍କ ସମେତ ବୁର୍ଲା ଥାନା ପୋଲିସ ତୁରନ୍ତ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ପୋଲିସର ତତ୍ପରତା ଯୋଗୁଁ ମୁଖ୍ୟ ଅଭିଯୁକ୍ତ ରାଜା ସାମଲ ଓରଫ୍ ରଜା ସ୍ୱାମୀକୁ ଗିରଫ କରାଯାଇଛି। ସେ ଝାରସୁଗୁଡ଼ା ମଙ୍ଗଳା ବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ତା' ନିକଟରୁ ହତ୍ୟାରେ ବ୍ୟବହୃତ ବନ୍ଧୁକକୁ ମଧ୍ୟ ପୋଲିସ ଜବତ କରିଛି।ପ୍ରାଥମିକ ତଦନ୍ତରୁ ଏହା କୌଣସି ଗ୍ୟାଙ୍ଗୱାର ବା ସାଧାରଣ ସୁରକ୍ଷା ଜନିତ ସମସ୍ୟା ନୁହେଁ, ବରଂ ଦୁଇ ଜଣଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବିବାଦ ଓ ପୂର୍ବ ଶତ୍ରୁତା ଯୋଗୁଁ ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ବର୍ତ୍ତମାନ ବୁର୍ଲା ପୋଲିସ ମାମଲା ରୁଜୁ କରି ଅଧିକ ସୂଚନା ଆଦାୟ ପାଇଁ ଅଭିଯୁକ୍ତକୁ ପଚରାଉଚରା ଚଳାଇଛି।

# ନୀଳଗିରି ମହିଳା କଲେଜରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ






ନୀଳଗିରି, ୨୯/୦୮ (ଜେଏନ୍ଏସ୍) : ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାପାଇଁ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧାରକରି ସରକାରଙ୍କ ନୂତନ ଶିକ୍ଷାନୀତିରେ ଯୋଡ଼ି ହୋଇଥିବା ଶକ୍ତିଶ୍ରୀ, ଆତ୍ମସୁରକ୍ଷା ଓ ଷ୍ଟାର୍ଟ ଅଫ କାର୍ଯ୍ୟକ୍ରମପରି ବିଭିନ୍ନ କାର୍ଯ୍ୟକ୍ରମର ସଚେତନତା ଶିବିର ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଫକୀରମୋହନ ମେଡିକାଲ କଲେଜର କୁଳସଚିବ ଦକ୍ଷ ପ୍ରଶାସିକା ଶ୍ରୀମତୀ ମନୋରମା ଭୂୟାଁ ଯୋଗଦେଇ ଆଜିର ଛାତ୍ରୀଙ୍କ ମାନସିକତାର ଲକ୍ଷଣକୁ ବର୍ଣ୍ଣନା କରିବାସହ ଉକ୍ତ ଯୋଜନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ମହିଳା କଲେଜର ଅଧକ୍ଷ ଶ୍ରୀଯୁକ୍ତ ସତ୍ୟରଞ୍ଜନ ମିଶ୍ର, ଶକ୍ତିଶ୍ରୀ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ଡ. ଶିବାନୀ ଡଗର, ଷ୍ଟାର୍ଟ ଅଫ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ମଣିମାଳା ବିଶ୍ୱାଳ ଓ ମୌସୁମୀ ଭୋଳ ଉପସ୍ଥିତ ରହି ନିଜନିଜ ମତ ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପକ ଡ. ହରିପଦ ଦାଶ ମଞ୍ଚକୁ ଅତିଥିଙ୍କୁ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧିକାଂଶ ଛାତ୍ରୀ ଯୋଗଦାନ କରିଥିଲେ ।

# ଡାକ୍ତରଙ୍କ ଭୁଲ ଇଞ୍ଜେକସନ ନେଲା ଜୀବନ

ନୂଆପଡ଼ା, ୨୯/୦୮ (ଜେଏନ୍ଏସ୍) : ନୂଆପଡ଼ା ସିଡିଏମ୍ଓଙ୍କ ଅଫିସ ସାମନାରେ ମୃତଦେହ ରଖି ପରିବାରର ଧାରଣା, ମାମଲା ରୁଜୁନୂଆପଡ଼ା, ୨୯ ଅଗଷ୍ଟ (ଜେଏନ୍ଏସ୍): ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ରୋଗୀଙ୍କୁ ଭୁଲ ଇଞ୍ଜେକସନ ଦିଆଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି। ଏହି ଘଟଣାକୁ କେନ୍ଦ୍ର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ କଂଗ୍ରେସ କର୍ମୀ ନ୍ୟାୟ ଦାବିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସାମନାରେ ମୃତଦେହ ରଖି ଗଣଧାରଣା ଦେଇଛନ୍ତି।ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲା ପଣ୍ଡରାପଥର ଗାଁର ତୁଳସୀ ମାଝୀଙ୍କ ସ୍ତ୍ରୀ ଲଛନ୍ତୀ ମାଝୀଙ୍କୁ ପ୍ରବଳ ଜ୍ୱର ହେବାରୁ ଗତ ୨୫ ତାରିଖ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଅଜୟ ପଣ୍ଡା ତାଙ୍କୁ ଏକ ଇଞ୍ଜେକସନ ଦେଇଥିଲେ। ଇଞ୍ଜେକସନ ଦେବାର ମାତ୍ର ୧୦ ମିନିଟ୍ ମଧ୍ୟରେ ମହିଳାଙ୍କ ପେଟ ଫୁଲିଯାଇଥିଲା ଏବଂ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମହିଳାଙ୍କ ଅବସ୍ଥା ଖରାପ ହେବା ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ରେଫର କରିବା ପାଇଁ ପରିବାର ଲୋକେ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ଡାକ୍ତର ତାହା ଶୁଣିନଥିବା ଅଭିଯୋଗ ହୋଇଛି।ଡାକ୍ତରଙ୍କ ଅବହେଳା ଓ ଭୁଲ ଇଞ୍ଜେକସନ ଯୋଗୁଁ ଜୀବନ ଯାଇଥିବା ଦର୍ଶାଇ ମୃତକଙ୍କ ପରିବାର ଏବଂ କଂଗ୍ରେସ ନେତା ହରିସିଂ ମାଝୀ, ଘାସିରାମ ମାଝୀ ଓ ଭାନୁପ୍ରତାପ ସିଂ ମାଝୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଆନ୍ଦୋଳନକାରୀମାନେ ଦୋଷୀ ଡାକ୍ତରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କାର ଦାବି କରି ଉପଜିଲ୍ଲାପାଳ ସୁର୍ମୀ ସୁରେନ ଓ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ଭାବେ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲେ ହେଁ ପରିବାର ଲୋକେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପରିସ୍ଥିତି ଜଟିଳ ହେବାରୁ ନୂଆପଡ଼ା ଥାନା ପୋଲିସ ବୁଝାସୁଝା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଡାକ୍ତର ଅଜୟ ପଣ୍ଡାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଡାକ୍ତରଙ୍କ ଅବହେଳା କିମ୍ବା ଭୁଲ ଇଞ୍ଜେକସନ ଯୋଗୁଁ ମୃତ୍ୟୁ ହୋଇଛି କି ନାହିଁ, ତାହା ନିରପେକ୍ଷ ତଦନ୍ତ ଓ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଜଣାପଡ଼ିବ।

# ରାଶିଫଳ

**ମେଷ :** ଏହି ସପ୍ତାହରେ କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିପାରେ। ଦୀର୍ଘଦିନ ଧରି ଅଟକିଥିବା କାମ ଆଗକୁ ବଢ଼ିବ। ଆର୍ଥିକ ଦିଗରେ ସୁଧାର ଆସିବାର ସମ୍ଭାବନା ରହିଛି।

**ବୃଷ :** ସପ୍ତାହଟି ଆପଣଙ୍କ ପାଇଁ ମୋଟାମୋଟି ଶୁଭ ରହିବ। କାମରେ ପରିଶ୍ରମର ଭଲ ଫଳ ମିଳିପାରେ। ପରିବାରରେ କୌଣସି ଶୁଭ ଖବର ଆସିବାର ସମ୍ଭାବନା ରହିଛି। ଧନ ଲାଭର ଯୋଗ ରହିଛି।

**ମିଥୁନ :** କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱ ବଢ଼ିପାରେ। ଧୈର୍ଯ୍ୟ ଓ ବୁଦ୍ଧିମତାର ସହିତ କାମ କଲେ ସଫଳତା ମିଳିବ। ସାଙ୍ଗସାଥୀ କିମ୍ବା ସହକର୍ମୀଙ୍କ ସହ ଭୁଲ ବୁଝାମଣାରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ପ୍ରତି ଟିକେ ଅଧିକ ଧ୍ୟାନ ଦେବା ଆବଶ୍ୟକ।

**କର୍କଟ :** ଏହି ସପ୍ତାହରେ ଆପଣଙ୍କ ଭାଗ୍ୟ ସାଥ ଦେଇପାରେ। ଅଟକିଥିବା କାମ ସମ୍ପୂର୍ଣ୍ଣ ହେବାର ଯୋଗ ରହିଛି। ଆର୍ଥିକ ଦିଗ ମଜବୁତ ହୋଇପାରେ ଏବଂ ନୂଆ ଆୟର ସୁଯୋଗ ମିଳିପାରେ।

**ସିଂହ :** କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ପ୍ରତିଭା ଓ ପରିଶ୍ରମ ପ୍ରଶଂସିତ ହେବ। ସମ୍ମାନ ଓ ସଫଳତା ମିଳିପାରେ। କୌଣସି ବଡ଼ ଦାୟିତ୍ୱ ମିଳିବାର ମଧ୍ୟ ଯୋଗ ରହିଛି।

**କନ୍ୟା :** ଏହି ସପ୍ତାହରେ ନୂଆ କାମ କିମ୍ବା ନୂଆ ଯୋଜନା ଆରମ୍ଭ କରିପାରନ୍ତି। ଯାତ୍ରାର ସୁଯୋଗ ମିଳିପାରେ ଏବଂ ଏହା ଲାଭଦାୟକ ହେବ। ଶିକ୍ଷାର୍ଥୀଙ୍କ ପାଇଁ ସମୟ ଭଲ ରହିବ।

**ତୁଳା :** ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ପୁରୁଣା ଦେଣାପାଉଣା ମାମଲାର ସମାଧାନ ହେବାର ସମ୍ଭାବନା ରହିଛି। ନୂଆ ପରିଚୟ ଭବିଷ୍ୟତରେ ଲାଭଦାୟକ ହୋଇପାରେ।

**ବିଛା :** ଏହି ସପ୍ତାହରେ ଟିକେ ଧୈର୍ଯ୍ୟ ଧରିବାକୁ ପଡ଼ିପାରେ। କାର୍ଯ୍ୟକ୍ଷେତ୍ରରେ କୌଣସି ବିଷୟକୁ ନେଇ ମତଭେଦ ଦେଖାଦେଇପାରେ। ତେଣୁ କ୍ରୋଧରେ କୌଣସି ନିଷ୍ପତ୍ତି ନନିଅନ୍ତୁ। ଆର୍ଥିକ ଦିଗରେ ସାବଧାନ ରହିଲେ ଲାଭ ମିଳିବ।

**ଧନୁ :** ନୂଆ କାମ ଓ ନୂଆ ଯୋଜନା ପାଇଁ ସପ୍ତାହଟି ଭଲ ରହିବ। ଦୂରସ୍ଥାନରୁ କୌଣସି ଶୁଭ ଖବର ମିଳିପାରେ। ଶିକ୍ଷାର୍ଥୀମାନେ ଭଲ ଫଳ ପାଇପାରନ୍ତି। ଆର୍ଥିକ ଲାଭର ସମ୍ଭାବନା ରହିଛି।

**ମକର :** ପରିଶ୍ରମ ଅନୁଯାୟୀ ଭଲ ଫଳ ପାଇବେ। କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଓ ସଫଳତାର ଯୋଗ ରହିଛି। ଅଟକିଥିବା ଟଙ୍କା ଫେରି ପାଇବାର ସମ୍ଭାବନା ରହିପାରେ।

**କୁମ୍ଭ :** ଏହି ସପ୍ତାହରେ ନୂଆ ଆଶା ଓ ନୂଆ ଶକ୍ତି ସହ କାମ କରିବେ। ଦୀର୍ଘଦିନରୁ ଅଟକିଥିବା କାମରେ ଅଗ୍ରଗତି ହେବ। ସାଙ୍ଗସାଥୀଙ୍କ ସହଯୋଗ ମିଳିବ।

**ମୀନ :** ପରିବାରିକ ଜୀବନ ଆନନ୍ଦମୟ ରହିବ। ପ୍ରେମ ଓ ସମ୍ପର୍କରେ ମଧୁରତା ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ନୂଆ ସଫଳତା ମିଳିପାରେ। ଅର୍ଥ ଖର୍ଚ୍ଚ ବଢ଼ିପାରେ, ତେଣୁ ବଜେଟ୍ ଅନୁସାରେ ଚାଲିବା ଭଲ। ଧାର୍ମିକ କିମ୍ବା ଶୁଭ କାର୍ଯ୍ୟରେ ମନ ଲାଗିପାରେ।

## ବନ୍ୟା ପରିସ୍ଥିତି ପାଇଁ ଉଚ୍ଚଶିକ୍ଷା ବିଭାଗର ନୂଆ ଟାଇମଲାଇନ ଜାରି

# ପିଜି ନାମଲେଖା ଅବଧି ବଢ଼ାଇଲେ ସରକାର




ଭୁବନେଶ୍ୱର,୨୯/୦୮ (ଜେଏନ୍ଏସ୍) : ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଛି। ବନ୍ୟା ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଅନେକ ଆଶାୟୀ ଛାତ୍ରଛାତ୍ରୀ ନିର୍ଦ୍ଧାରିତ ସମୟରେ ଆବେଦନ ଓ ରିପୋର୍ଟିଂ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ବିଚାରକୁ ନେଇ ବିଭାଗ ପକ୍ଷରୁ 'ସାମ୍ସ' ପେଜ୍-୧ ୱେଟିଂ ଲିଷ୍ଟ ଏବଂ ସ୍ପଟ୍ ନାମଲେଖା ପାଇଁ ଏକ ସଂଶୋଧିତ ସମୟସୀମା ପ୍ରକାଶ ପାଇଛି।ନୂତନ ସୂଚୀ ଅନୁଯାୟୀ, ଖାଲିଥିବା ସିଟ୍ ଆଧାରରେ ୱେଟିଂ ଲିଷ୍ଟ ଆବେଦନକାରୀଙ୍କ ନାମ ଗତକାଲି (ଅଗଷ୍ଟ ୨୮) ପ୍ରକାଶ ପାଇସାରିଛି। ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଅଗଷ୍ଟ ୨୯ (ଆଜି) ପୂର୍ବାହ୍ନ ୧୧ଟାରୁ ଅଗଷ୍ଟ ୩୧ ତାରିଖ ଅପରାହ୍ନ ୪ଟା ମଧ୍ୟରେ ସଂପୃକ୍ତ ଶିକ୍ଷାନୁଷ୍ଠାନରେ ପହଞ୍ଚି ନିଜର ଶାରୀରିକ ଉପସ୍ଥିତି ଦାଖଲ କରିପାରିବେ। ଏହାପରେ ଚୟନ ହୋଇଥିବା ପିଲାଙ୍କ ମେଧା ତାଲିକା ଆସନ୍ତା ସେପ୍ଟେମ୍ବର ୨ ତାରିଖ ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ଏହି ତାଲିକାରେ ଥିବା ପିଲାମାନେ ସେପ୍ଟେମ୍ବର ୩ ତାରିଖ ପୂର୍ବାହ୍ନ ୧୦ଟାରୁ ସେପ୍ଟେମ୍ବର ୫ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନଲାଇନ୍ ଫିସ୍ ଦାଖଲ ସହ ନିଜର ଚୂଡ଼ାନ୍ତ ନାମଲେଖା ପ୍ରକ୍ରିୟା ଶେଷ କରିପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନେପାଳରେ ବନ୍ୟା...

ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୫୮୦ରୁ ଅଧିକ ହୋଇଥିବା ବେଳେ ୨,୪୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଶତାଧିକ ଭାରତୀୟ ତୀର୍ଥଯାତ୍ରୀ ଏବଂ ବିଦେଶୀ ପର୍ଯ୍ୟଟକ ସାମିଲ ଅଛନ୍ତି। ବୈଜ୍ଞାନିକ ତଥ୍ୟ ଅନୁସାରେ, ଏକ ବଡ଼ ଗ୍ଲେସିୟର (ବରଫ ଖଣ୍ଡ) ତରଳିବା ଏବଂ ଭୁଶୁଡ଼ିବା ଯୋଗୁଁ ପାହିଆ ମାଟି ଓ ପଥର ସହ ପ୍ରଳୟଙ୍କାରୀ ଜଳ ପ୍ରବାହ ସୃଷ୍ଟି ହୋଇଛି, ଯାହା ଅନେକ ସହରକୁ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦେଇଛି। ଓଡ଼ିଶା ସରକାର ଏବଂ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟ ନିଖୋଜ ଓଡ଼ିଆମାନଙ୍କୁ ଠାବ କରିବା ସହ ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନେପାଳ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି।

## ହେଲମେଟ୍ ନଥିଲେ ଗାଡ଼ି...

ସେମାନଙ୍କ ଗାଡ଼ି ଜବତ କରିବା ସହ ଲାଇସେନ୍ସ ସସପେଣ୍ଡ କରାଯାଉଛି। ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀଙ୍କ ଉପରେ ସ୍ୱେଶାଲ୍ ଡ୍ରାଇଭ୍ ଚାଲିଛି। ନାବାଳକ ଗାଡ଼ି ଚଲାଇଲେ ସିଧାସଳଖ ଅଭିଭାବକଙ୍କ ଉପରେ ମୋଟା ଅଙ୍କର ଜରିମାନା କରାଯାଉଛି। ବିପଦଜନକ ଭାବେ ଓଲଟା ରାସ୍ତାରେ ଆସୁଥିବା ଏବଂ ଦ୍ରୁତ ଗତିରେ ଗାଡ଼ି ଚଲାଉଥିବା ଲୋକଙ୍କ ଉପରେ ସିସିଟିଭି ମାଧ୍ୟମରେ ମଧ୍ୟ ଇ-ଚାଲାଣ କଟାଯାଉଛି। ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର ଇନସ୍ୟୁରାନ୍ସ, ଏବଂ ପ୍ରଦୂଷଣ ପ୍ରମାଣପତ୍ର ଅନ୍ଲାଇନ୍ରେ ସ୍କାନ କରାଯାଉଛି।

## ଓଡ଼ିଶା ଆଡ଼କୁ ମାଡ଼ି...

ବର୍ଷା (୭ରୁ ୧୧ ସେମି) ଏବଂ ଘଡ଼ଘଡ଼ି ପାଇଁ ୧୨ଟି ଜିଲ୍ଲା ତଥା ବାଲେଶ୍ୱର, ଭଦ୍ରକ, ଯାଜପୁର, ନୟାଗଡ଼, ଗଜପତି, ଢେଙ୍କାନାଳ,ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ପୁରୀ, ବୌଦ୍ଧ ଓ କନ୍ଧମାଳକୁ ସତର୍କ କରାଯାଇଛି । ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶାରେ ଘଣ୍ଟାପ୍ରତି ୪୫ରୁ ୫୫ କିମି ବେଗରେ ପବନ ବହିପାରେ। ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ତଳିଆ ଚାଷ ଜମିରେ ପାଣି ଜମିବା ଆଶଙ୍କା ଥିବାରୁ ପନିପରିବା ଚାଷୀମାନଙ୍କୁ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ କୁହାଯାଇଛି।

## ମହଙ୍ଗା ହେଲା ସିଏନ୍ଜି...

ବଜାରରେ ଏଲଏନଜିର ଆମଦାନୀ ଖର୍ଚ୍ଚ ଏବଂ ଗ୍ୟାସ ସପ୍ଲାଏ ଉପରେ ବହୁତ ବଡ଼ ପ୍ରଭାବ ପଡ଼ିଛି। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଏବଂ ଗ୍ରାହକମାନଙ୍କର ଉଚ୍ଚ ଚାହିଦା ଯୋଗୁଁ ଆମଦାନୀ ହେଉଥିବା ଗ୍ୟାସର ଇନପୁଟ୍ ମୂଲ୍ୟ ଅଧିକ ହୋଇଛି, ଯାହା ପାଇଁ କମ୍ପାନୀ ଦର ବୃଦ୍ଧି କରିବାକୁ ବାଧ୍ୟ ହୋଇଛି। ଶୀତଦିନ ପୂର୍ବରୁ ୟୁରୋପୀୟ ଦେଶଗୁଡ଼ିକ ନିଜ ପାଇଁ ବହୁ ପରିମାଣରେ ପ୍ରାକୃତିକ ଗ୍ୟାସ ସଂରକ୍ଷିତ କରି ରଖୁଥିବାରୁ ବିଶ୍ୱ ବଜାରରେ ଏହାର ମୂଲ୍ୟ ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ସିଧାସଳଖ ଭାବେ ସିଏନ୍ଜି ଚାଳିତ କାର, ମେଟ୍ରୋ ସହରର ଅଟୋରିକ୍ସା, ଓଲା-ଉବେର ଭଳି କ୍ୟାବ୍ ଏବଂ ବେସରକାରୀ ଗାଡ଼ି ମାଲିକମାନଙ୍କ ପକେଟ ଉପରେ ବଡ଼ ପ୍ରଭାବ ପକାଇବ। ଏହା ସହିତ ସାମଗ୍ରୀ ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦାମ ମଧ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି। ତେବେ ଘରୋଇ ରୋଷେଇ ଗ୍ୟାସ ଦରରେ ବର୍ତ୍ତମାନ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହି ଦର ବୃଦ୍ଧି ପରେ ବର୍ତ୍ତମାନ କ୍ୟାବ୍ କିମ୍ବା ଅଟୋ ଭଡ଼ା ବୃଦ୍ଧି ହେବାର ଆଶଙ୍କା ବହୁତ ରହିଛି ।

## ଲୋୟର ପିଏମଜିରେ ଶିକ୍ଷକ...

କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗତ ଅଗଷ୍ଟ ୧୬ 'ଦାବି ଦିବସ'ଠାରୁ ଆନ୍ଦୋଳନ ଚାଲିଛି। ବିଭିନ୍ନ ପ୍ରତିକୂଳ ପାଣିପାଗ ଓ ବର୍ଷା ସତ୍ତ୍ୱେ ଶିକ୍ଷକମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଅନୁଦାନପ୍ରାପ୍ତ ସ୍କୁଲ-କଲେଜଗୁଡ଼ିକୁ ସରକାରୀକରଣ କରିବା, ପୁରୁଣା ପେନସନ ଯୋଜନା ଲାଗୁ କରିବା, ଏବଂ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା। ମିଳିତ ଶିକ୍ଷକ ସଂଘ ଏକ ବଡ଼ ଆନ୍ଦୋଳନ ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ଅନ୍ୟପଟେ, ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଗତ ପ୍ରାୟ ଏକ ସପ୍ତାହ ଧରି ଚାଲିଥିବା ଚାକିରି ଆଶାୟୀ ଶିକ୍ଷକଙ୍କ ଗଣ ଆନ୍ଦୋଳନ ଓ ଆମରଣ ଅନଶନକୁ ପ୍ରତ୍ୟାହାର କରିନିଆଯାଇଛି। ସରକାରୀ ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲରେ ଖାଲିଥିବା ପ୍ରାୟ ୭୩,୦୦୦ରୁ ଅଧିକ ଶିକ୍ଷକ ପଦବୀ ପୂରଣ ପାଇଁ ଆସନ୍ତା ୪ ମାସ ମଧ୍ୟରେ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ ପାଇବ ବୋଲି ସରକାରୀ ସ୍ତରରେ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆଶାୟୀମାନେ ନିଜର ଆନ୍ଦୋଳନ ବନ୍ଦ କରିଛନ୍ତି।

## ୨୨,୦୦୦ କୋଟି ବଦଳରେ...

ଅନୁଯାୟୀ, ଜଣେ ବ୍ୟକ୍ତିଗତ ଗ୍ୟାରେଣ୍ଟରଙ୍କ ଠାରୁ କେବଳ ସେତିକି ଟଙ୍କା ଆଦାୟ କରାଯାଇପାରିବ, ଯେତିକି ତାଙ୍କର ବ୍ୟକ୍ତିଗତ ନିଜସ୍ୱ ସମ୍ପତ୍ତି ଥିବ। ସରକାରୀ ରିଜୋଲ୍ୟୁସନ ପ୍ରୋଫେସନାଲ୍ ଯାଞ୍ଚ କରି ଦେଖିଲେ ଯେ ସୁଭାଷ ଚନ୍ଦ୍ରଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ ଏବଂ ସମ୍ପତ୍ତିର ମୋଟ ମୂଲ୍ୟ ମାତ୍ର ୬.୫ କୋଟି ଟଙ୍କା ଅଟେ। ଯଦି ବ୍ୟାଙ୍କ ଏହାକୁ ଗ୍ରହଣ ନକରି ତାଙ୍କୁ ସମ୍ପୂର୍ଣ୍ଣ ଦେବାଳିଆ ଘୋଷଣା କରିଥାନ୍ତା, ତେବେ ମାମଲା ବର୍ଷ ବର୍ଷ ଧରି ଚାଲିଥାନ୍ତା ଏବଂ ବ୍ୟାଙ୍କକୁ ଏହି ୬.୫ କୋଟି ଟଙ୍କା ବି ମିଳିନଥାନ୍ତା। ଏହି କାରଣରୁ ଆଇଡିବିଆଇ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏବଂ ଆକ୍ସିସ୍ ବ୍ୟାଙ୍କ ଭଳି ବଡ଼ ବ୍ୟାଙ୍କଗୁଡ଼ିକର କମିଟି ୮୦.୮୧% ଭୋଟ୍ ଦେଇ ଏହି ସେଟଲମେଣ୍ଟ ଯୋଜନାକୁ ମଞ୍ଜୁର କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ସୁଭାଷ ଚନ୍ଦ୍ର ନିଜ ପକ୍ଷ ରଖି ସ୍ପଷ୍ଟୀକରଣ ଦେଇ କହିଛନ୍ତି କି, ସେ "୪୩,୦୦୦ କୋଟି ଋଣ ସୁଝି ସାରିଛନ୍ତି । ୨୨,୦୦୦ କୋଟିର ଆକ୍ରାଣାତ୍ମକ ନ୍ୟୁଜ୍ ରିପୋର୍ଟିଂ ସମ୍ପୂର୍ଣ୍ଣ ଭ୍ରମାତ୍ମକ। ତାଙ୍କ ଏସେଲ ଗ୍ରୁପର ମୋଟ ଋଣ ପ୍ରାୟ ୪୫,୦୦୦ କୋଟି ଟଙ୍କା ଥିଲା। ସେଥିମଧ୍ୟରୁ ସେମାନେ ନିଜର ପ୍ରମୁଖ ବ୍ୟବସାୟ ଏବଂ ସମ୍ପତ୍ତି ବିକ୍ରି କରି ପ୍ରାୟ ୪୨,୦୦୦ ରୁ ୪୩,୦୦୦ କୋଟି ଟଙ୍କା ବ୍ୟାଙ୍କଗୁଡ଼ିକୁ ପୂର୍ବରୁ ଫେରସ୍ତ କରିସାରିଛନ୍ତି। କେବଳ କିଛି ବାକି ରହିଯାଇଥିବା ବିବାଦୀୟ ଗ୍ୟାରେଣ୍ଟି ରାଶି ପାଇଁ ବ୍ୟାଙ୍କଗୁଡ଼ିକ କୋର୍ଟ ଯାଇଥିଲେ, ଯାହାର ଆଇନଗତ ସମାଧାନ ଏବେ ହୋଇଛି।

ଏହି ସେଟଲମେଣ୍ଟ କେବଳ ସୁଭାଷ ଚନ୍ଦ୍ରଙ୍କୁ ବ୍ୟକ୍ତିଗତ ଭାବେ ମୁକ୍ତ କରିଛି। କିନ୍ତୁ ଋଣ ନେଇଥିବା ମୂଳ କମ୍ପାନୀଗୁଡ଼ିକ ଏବଂ ସେମାନଙ୍କର କର୍ପୋରେଟ୍ ସମ୍ପତ୍ତି ଉପରେ ବ୍ୟାଙ୍କଗୁଡ଼ିକର ଦାବି ଏବେ ବି ଜାରି ରହିବ। ବ୍ୟାଙ୍କଗୁଡ଼ିକ ସେହି ସମ୍ପତ୍ତିଗୁଡ଼ିକୁ ବିକ୍ରି କରି ବାକି ପ୍ରାୟ ୧,୪୯୪ କୋଟି ଟଙ୍କା ଆଦାୟ କରିବା ପାଇଁ ପ୍ରକ୍ରିୟା ଜାରି ରଖିଛନ୍ତି। ସଂକ୍ଷେପରେ, ଏହା କୌଣସି ସରକାରୀ "ଭିଆଇପି ଲୋନ୍ ଛାଡ଼" ଯୋଜନା ନୁହେଁ, ବରଂ ଭାରତର କୋର୍ଟ ଏବଂ ବ୍ୟାଙ୍କ ମଧ୍ୟରେ ଚାଲିଥିବା ଏକ ଜଟିଳ ଆଇନଗତ କର୍ପୋରେଟ୍ ଦେବାଳିଆ ପ୍ରକ୍ରିୟାର ଅଂଶ ଅଟେ।

## ଓଡ଼ିଶାକୁ ଋଣ ଯନ୍ତାକୁ...

ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ବିଗିଡ଼ିବା ନେଇ ଚିନ୍ତା ପ୍ରକଟ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସିପିଏମ୍ ନେତା ଜନ୍ମେଶ୍ୱର ସାମନ୍ତରାୟ, ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସିପିଆଇ (ଏମ୍-ଏଲ୍) ନେତା ମହେନ୍ଦ୍ର ପରିଡ଼ା, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ କେଦାର ମିଶ୍ର,ସମତା କ୍ରାନ୍ତିର ପ୍ରଭାସ ସାମନ୍ତରାୟ,ରାଜ୍ୟ ନେତା ହେମନ୍ତ କୁମାର,ଛାତ୍ରସଂଘ ନେତ୍ରୀ ସଂଘମିତ୍ରା ଜେନା ଓ କ୍ରାନ୍ତି ସେନାର ଆବାହକ ପାର୍ଥସାରଥୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରୁ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ମୃତ୍ୟୁରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।ଆଗାମୀ ଦିନରେ ଏହି ଆଇନ୍ ବିରୋଧରେ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ଏବଂ ପ୍ରତିବାଦ ଦିବସ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଏ ସପ୍ତାହର ପ୍ରମୁଖ ଖବର

✦ **ବିଜେପିର ପଞ୍ଚାୟତ ପ୍ଲାନ :** ଆଗାମୀ ନିର୍ବାଚନ ପାଇଁ ସ୍ଥାନୀୟ ଅଞ୍ଚଳରୁ ଶିକ୍ଷିତ ପ୍ରାର୍ଥୀ ଖୋଜିବାକୁ ବିଧାୟକ ଓ ସାଂସଦମାନଙ୍କୁ ଦାୟିତ୍ୱ ଦିଆଯାଇଛି।

✦ **ପିଜି ନାମଲେଖା ଅବଧି ବୃଦ୍ଧି :** ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍ନାତକୋତ୍ତର ନାମଲେଖା ସମୟସୀମାକୁ ସରକାର ପରିବର୍ତ୍ତନ କରିଛନ୍ତି।

✦ **ଉପମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ :** 'ସୁଭଦ୍ରା ଯୋଜନା' କାର୍ଯ୍ୟକାରୀ ହେବା ପୂର୍ବରୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି।

✦ **ବିଧାନସଭା ଅଧିବେଶନ :** ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ।

✦ **ଆଇଏଏସ ସ୍ତରୀୟ ବଦଳ :** ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନୂଆ ନିର୍ଦ୍ଦେଶକ ମିଳିଛନ୍ତି।

✦ **ଡିଜିଟାଲ କୃଷି ଚୁକ୍ତି :** ଚାଷୀଙ୍କ ଉନ୍ନତି ପାଇଁ ଓଡ଼ିଶା ସରକାର ୬ଟି ପ୍ରମୁଖ ସମଝୋତା ସ୍ୱାକ୍ଷର କରିଛନ୍ତି।

✦ **ପୁନର୍ବାସ ଅନୁଦାନ ବୃଦ୍ଧି :** ବିଭିନ୍ନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ପରିବାରଗୁଡ଼ିକ ପାଇଁ ସରକାର ସହାୟତା ରାଶି ବୃଦ୍ଧି କରିଛନ୍ତି।

✦ **ପୂର୍ବତନ ମନ୍ତ୍ରୀଙ୍କ ପୁଅ ଗିରଫ :** ରାଜ୍ୟସଭା ସାଂସଦ ଓ ଅନ୍ୟମାନଙ୍କୁ ଠକେଇ କରିବା ଅଭିଯୋଗରେ ଭୁବନେଶ୍ୱରରୁ ଗିରଫଦାରୀ।

✦ **ଏସସିବି ମେଡିକାଲରେ ଜାଲିଆତି :** ୧.୪୦ କୋଟି ଟଙ୍କାର ହେରଫେର ଅଭିଯୋଗରେ ଜଣେ ଡାଟା ଏଣ୍ଟ୍ରି ଅପରେଟର ଗିରଫ ହୋଇଛନ୍ତି।

✦ **ରାୟଗଡ଼ାରେ ଅଘଟଣ :** ଜଳପ୍ରପାତ ନିକଟରେ ସେଲଫି ନେବା ବେଳେ ଗୋଡ଼ ଖସିଯିବାରୁ ଜଣେ ଯୁବକ ନିଖୋଜ।

✦ **ଭଦ୍ରକରେ ହତ୍ୟାକାଣ୍ଡ :** ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ନିଜେ ଆତ୍ମହତ୍ୟା କରିଛି।

✦ **ସ୍କୁଲ ଛାତ୍ରୀ ଗର୍ଭବତୀ :** ଓଡ଼ିଶାର ଏକ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିବା ପରେ ଜଣେ ଯୁବକକୁ ଅଟକ ରଖାଯାଇଛି।

✦ **ଦିଲ୍ଲୀରୁ ଗୁପ୍ତଚର ଗିରଫ :** ପାକିସ୍ତାନୀ ସଂସ୍ଥା ଓଝଓ ସହ ସମ୍ପର୍କ ଅଭିଯୋଗରେ ଦିଲ୍ଲୀରୁ ଏକ ଦମ୍ପତି ଗିରଫ।

✦ **ଭେଜାଲ ପନିର ଜବତ :** କଟକରେ ଚଢ଼ାଉ କରାଯାଇ ୭ ହଜାର କେଜିରୁ ଅଧିକ ଅପମିଶ୍ରିତ ପନିର ଜବତ କରାଯାଇଛି।

✦ **କଟକରେ ବସ ଦୁର୍ଘଟଣା :** ଟୋଲ ଗେଟ୍ ଡିଭାଇଡରକୁ ଏକ ଏସି ସ୍ଲିପର ବସ ପିଟିବା ଫଳରେ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି।

✦ **ହାଇକୋର୍ଟଙ୍କ ସମନ :** ଟ୍ରାଫିକ ସମସ୍ୟାର ସମାଧାନ ପାଇଁ କଟକ ଜିଲ୍ଲାପାଳଙ୍କୁ ଓଡ଼ିଶା ହାଇକୋର୍ଟ ସମନ ଜାରି କରିଛନ୍ତି।

✦ **ବାଘୁଣୀ ଜିନତ :** ସିମିଳିପାଳରେ ଛଡ଼ାଯାଇଥିବା ବାଘୁଣୀ 'ଜିନତ' ସେଠାକାର ପରିବେଶ ସହ ଖାପଖୁଆଇବା ପରେ ତାର ରେଡିଓ କଲାର୍ ହଟାଯିବ।

✦ **ବାଲମି ଚୁକ୍ତି :** ଜଳ ସମ୍ପଦର ସଠିକ୍ ପରିଚାଳନା ପାଇଁ ଓଡ଼ିଶାରେ ୩ଟି ପ୍ରମୁଖ ଏମଓୟୁ ସ୍ୱାକ୍ଷର ହୋଇଛି।

## କଲମ୍ବୋ ଟେଷ୍ଟ ରୋମାଞ୍ଚକର ଡ୍ର

# ୧-୦ରେ ସିରିଜ୍ କବ୍ଜା କଲା ଭାରତ



କଲମ୍ବୋ, ୨୯/୦୮ (ଜେଏନ୍‌ଏସ୍):ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାକୁ ଭାରତୀୟ ଦଳ ୧-୦ ରେ ଜିତି ନେଇଛି। ଗାଲ୍‌ଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଜିତି ସିରିଜ୍‌ରେ ଆଗୁଆ ଥିବା ଟିମ୍ ଇଣ୍ଡିଆ ଦ୍ୱିତୀୟ ଟେଷ୍ଟରେ ମଧ୍ୟ ବିଜୟର ଖୁବ୍ ନିକଟତର ହୋଇଥିଲା। ମାତ୍ର ସିଂହଳୀ ସମ୍ରାଟ ସାଜି ପ୍ରାଚୀର ଭଳି ଛିଡ଼ା ହୋଇଥିବା ଶ୍ରୀଲଙ୍କାର ଯୁବ ବ୍ୟାଟ୍ସମ୍ୟାନ୍ ସୋନାଲ୍ ଦିନୁଶାଙ୍କ ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ପାଳି ବଳରେ ଘରୋଇ ଦଳ ମ୍ୟାଚ୍‌ଟିକୁ ରୋମାଞ୍ଚକର ଭାବେ ଡ୍ର କରିବାରେ ସଫଳ ହୋଇଛି। ପ୍ରଥମ ଇନିଂସରେ ୫୦୩ ରନ୍ କରି ପାଳି ଘୋଷଣା କରିଥିବା ଭାରତ, ଶ୍ରୀଲଙ୍କାକୁ ୨୯୦ ରନ୍‌ରେ ଅଲଆଉଟ୍ କରି ଫଲୋ-ଅନ୍ ଦେଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ୯ ୱିକେଟ୍ ବିନିମୟରେ ୪୯ ରନ୍ କରି ମ୍ୟାଚ୍ ବଞ୍ଚାଇବାରେ ସଫଳ ହୋଇଛି।ଦିନୁଶାଙ୍କ ମାରାଥନ୍ ପାଳି, ନିରାଶ ହେଲେ ଭାରତୀୟ ବୋଲରଟେଷ୍ଟର ପଞ୍ଚମ ତଥା ଅନ୍ତିମ ଦିନରେ ଭାରତକୁ ଜିତିବା ପାଇଁ ଶ୍ରୀଲଙ୍କାର ସମସ୍ତ ୱିକେଟ୍ ନେବାର ଆବଶ୍ୟକତା ଥିଲା। ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା ଏବଂ ମାନବ ସୁଥାର ଧାରୁଆ ବୋଲିଂ କରି ୩ଟି ଲେଖାଏଁ ୱିକେଟ୍ ନେଇ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ଶ୍ରୀଲଙ୍କାର ସୋନାଲ୍ ଦିନୁଶା ଭାରତର ବିଜୟ ଆଶାରେ ପାଣି ଚୋବାଇ ଦେଇଥିଲେ। ସେ ଏକ ଜବରଦସ୍ତ ମାରାଥନ୍ ପାଳି ଖେଳି ୧୩୩ ରନ୍ କରି ଅପରାଜିତ ରହିଥିଲେ। ଭାରତ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କଡ଼ା ସଂଘର୍ଷ କରିଥିଲେ ମଧ୍ୟ ବିଜୟ ପାଇଁ ଆବଶ୍ୟକ ଶେଷ ୱିକେଟ୍‌ଟି ହାସଲ କରିପାରି ନଥିଲା। ପ୍ରଥମ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଦେବଦତ୍ତ ପାଡିକ୍କଲ ଏହି ସିରିଜ୍‌ରେ ଭାରତ ପାଇଁ ସବୁଠାରୁ ବଡ଼ ହିରୋ ସାଜିଛନ୍ତି।ଡବ୍ଲ୍ୟୁଟିସି ତାଲିକାରେ ଭାରତକୁ ଝଟକା, ୫ମ ସ୍ଥାନକୁ ଖସିଲା ଦଳସିରିଜ୍ ବିଜୟ ସତ୍ତ୍ୱେ କଲମ୍ବୋ ଟେଷ୍ଟ ଡ୍ର ହେବା ଭାରତ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ଦୌଡ଼ରେ ବଡ଼ ପ୍ରତିବନ୍ଧକ ସାଜିଛି। ଏହି ମ୍ୟାଚ୍ ଡ୍ର ହେବା ଫଳରେ ଭାରତର ପଏଣ୍ଟ ପ୍ରତିଶତ (ପିସିଟି) ୫୩.୩୩% ରୁ ହ୍ରାସ ପାଇ ୫୧.୫୨% କୁ ଖସି ଆସିଛି। ଏହା ସହିତ ଭାରତୀୟ ଦଳ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନକୁ ଖସି ଯାଇଛି। ଫାଇନାଲ୍ ଖେଳିବା ପାଇଁ ଆଗାମୀ ସିରିଜ୍‌ଗୁଡ଼ିକରେ ଭାରତକୁ ବଡ଼ ବ୍ୟବଧାନରେ ମ୍ୟାଚ୍ ଜିତିବାକୁ ପଡ଼ିବ।

## ସେପ୍ଟେମ୍ବର ୧୮ ରେ ବିସିସିଆଇର ବାର୍ଷିକ ସାଧାରଣ ସଭା

ମୁମ୍ବାଇ, ୨୯/୦୮ (ଜେଏନ୍‌ଏସ୍) : ବିସିସିଆଇର ୯୫ତମ ବାର୍ଷିକ ସାଧାରଣ ସଭା ଆଗାମୀ ସେପ୍ଟେମ୍ବର ୧୮, ୨୦୨୬ ତାରିଖରେ ମୁମ୍ବାଇ ସ୍ଥିତ ବୋର୍ଡ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ବିସିସିଆଇ ସମ୍ପାଦକ ଦେବାଜିତ ସାଇକିଆ ସମସ୍ତ ସଦସ୍ୟ ସଂଗଠନଗୁଡ଼ିକୁ ଏହି ବୈଠକ ସମ୍ପର୍କରେ ଆନୁଷ୍ଠାନିକ ନୋଟିସ୍ ପଠାଇଛନ୍ତି। ଏହି ବର୍ଷର ବାର୍ଷିକ ସାଧାରଣ ସଭାରେ କେତେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ନିଷ୍ପତ୍ତି ନିଆଯିବ। ଆନ୍ତର୍ଜାତୀୟ କ୍ରିକେଟ୍ କାଉନସିଲରେ ଭାରତର ପରବର୍ତ୍ତୀ ପ୍ରତିନିଧି ଭାବେ କିଏ ଯୋଗଦେବେ, ସେ ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯିବ। ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ଦୁଇଟି ନିର୍ବାଚିତ ପଦବୀ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏହାସହିତ ଭାରତୀୟ କ୍ରିକେଟର ସଂଘର ଜଣେ ପ୍ରତିନିଧିଙ୍କୁ ମଧ୍ୟ ଏହି କାଉନସିଲରେ ସାମିଲ କରାଯିବ। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ କ୍ରିକେଟ୍ ଆସୋସିଏସନକୁ ବିସିସିଆଇର 'ସହଯୋଗୀ ସଦସ୍ୟତା' ପ୍ରଦାନ କରିବା ପ୍ରସ୍ତାବ ଉପରେ ମୋହର ବାଜିପାରେ। ଯଦି ଏହା ଗୃହୀତ ହୁଏ, ତେବେ ଏହି କେନ୍ଦ୍ରଶାସିତ ଅଞ୍ଚଳର ଦଳ ଭାରତର ଘରୋଇ କ୍ରିକେଟ୍ କ୍ୟାଲେଣ୍ଡରରେ ଭାଗ ନେଇପାରିବେ। ନୂତନ ଜୁନିୟର ଚୟନ କମିଟିର ସଦସ୍ୟଙ୍କ ନିଯୁକ୍ତିକୁ ଏହି ବୈଠକରେ ଅନୁମୋଦନ କରାଯିବ। ଏହାବ୍ୟତୀତ ବିସିସିଆଇ ଓମ୍ବୁଡ୍ସମ୍ୟାନ୍ ଏବଂ ଏଥିକ୍ସ ଅଫିସରଙ୍କ ନିଯୁକ୍ତି ପ୍ରସଙ୍ଗ ମଧ୍ୟ ଏଜେଣ୍ଡାରେ ରହିଛି। ଏହି ବୈଠକ ପାଇଁ ପ୍ରତିନିଧି ମନୋନୟନର ଶେଷ ତାରିଖ ଅଗଷ୍ଟ ୩୧ ଧାର୍ଯ୍ୟ କରାଯାଇଥିବା ବେଳେ ସେପ୍ଟେମ୍ବର ୧୧ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଭାରତୀୟ କ୍ରିକେଟ୍ ପ୍ରଶାସନରେ ଆଗାମୀ ବଡ଼ ପରିବର୍ତ୍ତନ ପାଇଁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାନେ କରାଯାଉଛି।

# ଡୋପିଂ ମାମଲାରେ ଛନ୍ଦି ହେଲେ ୟୁଏଇ କ୍ରିକେଟର ଆସିଫ୍ ଖାନ୍

**ଭୁଲ୍ ସ୍ୱୀକାର କଲେ ୩୬ ବର୍ଷୀୟ ଷ୍ଟାର୍ ବ୍ୟାଟ୍ସମ୍ୟାନ୍** | **୧୫ ମାସ ପାଇଁ ଲାଗିଲା ପ୍ରତିବନ୍ଧକ**



ୟୁଏଇ, ୨୯/୦୮ (ଜେଏନ୍‌ଏସ୍): ୟୁଏଇର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଆସିଫ୍ ଖାନ୍‌ଙ୍କ ଉପରେ ଆଇସିସି ୧୫ ମାସର ପ୍ରତିବନ୍ଧକ (ବ୍ୟାନ୍) ଲଗାଇଛି। ଆଣ୍ଟି-ଡୋପିଂ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆସିଫ୍ ମଧ୍ୟ ନିଜର ଏହି ଭୁଲ୍ ସ୍ୱୀକାର କରିଛନ୍ତି। ସେପ୍ଟେମ୍ବର ୨୦୨୫ ରେ ହୋଇଥିବା ଏକ 'ଆଉଟ୍-ଅଫ୍-କମ୍ପିଟିସନ' (ଖେଳ ବାହାରେ) ଡୋପ୍ ଟେଷ୍ଟ ସମୟରେ ଆସିଫ୍ ଖାନଙ୍କ ନମୁନାରେ ଏକ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍ 'ମେଷ୍ଟେରୋଲୋନ୍ ମେଟାବୋଲାଇଟ୍' ମିଳିଥିଲା। ଏହା ଆଇସିସି ଆଣ୍ଟି-ଡୋପିଂ କୋଡ୍‌ର ଅନୁଚ୍ଛେଦ ୨.୧ ର ସିଧାସଳଖ ଉଲ୍ଲଂଘନ ଅଟେ। ବିଶ୍ୱ ଆଣ୍ଟି-ଡୋପିଂ ଏଜେନ୍ସି ଏବଂ ଆଇସିସି ସହ ହୋଇଥିବା ବୁଝାମଣା ଅନୁଯାୟୀ ଆସିଫ୍ ଏହି ଦଣ୍ଡାଦେଶକୁ ଗ୍ରହଣ କରିଛନ୍ତି, ଯେଉଁଥିପାଇଁ ସେ ଏହା ବିରୋଧରେ ଆଉ ଅପିଲ୍ କରିପାରିବେ ନାହିଁ। ଆଇସିସି ପକ୍ଷରୁ ଏହି ବ୍ୟାନ୍ ଅବଧିକୁ ୮ ସେପ୍ଟେମ୍ବର ୨୦୨୫ ରୁ ପିଛାହୋଇ ଲାଗୁ କରାଯାଇଛି ଏବଂ ଏହା ୭ ଡିସେମ୍ବର ୨୦୨ଉକ୍ଟକ୍ଷକ୍ଟକ୍ଟଭରଭଗ୍ବଗ୍ବ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେ ଅକ୍ଟୋବର ୮, ୨୦୨୬ ରୁ ଦଳ ସହିତ ଅଭ୍ୟାସ କରିପାରିବେ, ମାତ୍ର ୮ ଡିସେମ୍ବର ୨୦୨୬ ପୂର୍ବରୁ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ୍ ମ୍ୟାଚ୍ ଖେଳିପାରିବେ ନାହିଁ। ୮ ସେପ୍ଟେମ୍ବର ୨୦୨୫ ରୁ ୨୯ ଡିସେମ୍ବର ୨୦୨୫ ମଧ୍ୟରେ ସେ ଖେଳିଥିବା ସମସ୍ତ ମ୍ୟାଚ୍‌ର ବ୍ୟକ୍ତିଗତ ସ୍କୋର ଓ ରେକର୍ଡକୁ ବାତିଲ୍ କରିଦିଆଯାଇଛି। ଏହି ସମୟ ମଧ୍ୟରେ ସେ ୨୦୨୫ ଟି-୨୦ ଏସିଆ କପ୍‌ରେ ଭାରତ, ପାକିସ୍ତାନ ଏବଂ ଓମାନ ବିପକ୍ଷରେ ଖେଳିଥିବା ୩ଟି ଯାକ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍‌ର ରେକର୍ଡ ତାଙ୍କ କ୍ୟାରିୟରରୁ ହଟାଇ ଦିଆଯିବ। ଏହି ସମୟ ମଧ୍ୟରେ ସେ ଜିତିଥିବା ସମସ୍ତ ପଦକ, ପଏଣ୍ଟ ଏବଂ ପୁରସ୍କାର ରାଶି ମଧ୍ୟ ଜବତ କରାଯିବ। ୩୬ ବର୍ଷୀୟ ପାକିସ୍ତାନ ଜନ୍ମିତ ଏହି ବ୍ୟାଟ୍ସମ୍ୟାନ୍ ୨୦୨୨ ରେ ୟୁଏଇ ପାଇଁ ଡେବ୍ୟୁ କରିବା ପରଠାରୁ ଏପର୍ଯ୍ୟନ୍ତ ୩୮ଟି ଓଡିଆଇ ଏବଂ ୫୬ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ଡୋପିଂ ମାମଲାରେ ଛନ୍ଦି ହେବା ତାଙ୍କ କ୍ରିକେଟ୍ କ୍ୟାରିୟର ପାଇଁ ଏକ ବଡ଼ ଝଟକା ସଦୃଶ।

# କୋଲକାତାରେ ବ୍ରାଜିଲ୍-ଉରୁଗୁଏ ସହ ଲଢ଼ିବ ଭାରତ

କୋଲକାତା, ୨୯/୦୮ (ଜେଏନ୍‌ଏସ୍) :ଭାରତୀୟ ପୁରୁଷ ଫୁଟବଲ୍ ପ୍ରେମୀଙ୍କ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍ (ଇଓରର୍) ପକ୍ଷରୁ ଭାରତୀୟ ସିନିୟର ଦଳର ଆଗାମୀ ଆନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ସମେତ ୨୦୨୬-୨୭ ବର୍ଷର ମେଗା ଘରୋଇ ଫୁଟବଲ୍ କ୍ୟାଲେଣ୍ଡର ଘୋଷଣା କରାଯାଇଛି। ଆଗାମୀ ସେପ୍ଟେମ୍ବର ଏବଂ ଅକ୍ଟୋବର ଫିଫା ୱିଣ୍ଡୋରେ ଭାରତୀୟ ଦଳ (ବ୍ଲୁ ଟାଇଗର୍ସ) ବିଶ୍ୱ ଫୁଟବଲ୍‌ର ଦୁଇ ଶକ୍ତିଶାଳୀ ଦଳ ବ୍ରାଜିଲ୍ ଏବଂ ଉରୁଗୁଏ ବିପକ୍ଷରେ ହାଇ-ପ୍ରୋଫାଇଲ୍ ମ୍ୟାଚ୍ ଖେଳିବ। ଏହି ଦୁଇଟି ଯାକ ମ୍ୟାଚ୍ ଫୁଟବଲ୍‌ର ଗଡ଼ କୁହାଯାଉଥିବା କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

**ପ୍ରକାଶ ପାଇଲା ବ୍ଲୁ ଟାଇଗର୍ସର ମେଗା କାର୍ଯ୍ୟସୂଚୀ**

| | |
|---|---|
| ଭାରତ ବନାମ ପାନାମା | : ୨ ସେପ୍ଟେମ୍ବର (ବେଙ୍ଗାଲୁରୁ) |
| ଭାରତ ବନାମ ବ୍ରାଜିଲ୍ | : ୦୩ ଅକ୍ଟୋବର (କୋଲକାତା) |
| ଭାରତ ବନାମ ଉରୁଗୁଏ | : ୦୬ ଅକ୍ଟୋବର (କୋଲକାତା) |
| ଭାରତ ବନାମ ନ୍ୟୁଜିଲ୍ୟାଣ୍ଡ | : ୧୨ ଓ ୧୫ ନଭେମ୍ବର (ନ୍ୟୁଜିଲ୍ୟାଣ୍ଡ ଗସ୍ତ) |

| | |
|---|---|
| ଇଣ୍ଡିଆନ୍ ସୁପର ଲିଗ୍ | : ୦୧ ସେପ୍ଟେମ୍ବର ୨୦୨୬ - ୧୧ ଅପ୍ରେଲ ୨୦୨୭ |
| ମହିଳା ଲିଗ୍ | : ୦୩ ସେପ୍ଟେମ୍ବର ୨୦୨୬ - ୨୪ ଜାନୁଆରୀ ୨୦୨୭ |
| ସନ୍ତୋଷ ଟ୍ରଫି | : ୧୯ ନଭେମ୍ବର ୨୦୨୬ - ୧୭ ଜାନୁଆରୀ ୨୦୨୭ |
| ଫେଡେରେସନ କପ୍ | : ୨୦ ଅପ୍ରେଲ ୨୦୨୭ - ୧୦ ମେ ୨୦୨୭ |

କାର୍ଯ୍ୟସୂଚୀ ଅନୁଯାୟୀ, ଭାରତ ସେପ୍ଟେମ୍ବର ୨୬ ତାରିଖରେ ବେଙ୍ଗାଲୁରୁଠାରେ ପାନାମା ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ। ଏହାପରେ କୋଲକାତାରେ ଅକ୍ଟୋବର ୩ରେ ବ୍ରାଜିଲ୍ ଏବଂ ଅକ୍ଟୋବର ୬ରେ ଉରୁଗୁଏ ବିପକ୍ଷରେ ମଇଦାନକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ପରେ ନଭେମ୍ବର ୧୨ ଓ ୧୫ ତାରିଖରେ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରି ଦୁଇଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ବିଶ୍ୱକପ୍ ଖେଳିଥିବା ଏଭଳି ଦୃଢ଼ ଦଳଗୁଡ଼ିକ ବିପକ୍ଷରେ ଖେଳିବା ଦ୍ୱାରା ଭାରତୀୟ ଫୁଟବଲ୍‌ର ମାନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଆନ୍ତର୍ଜାତୀୟ ମ୍ୟାଚ୍ ବ୍ୟତୀତ ଭାରତର ସବୁଠାରୁ ବଡ଼ ଫୁଟବଲ୍ ଲିଗ୍ 'ଇଣ୍ଡିଆନ୍ ସୁପର ଲିଗ୍' ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୭ ଅପ୍ରେଲ ୧୧ ପର୍ଯ୍ୟନ୍ତ ଚାଲିବ। ସେହିପରି ପ୍ରତିଷ୍ଠିତ ସନ୍ତୋଷ ଟ୍ରଫି ଜାତୀୟ ଚାମ୍ପିଅନସିପ୍ ନଭେମ୍ବର ୧୯ ରୁ ଆରମ୍ଭ ହେବାକୁ ଥିବା ବେଳେ ମହିଳା ଲିଗ୍ ସେପ୍ଟେମ୍ବର ୩ ରୁ ଆରମ୍ଭ ହେବ। ଏହାଛଡ଼ା ଭାରତ ଚଳିତ ବର୍ଷ ନଭେମ୍ବର ୨୨ ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ଇଉଉ ଅଣ୍ଡର-୧୭ ଏସିଆନ୍ କପ୍ କ୍ୱାଲିଫାୟର୍ସର ଆୟୋଜନ ମଧ୍ୟ କରିବ।

## ଓଲିଉଡରୁ ଲମ୍ବା ବ୍ରେକ୍ ନେବେ ଅଭିନେତ୍ରୀ

ଏଲିନାଭୁବନେଶ୍ୱର, ୨୯/୦୮ (ଜେଏନ୍‌ଏସ୍):ଓଡ଼ିଶା ସିନେମା ଜଗତ (ଓଲିଉଡ) ର ଅନ୍ୟତମ ଲୋକପ୍ରିୟ ତଥା ଶୀର୍ଷ ଅଭିନେତ୍ରୀ ଏଲିନା ସାମନ୍ତରାୟ ଚଳଚ୍ଚିତ୍ର ଜଗତରୁ କିଛି ଦିନ ପାଇଁ ଲମ୍ବା ବିରତି (ବ୍ରେକ୍) ନେବାକୁ ନିଷ୍ପତ୍ତି ନେଇଛନ୍ତି। ନିଜର ଚମତ୍କାର ଅଭିନୟ ଏବଂ ଗ୍ଲାମରସ ଅନ୍ଦାଜ ପାଇଁ ଦର୍ଶକଙ୍କ ହୃଦୟ ଜିତିଥିବା ଏହି ଅଭିନେତ୍ରୀଙ୍କ ଏଭଳି ନିଷ୍ପତ୍ତି ଏବେ ଓଲିଉଡ ସମେତ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।ସୂଚନା ଅନୁଯାୟୀ, ଗତ କିଛି ବର୍ଷ ଧରି ଏଲିନା ସିନେମା ପରଦାରେ ଲଗାତାର ସୁପରହିଟ୍ ଫିଲ୍ମ ଦେଇ ଆସୁଛନ୍ତି। ତେବେ ବ୍ୟକ୍ତିଗତ କାରଣ ଏବଂ ନିଜ ପାଇଁ କିଛି ସମୟ ବାହାର କରିବା ଉଦ୍ଦେଶ୍ୟରେ ସେ ଏହି ବ୍ରେକ୍ ନେଉଥିବା ଜଣାପଡ଼ିଛି। ସେ ନିଜର ଆଗାମୀ କିଛି ପ୍ରୋଜେକ୍ଟର ସୁଟିଂ ଶେଷ କରିବା ପରେ କିଛି ମାସ ପାଇଁ କୌଣସି ନୂଆ ସିନେମା ସାଇନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ନିଜକୁ ମାନସିକ ଓ ଶାରୀରିକ ଭାବେ ସତେଜ ରଖିବା ଏବଂ ପରିବାର ସହ ସମୟ ବିତାଇବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ହଠାତ୍ ବିରତି ଘୋଷଣା ପରେ ସିନେମା ପ୍ରେମୀମାନେ ତାଙ୍କୁ ପରଦାରେ ମିସ୍ କରିବେ ବୋଲି ସୋସିଆଲ ମିଡିଆରେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି।

## ବଦଳିବ କଳିଙ୍ଗ ଷ୍ଟୁଡିଓର ଚେହେରା

ଭୁବନେଶ୍ୱର,୨୯/୦୮ (ଜେଏନ୍‌ଏସ୍): ଓଡ଼ିଶା ସରକାର ଓଲିଉଡ୍ ଏବଂ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂଆ ଦିଗ ଦେବା ପାଇଁ ଭୁବନେଶ୍ୱରସ୍ଥିତ ଐତିହାସିକ କଳିଙ୍ଗ ଷ୍ଟୁଡିଓର ସମ୍ପୂର୍ଣ୍ଣ କାୟାକଳ୍ପ କରିବାକୁ ଏକ ବଡ଼ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ଏହି ପ୍ରୋଜେକ୍ଟ ମାଧ୍ୟମରେ କଳିଙ୍ଗ ଷ୍ଟୁଡିଓକୁ ପୂର୍ବ ଭାରତର ସବୁଠାରୁ ଆଧୁନିକ ଏବଂ ଅତ୍ୟାଧୁନିକ ଚଳଚ୍ଚିତ୍ର ନିର୍ମାଣ ହବ୍ ଭାବେ ଗଢ଼ି ତୋଳାଯାଉଛି। ଏହି ବୃହତ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି, ଯାହାର ତଦାରଖ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ




**ପୂର୍ବ ଭାରତର ସବୁଠୁ ବଡ଼ ଫିଲ୍ମ ଷ୍ଟୁଡିଓ ହେବ କଳିଙ୍ଗ ଷ୍ଟୁଡିଓ, ଓଡ଼ିଶା ସରକାରଙ୍କ ମାଷ୍ଟରପ୍ଲାନ**

ନିଗମ କରୁଛି। ସିନେମା ଶୁଟିଂ ପାଇଁ ଅତ୍ୟାଧୁନିକ ସାଉଣ୍ଡପ୍ରୁଫ୍ ଇନଡୋର ଷ୍ଟେଜ୍ ଏବଂ ବଡ଼ ବଡ଼ ଫ୍ଲୋର ନିର୍ମାଣ କରାଯାଉଛି। ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆକର୍ଷିତ କରିବା ପାଇଁ ଏଠାରେ କୃତ୍ରିମ ଗାଁ, ପୁରାତନ ମନ୍ଦିର, ବଜାର, ଏବଂ ବିଭିନ୍ନ ଐତିହାସିକ ସ୍ଥଳୀର ସ୍ଥାୟୀ ସେଟ୍ ତିଆରି କରାଯାଉଛି। କେବଳ ଶୁଟିଂ ନୁହେଁ, ବରଂ ଗୋଟିଏ ଛାତ ତଳେ ଚଳଚ୍ଚିତ୍ରର ଡବିଂ, ଏଡିଟିଂ, ଭିଜୁଆଲ୍ ଇଫେକ୍ଟସ, ଏବଂ କଲର ଗ୍ରେଡିଂ ଭଳି ହାଇ-ଟେକ୍ ପୋଷ୍ଟ-ପ୍ରଡକ୍ସନ ଷ୍ଟୁଡିଓ ମଧ୍ୟ ଉପଲବ୍ଧ ହେବ। ସାଧାରଣ ଜନତା ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏକ ମନୋରଞ୍ଜନ ଜୋନ୍, ମ୍ୟୁଜିୟମ୍, ଏବଂ ଫୁଡ୍ କୋର୍ଟ ନିର୍ମାଣ କରାଯାଉଛି, ଯେଉଁଠି ଲୋକେ ସିନେମା ଶୁଟିଂର ଅନୁଭୂତି ନେଇପାରିବେ। ଏହାଦ୍ୱାରା ଓଡ଼ିଶାର ସ୍ଥାନୀୟ କଳାକାର, ଟେକ୍ନିସିଆନ, ଏବଂ ଜୁନିଅର ଆର୍ଟିଷ୍ଟମାନଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହେବ ଏବଂ ବାହାର ରାଜ୍ୟର (ବଲିଉଡ ଓ ସାଉଥ) ପ୍ରଡକ୍ସନ ହାଉସ ମଧ୍ୟ ଓଡ଼ିଶା ଆସିବେ।

**ADVERTISEMENT TARIFF**

| | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |


# ନେହରୁ ଓ ସୁବାଷ ପରେ କାହା ପାଳି ?



ବର୍ତ୍ତମାନ ପର୍ଯ୍ୟନ୍ତ, ପଣ୍ଡିତ ନେହେରୁଙ୍କୁ ସବୁକିଛି ପାଇଁ ଦାୟୀ କରାଯାଉଥିଲା, ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କେବଳ ନେହେରୁଙ୍କୁ ନୀଚା କରିବା ପାଇଁ ପ୍ରଶଂସା କରାଯାଉଥିଲା । ହଠାତ୍ ଏବେ ସେହି ବ୍ରିଟିଶ ଦଲାଲଙ୍କ ଦଳ ସୁବାସ ବୋଷଙ୍କୁ ଦେଶଦ୍ରୋହୀ ପ୍ରମାଣ କରିବାରେ ଲାଗିଛନ୍ତି । ଏବେ, ଗାନ୍ଧୀ, ସୁଭାଷ ଏବଂ ଟାଗୋର ସମସ୍ତେ ବ୍ରିଟିଶ ଦଲାଲଙ୍କ ହିନ ମାନସିକତାର ଶିକାର ହେବାକୁ ଯାଉଛନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର - ଯେଉଁମାନେ ବିଗତ ଦିନରେ ବନ୍ଦେ ମାତରମ୍‌ର ଦୁଇଟି ପଦକୁ ଜାତୀୟ ଗୀତ ଭାବରେ ମନୋନୀତ କରିଥିଲେ, ସେମାନଙ୍କ ଉପରେ ମଧ୍ୟ ଏବେ ମୁସଲିମ ତୁଷ୍ଟୀକରଣର ଅଭିଯୋଗ କରାଯାଉଛି । ଏହା ସେଠାରେ ମଧ୍ୟ ସୀମିତ ନୁହେଁ; ଗାନ୍ଧୀ ଏବଂ ନେହେରୁଙ୍କ ସହିତ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଡକ୍ଟର ଆମ୍ବେଦକର ଏବଂ ସମଗ୍ର ସମ୍ବିଧାନ ସଭା ଭଳି ବ୍ୟକ୍ତିଙ୍କୁ କାଠଗଡ଼ାରେ ରଖାଯାଇଛି । ଆରଏସଏସ ଦୃଷ୍ଟିରେ, ଯେଉଁମାନେ ଭାରତକୁ ସ୍ୱାଧୀନତା ଦେଇଥିଲେ ଏବଂ ରାଷ୍ଟ୍ର ନିର୍ମାଣ କରିଥିଲେ ସେମାନଙ୍କୁ ମୁସଲିମ ତୁଷ୍ଟୀକରଣର ଦୋଷୀ ବିବେଚନା କରାଯାଉଛି ଏବଂ ସେମାନଙ୍କୁ ଦେଶପ୍ରେମୀ ବିବେଚନା କରାଯାଏ ନାହିଁ । ଏହା ହେଉଛି ଅମୃତ କାଳ (ଜାତୀୟ ନବୀକରଣର ଯୁଗ) । ବର୍ତ୍ତମାନ, ପ୍ରକୃତ ଜାତୀୟତାବାଦୀ ହେଉଛନ୍ତି ସେମାନେ, ଯେଉଁମାନେ ବ୍ରିଟିଶଙ୍କ ପାଇଁ ଗୁପ୍ତଚର ଥିଲେ, ଯେଉଁମାନେ ୫୨ ବର୍ଷ ଧରି ସେମାନଙ୍କ ମୁଖ୍ୟାଳୟରେ ତ୍ରିରଙ୍ଗା ଉତୋଳନ କରିନଥିଲେ, ଏବଂ ଯେଉଁମାନେ ସେମାନଙ୍କର ଶାଖା ରେ ବନ୍ଦେ ମାତରମ୍ ପରିବର୍ତ୍ତେ ନମସ୍ତେ ସଦା ବତ୍ସଲେ ଗାନ କରିଥିଲେ ।

ଏହା ଦେଖାଯାଉଛି ଯେପରି ଶହେ ବର୍ଷ ପରେ, ବ୍ରିଟିଶ ପରାଜୟର ପ୍ରତିଶୋଧ ଆମର ମହାନ ବିପ୍ଳବୀମାନଙ୍କଠାରୁ ନିଆଯାଇଛି । ତେଣୁ ଆଜିର ଯୁବସମାଜ ସଚେତନ ହେବା ଜରୁରୀ । ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଏକାଠି ଲଢ଼ିବା ନିହାତି ଆବଶ୍ୟକ । ଏଣୁ ମୋର ବିନୀତ ଅନୁରୋଧ କି ଆସନ୍ତୁ ଏକ ସୁସ୍ଥ ସମାଜ ଗଠନରେ ଆମେ ନିଜକୁ ନିୟୋଜିତ କରିବା ଓ ଜନ ଜାଗରଣ ଆନ୍ଦୋଳନ ରେ ସାମିଲ ହେବା । ଆମ ଓଡ଼ିଶା ଆମେ ଗଢ଼ିବା ।

**'କଥା ସ୍ୱାଭିମାନର ବିଚାର ଆପଣଙ୍କର'**



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra